ପୃଷ୍ଠା-୮+୪

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୧୩/୨୦୨୨ (୮+୪=୧୨ ପୃଷ୍ଠା) Bhubaneswar, Thursday, January 13/2022 ★★★★★★

୪୮ଶ ଭାଗ ୫୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



**ବୁମ୍‌ରାଙ୍କୁ ୫ ଉଇକେଟ**
କେପ୍‌ଟାଉନରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ୫ ଉଇକେଟ ସଫଳତା ପାଇଛନ୍ତି ଭାରତର ଯଶପ୍ରୀତ୍ ବୁମ୍‌ରା। ୦୮

୦୭ **ଦ ଲେଡି କିଲର୍‌ରେ ଭୂମି**
ବଲିଉଡ ଅଭିନେତ୍ରୀ ଭୂମି ପେଡ୍‌ନେକର ସସ୍‌ପେନ୍ସ ଡ୍ରାମା ଫିଲ୍ମ 'ଦ ଲେଡି କିଲର'ରେ ଅଭିନେତା ଅର୍ଜୁନ କପୁରଙ୍କ ସହ ସ୍କ୍ରିନ୍ ଶେୟାର କରିବେ।



**ଅଦିନିଆ ବର୍ଷାପାଇଁ ଚାଷୀଙ୍କ ଫସଲ ନଷ୍ଟ !**




# ସମାବେଶ, ରାଲି ମନା

## ପଞ୍ଚାୟତ ନିର୍ବାଚନ: କଠୋର ହେଲା କଟକଣା

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମ୍ପର୍କିତ କୌଣସି ଜନସମାବେଶ ରାଜ୍ୟରେ ହୋଇପାରିବ ନାହିଁ। ସେହିପରି ରୋଡ୍ ଶୋ, ପଦଯାତ୍ରା, ସାଇକେଲ, ବାଇକ ଓ ଅନ୍ୟାନ୍ୟ ଗାଡ଼ି ଶୋଭାଯାତ୍ରାକୁ ବାରଣ କରାଯାଇଛି। ବିଜୟ ଶୋଭାଯାତ୍ରା ମଧ୍ୟ ହେବ ନାହିଁ। ଏନେଇ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆରସି)ଙ୍କ ପକ୍ଷରୁ ବୁଧବାର ନୂଆ ଗାଇଡ୍‌ଲାଇନ ଜାରି କରାଯାଇଛି।**



- **ନିର୍ବାଚନ ପ୍ରଚାରରେ ଯାଇପାରିବେ ସର୍ବାଧିକ ୫ ଜଣ**
- **ନାମାଙ୍କନ ଦାଖଲ ଲାଗି ପ୍ରାର୍ଥୀଙ୍କ ସାଙ୍ଗରେ ଯିବେ କେବଳ ପ୍ରସ୍ତାବକ**

ଭୁବନେଶ୍ୱର,୧୨।୧(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ମାମଲା ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି। ଏଭଳି ସ୍ଥିତିରେ କୋଭିଡ୍ କଟକଣାକୁ ମାନି ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଫେବୃୟାରୀ ୧୬ରୁ ୨୪ ଯାଏ ୫ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆର୍‌ସି) ୫ତାରିଖରେ ଜାରି କରିଥିବା ଗାଇଡ୍‌ଲାଇନ ଅନୁଯାୟୀ ରାଜନୈତିକ କାର୍ଯ୍ୟକ୍ରମ, ରାଲି, ବୈଠକ ଆଦିରେ ସର୍ବାଧିକ ୧୦୦ ଜଣ ଏବଂ କୋଠରି ସିଟ୍ କ୍ଷମତାର ୫୦% ପର୍ଯ୍ୟନ୍ତ ଲୋକଙ୍କୁ ସାମିଲ ହେବାକୁ ଅନୁମତି ମିଳିଥିଲା। କିନ୍ତୁ ରାଜ୍ୟ ନିର୍ବାଚନ କମିଶନରଙ୍କ ଜାନୁୟାରୀ ୧୦ ତାରିଖ ଚିଠି ଆଧାରରେ ଏସ୍ଆର୍‌ସି ବୁଧବାର ଗାଇଡ୍‌ଲାଇନରେ ପରିବର୍ତ୍ତନ ଆଣି ରାଜନୈତିକ ସମାବେଶ, ରାଲି ଉପରେ ରୋକ ଲଗାଇଛନ୍ତି।

ଏସ୍ଆର୍‌ସିଙ୍କ ନୂଆ ଗାଇଡ୍‌ଲାଇନରେ ଜଣେ ପ୍ରାର୍ଥୀଙ୍କୁ ସର୍ବାଧିକ ୫ଜଣ ସମର୍ଥକଙ୍କୁ ନେଇ ଘରକୁ ଘର ବୁଲି ପ୍ରଚାର କରିବାକୁ ଅନୁମତି ଦିଆଯାଇଛି। ପ୍ରଚାର ସମୟରେ ସାମାଜିକ ଦୂରତା ଓ ମାସ୍କ ପିନ୍ଧିବାକୁ ଜରୁରୀ କରାଯାଇଛି। ସାମାଜିକ ଓ ବୈଦ୍ୟୁତିକ ଗଣମାଧ୍ୟମ ଜରିଆରେ ପ୍ରଚାରକୁ ଯଥାସମ୍ଭବ ପ୍ରାଥମିକତା ଦେବାକୁ କୁହାଯାଇଛି। କୋଭିଡ୍ ସଂକ୍ରମିତ ପ୍ରାର୍ଥୀ ବ୍ୟକ୍ତିଗତ ଭାବେ ବୁଲି ପ୍ରଚାର କରିପାରିବେ ନାହିଁ। ସେହିପରି ରାଜନୈତିକ ଦଳ ଏବଂ ପ୍ରାର୍ଥୀମାନେ କୋଭିଡ୍ ଗାଇଡ୍‌ଲାଇନ ପାଳନକରି ନିଜର ପ୍ରଚାରକୁ ଡିଜିଟାଲ, ଭର୍ଚୁଆଲ, ମିଡିଆ ପ୍ଲାଟ୍‌ଫର୍ମ, ମୋବାଇଲ ଆଦି ମାଧ୍ୟମରେ କରିବାକୁ ପରାମର୍ଶ ଦିଆଯାଇଛି। ରୋଡ୍ ଶୋ, ପଦଯାତ୍ରା, ସାଇକେଲ, ବାଇକ୍‌ରେ ରାଲି ଓ ଅନ୍ୟାନ୍ୟ ଶୋଭାଯାତ୍ରା ଉପରେ କଟକଣା ଜାରି ହୋଇଛି। ରାଜନୈତିକ ଦଳ କିମ୍ବା ସମ୍ଭାବ୍ୟ ପ୍ରାର୍ଥୀଙ୍କ ଦ୍ୱାରା କୌଣସି ପ୍ରକାର ରାଲି କିମ୍ବା ନିର୍ବାଚନ ସଂକ୍ରାନ୍ତରେ ଅନ୍ୟ କୌଣସି ଗୋଷ୍ଠୀର ରାଲିକୁ ଅନୁମତି ମିଳିବନାହିଁ। ସେହିପରି ଭୋଟ୍ ଗଣତି ପରେ ବିଜୟ ଶୋଭାଯାତ୍ରା ମଧ୍ୟ ପ୍ରାର୍ଥୀମାନେ କରିପାରିବେ ନାହିଁ। ବିଜୟୀ ପ୍ରାର୍ଥୀଙ୍କ ସହ ସର୍ବାଧିକ ୨ ଜଣ ଯାଇପାରିବେ। ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କ ବିଭିନ୍ନ ୱାର୍ଡରେ ଥିବା କ୍ୟାମ୍ପ ଅଫିସରେ ମାସ୍କ ପିନ୍ଧିବା ଓ ହାତ ଧୋଇବା ପାଇଁ ସାନିଟାଇଜର ରହିବା ବାଧ୍ୟତାମୂଳକ। ପ୍ରଚାରବେଳେ ଭୋଟରମାନଙ୍କୁ ମଧ୍ୟ ମାସ୍କ ପିନ୍ଧିବା ଓ ହାତ ସାନିଟାଇଜ କରିବାକୁ ପ୍ରାର୍ଥୀମାନେ ପ୍ରୋତ୍ସାହିତ କରିବେ। ଲୋକଙ୍କ ଗହଳି ହ୍ରାସ ଲାଗି ରାଜ୍ୟ ନିର୍ବାଚନ ☞ପୃଷ୍ଠା-୪

**ଗଡ଼ିଲା ସୂର୍ଯ୍ୟ ରଥ**



ଶାମ୍ବ ଦଶମୀ ଅବସରରେ କୋଣାର୍କର ଅବଧୂତ ମଠ ପକ୍ଷରୁ ବୁଧବାର ଚନ୍ଦ୍ରଭାଗା ବେଳାଭୂମି ଅଭିମୁଖେ ବାହାରିଥିବା ସୂର୍ଯ୍ୟରଥ। (ରିପୋର୍ଟ: ପୃଷ୍ଠା-୩)

# ହୋର୍ଡିଂ, ପୋଷ୍ଟର ହଟାଅ

## ଜିଲାପାଳମାନଙ୍କୁ ଏସ୍‌ଇସିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୨।୧(ବ୍ୟୁରୋ)

ବିଭିନ୍ନ ଜିଲାର ସରକାରୀ କାର୍ଯ୍ୟାଳୟ ଏବଂ ସର୍ବସାଧାରଣରେ ଲାଗିଥିବା ସରକାରଙ୍କ ବିଭିନ୍ନ ସଫଳତା ସମ୍ବଳିତ ହୋର୍ଡିଂ ଏବଂ ପୋଷ୍ଟର ଖୋଲାଯିବ। ଏବେ ରାସ୍ତାଘାଟରେ ନେତା କିମ୍ବା ମନ୍ତ୍ରୀଙ୍କ ଫଟୋ ଥିବା ପୋଷ୍ଟର ଲାଗିପାରିବ ନାହିଁ ବୋଲି ରାଜ୍ୟ ନିର୍ବାଚନ କମିଶନର (ଏସ୍‌ଇସି)ଙ୍କ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି କେତେକ ସରକାରୀ ଗାଡ଼ିରେ ମଧ୍ୟ ସରକାରଙ୍କ ବିଭିନ୍ନ ଯୋଜନା ନେଇ ତିଆରି ହୋଇଥିବା ପୋଷ୍ଟର ଲାଗିଛି। ଅନ୍ୟ କେତେକ ଗାଡ଼ି ମନ୍ତ୍ରୀ ଏବଂ ରାଜନେତାଙ୍କ ଫଟୋ ମାରି ବୁଲୁଛନ୍ତି। ସେସବୁ ଆଦର୍ଶ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଛି। ତେଣୁ ଯଥାଶୀଘ୍ର ହୋର୍ଡିଂ ଓ ପୋଷ୍ଟର ଖୋଲିବାକୁ ନିର୍ବାଚନ କମିଶନ ବୁଧବାର ଚିଠି ଜରିଆରେ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ପଞ୍ଚାୟତ ନିର୍ବାଚନ ନେଇ ଘୋଷଣା ହେବାପରେ ରାଜ୍ୟ ରାଜନୀତି ଚଳଚଞ୍ଚଳ ହୋଇଉଠିଛି। କୋଭିଡ୍ ମହାମାରୀ କଟକଣା ଭିତରେ କିଭଳି ସୁରୁଖୁରୁରେ ୫ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ହେବ ତାହାକୁ ନେଇ ପ୍ରସ୍ତୁତି ମଧ୍ୟ ଜୋର୍‌ଦାର ଚାଲିଛି।

ଆସନ୍ତା ୧୭ରୁ ୨୧ ତାରିଖ ମଧ୍ୟରେ ନାମାଙ୍କନ ଦାଖଲ ହେବାକୁ ଥିବାବେଳେ ଫେବୃୟାରୀ ୧୬ରୁ ରାଜ୍ୟରେ ୫ ପର୍ଯ୍ୟାୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ତାରିଖ ଘୋଷଣା ହେବାଠାରୁ ସମଗ୍ର ରାଜ୍ୟରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ତେଣୁ ଆଚରଣବିଧି କିପରି ଉଲ୍ଲଂଘନ ନ ହେବ ଏବଂ ନିର୍ବାଚନ କିପରି ସୁରୁଖୁରୁରେ ହେବ ସେନେଇ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ୧୫ତାରିଖରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲାପାଳ ଏବଂ ଏସ୍‌ପିମାନଙ୍କ ସହ କରିବେ। ଏଥିରେ ପୋଲିସ ଡେପୁଟି କମିଶନର, ରାଜସ୍ୱ କମିଶନର, ରେଞ୍ଜ ଆଇଜି ଏବଂ ଡିଆଇଜିମାନେ ମଧ୍ୟ ସାମିଲ ହେବେ। ଏହାସହ ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଗୃହ ସଚିବ ଏବଂ ପଞ୍ଚାୟତିରାଜ ବିଭାଗର ସଚିବ ପ୍ରମୁଖ ଉପସ୍ଥିତ ରହିବେ।

# ଭୁବନେଶ୍ୱର, ବ୍ରହ୍ମପୁରରେ ମହିଳା ମେୟର

- **କଟକ ମେୟର ପଦବୀ ଅଣସଂରକ୍ଷିତ**
- **ଚିଠା ବିଜ୍ଞପ୍ତି ପ୍ରକାଶ**

ଭୁବନେଶ୍ୱର,୧୨।୧(ବ୍ୟୁରୋ)

ନିର୍ବାଚନ ହେବାକୁ ଥିବା ରାଜ୍ୟର ୩ ପ୍ରମୁଖ ମହାନଗର ନିଗମ(ଭୁବନେଶ୍ୱର,କଟକ ଏବଂ ବ୍ରହ୍ମପୁର)ର ମେୟର ପଦବୀର ସଂରକ୍ଷଣ ସମ୍ପର୍କିତ ଚିଠା ବିଜ୍ଞପ୍ତି ବୁଧବାର ପ୍ରକାଶ ପାଇଛି। ରାଜଧାନୀ ଭୁବନେଶ୍ୱର ସହ ଦକ୍ଷିଣ ଓଡ଼ିଶାର ପ୍ରମୁଖ ସହର ବ୍ରହ୍ମପୁର ମହାନଗର ନିଗମ ମେୟର ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ସେହିପରି କଟକ ମହାନଗର ନିଗମର ମେୟର ପଦବୀ ଅଣସଂରକ୍ଷିତ ରହିଛି। ଓଡ଼ିଶା ମ୍ୟୁନିସିପାଲ କର୍ପୋରେଶନ ନିୟମ-୨୦୦୩ (ଓଡ଼ିଶା ନିୟମ, ୧୧ ଅଫ୍ ୨୦୦୩) ର ଧାରା ୧୪ର ଉପଧାରା (୩) (୪) ଏବଂ ଓଡ଼ିଶା ମ୍ୟୁନିସିପାଲ କର୍ପୋରେଶନ (ସିଟିର ୱାର୍ଡଗୁଡ଼ିକର ଭାଗ, ଆସନ ସଂରକ୍ଷଣ ଏବଂ ନିର୍ବାଚନ ପରିଚାଳନା) ନିୟମ-୨୦୦୩ର ନିୟମ ୮୦ର ଉପନିୟମ(୮) ଆଧାରରେ ଏହି ଚିଠା ପ୍ରସ୍ତାବ ପ୍ରକାଶ ପାଇଛି। ପ୍ରସ୍ତାବ ଉପରେ ସର୍ବସାଧାରଣଙ୍କଠାରୁ ଅପିଲ ଏବଂ ପ୍ରସ୍ତାବ ଆହ୍ୱାନ କରାଯାଇଛି। ବିଜ୍ଞପ୍ତି ପ୍ରକାଶ କରାଯିବାର ୧୫ ଦିନ ପର୍ଯ୍ୟନ୍ତ ରାଜ୍ୟ ପୌର ପ୍ରଶାସନର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଏନେଇ ଅପିଲ ଓ ପ୍ରସ୍ତାବ ରଖାଯିବ। ସଂଶୋଧନ ଆବଶ୍ୟକ ହେଲେ ଚୂଡ଼ାନ୍ତ ସଂରକ୍ଷଣ ତାଲିକା ପ୍ରକାଶ ପାଇବ ବୋଲି ଜଣାପଡ଼ିଛି।

# ପୁଣି ସୁପ୍ରିମକୋର୍ଟ ଗଲା ଓଡ଼ିଶା



## କୋଟିଆ ସୀମା ବିବାଦ

ନୂଆଦିଲ୍ଲୀ,୧୨।୧

କୋରାପୁଟ ଜିଲାର କୋଟିଆ ଅଞ୍ଚଳ ସୀମା ବିବାଦକୁ ନେଇ ଓଡ଼ିଶା ସରକାର ବୁଧବାର ପୁଣିଥରେ ଆନ୍ଧ୍ର ସରକାରଙ୍କ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆନ୍ଧ୍ର ସହ ଦୀର୍ଘବର୍ଷ ଧରି ଲାଗିରହିଥିବା ଆନ୍ତଃରାଜ୍ୟ ସୀମା ବିବାଦର ସମାଧାନ ନିମନ୍ତେ କୋଟିଆ ପ୍ରସଙ୍ଗରେ ସ୍ପଷ୍ଟ ରାୟ ଦେବା ଲାଗି ଓଡ଼ିଶା ସରକାର ସାନି ଆବେଦନ କରିଛନ୍ତି। କୋଟିଆରେ ରହିଥିବା ସମସ୍ତ ଗ୍ରାମ ଓଡ଼ିଶା ସୀମା ଭିତରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ପ୍ରଯୁକ୍ତି ଓ ଗଣତନ୍ତ୍ର**

# ମହଙ୍ଗା ମାଡ଼ ଜାରି

## ଡିସେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୫.୫୯%କୁ ବୃଦ୍ଧି

ନୂଆଦିଲ୍ଲୀ, ୧୨।୧

ଦେଶରେ ମହଙ୍ଗା ମାଡ଼ ଜାରି ରହିଛି। ଖାଉଟିଙ୍କୁ ଦରଦାମ ବୃଦ୍ଧିଜନିତ ବୋଝରୁ ଆଶ୍ୱସ୍ତି ମିଳିପାରୁନାହିଁ। ଖାଦ୍ୟ ସାମଗ୍ରୀରେ ଅହେତୁକ ମୂଲ୍ୟବୃଦ୍ଧି ଯୋଗୁ ଖୁଚୁରା ମୁଦ୍ରାସ୍ଫୀତି ଗତ ନଭେମ୍ବର ତୁଳନାରେ ଡିସେମ୍ବରରେ ଲମ୍ଫ ଡିଆଁ ମାରିଛି। ଖାଉଟି ମୂଲ୍ୟ ସୂଚକାଙ୍କ (ସିପିଆଇ) ଦ୍ୱାରା ମପାଯାଉଥିବା ଦେଶର ଖୁଚୁରା ମୁଦ୍ରାସ୍ଫୀତି ୨୦୨୧ ଡିସେମ୍ବରରେ ୫.୫୯% ରହିଛି, ଯାହାକି ଗତ ନଭେମ୍ବରରେ ୪.୯୧%, ଅକ୍ଟୋବରରେ ୪.୪୮% ଏବଂ ସେପ୍ଟେମ୍ବରରେ ୪.୩୫% ରହିଥିଲା। ଏହା ଜୁଲାଇ ୨୦୨୧ ପରଠାରୁ ସବୁଠୁ ଅଧିକ। ଫଳରେ ୨୦୨୧-୨୨ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ (ଅକ୍ଟୋବରରୁ ଡିସେମ୍ବର)ରେ ହାରାହାରି ସିପିଆଇ ମୁଦ୍ରାସ୍ଫୀତି ୫% ରହିଛି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଏହି ତ୍ରୈମାସିକରେ ସିପିଆଇ ମୁଦ୍ରାସ୍ଫୀତି ୫.୧% ରହିବ ବୋଲି ପୂର୍ବାନୁମାନ କରିଥିଲା।

ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ପ୍ରକାଶିତ ତଥ୍ୟ ଅନୁଯାୟୀ ଉତ୍ପାଦିତ ସାମଗ୍ରୀର ମୂଲ୍ୟ ବୃଦ୍ଧି ଯୋଗୁ ମହଙ୍ଗା ବଢ଼ିଛି। ୨୦୨୧ ଡିସେମ୍ବରରେ ଖାଦ୍ୟ ମୁଦ୍ରାସ୍ଫୀତି ୪.୦୫%କୁ ବୃଦ୍ଧି ପାଇଛି। ଗତ ନଭେମ୍ବରରେ ଏହାର ଅଭିବୃଦ୍ଧି ୧.୮୭% ଥିଲା। ୨୦୨୦ ଡିସେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୪.୫୯% ଏବଂ ଖାଦ୍ୟ ମୁଦ୍ରାସ୍ଫୀତି ୩.୪୧% ରହିଥିଲା। ଖାଦ୍ୟଶସ୍ୟ, ଅଣ୍ଡା, ଦୁଗ୍ଧ ଉତ୍ପାଦ ସାମଗ୍ରୀ ଓ ପ୍ରସ୍ତୁତ ଭୋଜନ ମୂଲ୍ୟରେ ବୃଦ୍ଧି ଯୋଗୁ ଡିସେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୫.୫୯% ହୋଇଛି ଏବଂ ଆର୍‌ବିଆଇର ଧାର୍ଯ୍ୟ ମୁଦ୍ରାସ୍ଫୀତି ଲକ୍ଷ୍ୟର ଉଚ୍ଚ ସୀମା (୨%ରୁ ୬%) ନିକଟତର ହୋଇଛି। ସେହିପରି ୩୯ଜଣ ଅର୍ଥଶାସ୍ତ୍ରୀଙ୍କ ମତକୁ ଆଧାର କରି ରୟଟର୍ସ ପକ୍ଷରୁ ଡିସେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୫.୮% ରହିବ ବୋଲି ପୂର୍ବାନୁମାନ କରାଯାଇଥିଲା। ଆର୍‌ବିଆଇ ଦ୍ୱିମାସିକ ମୁଦ୍ରା ନୀତି ସ୍ଥିର କରିବାବେଳେ ମୁଖ୍ୟତଃ ଖାଉଟି ମୂଲ୍ୟ ସୂଚକାଙ୍କ ଉପରେ ଧ୍ୟାନ ଦେଉଛି। ☞ପୃଷ୍ଠା-୪

# ମେଡିକାଲ ସିଟ୍ ସଂଖ୍ୟା ବୃଦ୍ଧି

ଭୁବନେଶ୍ୱର, ୧୨।୧(ବ୍ୟୁରୋ)

ଚଳିତ ବର୍ଷ ରାଜ୍ୟରେ ମେଡିକାଲ ସିଟ୍ ସଂଖ୍ୟା ୧,୩୫୦ରୁ ବୃଦ୍ଧି ପାଇ ୧,୪୫୦ ହୋଇଛି। ପ୍ରଥମଥର ପାଇଁ ପୁରୀ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ପାଇଁ ୧୦୦ ସିଟ୍‌ରେ ଛାତ୍ରୀଛାତ୍ରଙ୍କ ନାମଲେଖା ହେବ। ବୁଧବାରଠାରୁ ରାଜ୍ୟରେ ମେଡିକାଲ କାଉନ୍‌ସେଲିଂ ଆରମ୍ଭ ହୋଇ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ପିଲାଙ୍କ ସୁବିଧା ପାଇଁ ୧୯ ତାରିଖ ପର୍ଯ୍ୟନ୍ତ ସମୟ ସୀମା ବୃଦ୍ଧି ହୋଇଛି। ଅନ୍‌ଲାଇନରେ ଆବେଦନ ସହ ଡକ୍ୟୁମେଣ୍ଟ ଯାଞ୍ଚ ଓ ଫି' ଦାଖଲ ହେବ। ପ୍ରଥମଥର ପାଇଁ ଚଳିତ ବର୍ଷ ଅର୍ଥାତ୍ ଆସନ୍ତା ୨୪ ତାରିଖରେ ପ୍ରୋଭିଜନାଲ ଲିଷ୍ଟ ପ୍ରକାଶ ପାଇବ। ଆପତ୍ତି ଅଭିଯୋଗ ପାଇଁ ୨୫ ଓ ୨୬ ତାରିଖ ସମୟ ଦିଆଯାଇଛି। ସେହିପରି ୨୭ ତାରିଖରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ ବୋଲି ଓଜେଇଇ ଅଧ୍ୟକ୍ଷ ସୁଦୀପ ଚାନ୍ଦ ସୂଚନା ଦେଇଛନ୍ତି।

# ଓସିଏସ୍ ମେନ୍: ଚିନ୍ତାରେ ପରୀକ୍ଷାର୍ଥୀ

ଭୁବନେଶ୍ୱର, ୧୨।୧(ବ୍ୟୁରୋ)

ରାଜ୍ୟରେ କରୋନା ଏବେ ଉପରମୁହାଁ ରହିଛି। ଆହୁରି ଦୁଇମାସ ଏହି ଧାରା ଜାରି ରହିବ ବୋଲି ସ୍ୱାସ୍ଥ୍ୟ ବିଭାଗ କହିସାରିଲାଣି। ଏଭଳି ସ୍ଥିତିରେ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ପରୀକ୍ଷା କିଭଳି ଦେବେ, ତାହାକୁ ନେଇ ପରୀକ୍ଷାର୍ଥୀ ଚିନ୍ତାରେ ପଡ଼ିଯାଇଛନ୍ତି। ଆସନ୍ତା ୨୦ ତାରିଖରୁ ଓପିଏସ୍‌ସିର ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ମେନ୍ ପରୀକ୍ଷା ଆରମ୍ଭ ହେବ। ୪,୭୫୪ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ରାଜ୍ୟର ୫ଟି ସହରରେ ପରୀକ୍ଷା ଅନୁଷ୍ଠିତ ହେବ। ଫେବୃୟାରୀ ୮ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପରୀକ୍ଷା ପାଇଁ ମଙ୍ଗଳବାର ଓପିଏସ୍‌ସି ଆଡ୍‌ମିଟ୍ କାର୍ଡ ମଧ୍ୟ ଦେଇ ସାରିଛି। ତେଣୁ ପରୀକ୍ଷା ହେବା ନିଶ୍ଚିତ ହୋଇଥିଲେ ମଧ୍ୟ କରୋନା ସ୍ଥିତି ପାଇଁ ଯୋଗ୍ୟ ବିବେଚିତ ସମସ୍ତ ପ୍ରାର୍ଥୀ ପରୀକ୍ଷାରେ ଯୋଗଦେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଅଧିକାଂଶ ପିଲା ଏହି ପରୀକ୍ଷାକୁ ସ୍ଥଗିତ ରଖିବାକୁ ଚାହିଁଛନ୍ତି। ଏନେଇ କେତେଜଣ ପରୀକ୍ଷାର୍ଥୀ ରାଜ୍ୟ ସରକାରଙ୍କ ଦୃଷ୍ଟିଗୋଚର କରିଛନ୍ତି।

ଏ ସମ୍ପର୍କରେ ପରୀକ୍ଷାର୍ଥୀ ପୂଜା ବରାଳ କହିଛନ୍ତି, ଜାନୁୟାରୀ ଶେଷ ଓ ଫେବୃୟାରୀ ଆରମ୍ଭ ବେଳକୁ କରୋନା ପିକ୍‌ରେ ଥିବ।




ଏହି ସମୟରେ ଅଫ୍‌ଲାଇନ୍ ପରୀକ୍ଷା ଦେବା ସମ୍ଭବ ନୁହେଁ। ପରୀକ୍ଷା ସମୟରେ ଆମେ ଯଦି ସଂକ୍ରମିତ ହେବୁ, ପୂରା ପରୀକ୍ଷା ଦେଇପାରିବୁ ନାହିଁ। ଫଳରେ ଆମର ଗୋଟେ ବର୍ଷ ନଷ୍ଟ ହେବ। ଚିନ୍ତା ବି ବଢ଼ିବ। ତେଣୁ ପରୀକ୍ଷାକୁ ସ୍ଥଗିତ କରିଦେବା ଉଚିତ। ଯଦି ବି ପରୀକ୍ଷା କରୁଛନ୍ତି, ତେବେ ସବୁ ପ୍ରକାର କୋଭିଡ୍ ଗାଇଡ୍‌ଲାଇନ୍‌କୁ ପାଳନ କରିବା ଉଚିତ। ଯଦି କେହି ପିଲା ସଂକ୍ରମିତ ହୁଅନ୍ତି, ତେବେ ସେମାନଙ୍କ ପାଇଁ ପରୀକ୍ଷା କେନ୍ଦ୍ରରେ ସ୍ୱତନ୍ତ୍ର ହଲ୍ କରାଯାଉ।

ଛାତ୍ର ରୋହିତ ବିଶ୍ୱାଳ କହିଛନ୍ତି, ମୁଁ କନ୍ଧମାଳରେ ରୁହେ। ମୋର ଭୁବନେଶ୍ୱରରେ ପରୀକ୍ଷା କେନ୍ଦ୍ର ପଡ଼ିଛି। ଏତେଦିନ ପରୀକ୍ଷା ପାଇଁ ଭୁବନେଶ୍ୱରରେ କେଉଁଠି ରହିବି ଜାଣି ପାରୁନାହିଁ। କାରଣ ଭୁବନେଶ୍ୱରରେ ହଷ୍ଟେଲ ବନ୍ଦ ରହିଛି। ଏତିକି ଦିନ ପାଇଁ ଘର ଭଡ଼ା ନେଇକି ମଧ୍ୟ ରହି ହେବ ନାହିଁ। ଏପରି ସ୍ଥିତିରେ ପରୀକ୍ଷା ଦେବା କଷ୍ଟକର। ଆଉଜଣେ ଛାତ୍ର କାର୍ତ୍ତିକ ବେହେରା କହିଛନ୍ତି, ଏବେ ବହୁ ଛାତ୍ରୀଛାତ୍ର କରୋନାରେ ସଂକ୍ରମିତ ହୋଇ ଆଇସୋଲେଶନରେ ଅଛନ୍ତି। ସେମାନଙ୍କ ପାଠପଢ଼ା ବି ପ୍ରଭାବିତ ହୋଇଛି। ସେହିଭଳି ଜାନୁୟାରୀ ଶେଷ ☞ପୃଷ୍ଠା-୪

# ପ୍ରେମର ନୂଆ ଫଣ୍ଡା


ଜ୍ୟୋତି

**ପ୍ରେ**ମ ନିବେଦନର ତରିକା ଭିନ୍ନ ଭିନ୍ନ। ହେଲେ ତା' ଭିତରେ ଯିଏ ଅସଲ ପ୍ରେମରେ ମସ୍‌ଗୁଲ ଥାଏ, ସେମାନଙ୍କ ମଧ୍ୟରୁ କେତେକେ ଏହି ମିଶନରେ ସକ୍‌ସେସ୍ ହୋଇଥାଆନ୍ତି। ବେଳେବେଳେ ପ୍ରେମ ଏପରି ପରିସ୍ଥିତି ଧାରଣ କରେ ଯାହା ପ୍ରେମୀଯୁଗଳଙ୍କ ମନକୁ ଆନ୍ଦୋଳିତ କରିଥାଏ। ସେଭଳି ଏକ ଭିନ୍ନ ଧରଣର କାହାଣୀକୁ ନେଇ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା, ଯାହାର ଟାଇଟଲ ରହିଛି 'ଲଭ୍ ୪୨୦'। ମୁନ୍ ମୁଭିଜ ବ୍ୟାନରରେ ଏହି ଫିଲ୍ମଟିର ପ୍ରଯୋଜନା କରିଛନ୍ତି ସଚିକାନ୍ତ ଜେନା ଏବଂ ବିନ୍ନି ପଟ୍ଟନାୟକ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ମୃତ୍ୟୁଞ୍ଜୟ ସାହୁ (ବାପି)। ଏହି ଫିଲ୍ମର ଲିଡ୍ ରୋଲରେ ଅଭିନୟ କରୁଛନ୍ତି ଜ୍ୟୋତି ଏବଂ ଶୀତଲ। ଫିଲ୍ମଟିର ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ଏଥିରେ ସଂଯୋଜିତ ଗୀତଗୁଡ଼ିକର ସ୍ୱର ସଂଯୋଜନା କରିଛନ୍ତି ଅଭିଜିତ ମଜୁମ୍‌ଦାର। ଜ୍ୟୋତି-ଶୀତଲ ଯୋଡ଼ି ବ୍ୟତୀତ ଏଥିରେ ପ୍ରଦ୍ୟୁମ୍ନ ଲେଙ୍କା ଏବଂ ରବି ମିଶ୍ରଙ୍କୁ ମଧ୍ୟ ଦେଖିବାକୁ ମିଳିବ।

## ଅତୀତରୁ

- ରମେଶ ମହାନ୍ତିଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର 'ବତାସୀ ଝଡ଼'। ଏହାର ନାୟକ ଭୂମିକାରେ ଅଭିନୟ କରିଥିଲେ ଅକ୍ଷୟ ମହାନ୍ତି (କାଶ୍ୟପ)। ଏଥିରେ କାଶୀ ରଥ, ଜୟାଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା।
- କାମିନୀ ପିକ୍ଚର୍ସ, ରାଉରକେଲା ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'କାଚଘର'। ଏହାର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଥିଲେ ବ୍ୟୋମକେଶ ତ୍ରିପାଠୀ। ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ସୁରେଶ, ଜ୍ୟୋତ୍ସ୍ନା, ବିନୋଦ, ବିନି ଆଦି କଳାକାର।
- ଓଡ଼ିଆ ଚଳଚ୍ଚିତ୍ର 'ରକ୍ତ ଗୋଲାପ'ର ନାୟକ ଭୂମିକାରେ ଅଭିନୟ କରିଥିଲେ ଶ୍ରୀରାମ ପଣ୍ଡା ଏବଂ ତାଙ୍କର ନାୟିକା ସାଜିଥିଲେ ସେ ସମୟର ଅନ୍ୟତମ ଲୋକପ୍ରିୟ ନାୟିକା ବନଜା ମହାନ୍ତି।
- ଅଜିତ ଦାସ-ମହାଶ୍ୱେତା ରାୟଙ୍କୁ ନେଇ ନିର୍ମିତ ହୋଇଥିଲା 'ବାଟ ଅବାଟ'। ଏହାର ନିର୍ଦ୍ଦେଶନା ଦେଇଥିଲେ ବୃନ୍ଦାବନ ଜେନା
- ଓଡ଼ିଆ ଚଳଚ୍ଚିତ୍ର 'ଅକ୍ଷୟ ତୃତୀୟା'ରେ ଶରତ ପୂଜାରୀ, ଅନିତା ଦାସ, ଦୀପା ସାହୁ ପ୍ରମୁଖ କଳାକାର ଅଭିନୟ କରିଥିଲେ।


କ୍ୟାଟ୍ରିନା

# ମିଳିଗଲେ ଷ୍ଟଣ୍ଟ ଗୁରୁ

**କ୍ୟା**ଟ୍ରିନା ଯାହା ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। ନିକଟରେ ସେ ତ ହାତକୁ ଦି' ହାତ ହୋଇସାରିଛନ୍ତି। ପୁଣି କ'ଣ ଏମିତି ଆଶା ଥିଲା ଯେ ତାହା ପୂରଣ ହେବା ପରେ ସେ ଏତେ ଖୁସି ଅଛନ୍ତି। କଥା କ'ଣ କି, ସେ ସାଇନ୍ କରିଥିବା ନୂଆ ସିନେମାରେ ତାଙ୍କୁ କେତୋଟି ଷ୍ଟଣ୍ଟ ଶଟ୍ ଦେବାକୁ ପଡ଼ିବ। ତେଣୁ ଏପରି ଶଟ୍ ବିଷୟରେ ଟ୍ରେନିଂ ନେବାକୁ ସେ ଜଣେ ଗୁରୁ ସନ୍ଧାନରେ ଥିଲେ। ନିକଟରେ ଅକ୍ଷୟ କୁମାରଙ୍କ ସହ ତାଙ୍କର ଭେଟ ହୋଇଯାଇଥିଲା। ବାସ୍, ତାଙ୍କୁ ନିଜ ପ୍ରୋବ୍ଲେମ ବିଷୟରେ କହିବାରୁ ଅକ୍ଷୟ ନିଜ ପଟୁ ସହଯୋଗର ହାତ ବଢ଼ାଇଥିଲେ। ଆଉ ତା'ପରେ ଯୁଆଡେ ଗଲେ ଅକ୍ଷୟଙ୍କୁ ପ୍ରଶଂସାରେ ପୋତି ପକାଉଛନ୍ତି କ୍ୟାଟ୍ରିନା କୈଫ। ଏ ସମ୍ପର୍କରେ କ୍ୟାଟ୍ରିନା କହନ୍ତି, 'ଏପରି ଆକ୍ସନ ଭୂମିକା ପାଇଁ ଅକ୍ଷୟ ମୋତେ ଯେଉଁ ଟିପ୍ସ ଦେଇଛନ୍ତି ତାହା ମୋ ଟେନ୍‌ସନକୁ ଦୂର କରିଦେଇଛି।' ତେବେ ଏଭଳି ଭୂମିକାରେ କ୍ୟାଟ୍ରିନା ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛନ୍ତି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡ଼ିବ।

## ବଲିଉଡ୍ ହାଲ୍‌ଚାଲ୍

- ତାମିଲ ଫିଲ୍ମ ଇଣ୍ଡଷ୍ଟ୍ରିର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ସାମନ୍ଥା ନିକଟରେ ଏକ ବିଜ୍ଞାପନର ଶୁଟିଂ ଶେଷ କରିଛନ୍ତି। ଏଥିରେ ତାଙ୍କ ସହ ଅକ୍ଷୟ କୁମାରଙ୍କୁ ଦେଖିବାକୁ ମିଳିବ। ଯଦି ଭଲ ସୁଯୋଗ ମିଳେ ତେବେ ବଲିଉଡ୍‌ରେ ନିଜର କ୍ୟାରିୟର ଆରମ୍ଭ କରିବାକୁ ସାମନ୍ତା ଆଗ୍ରହ ପ୍ରକାଶ କରିଛନ୍ତି।
- ସୁପରହିଟ୍ ମାଲାୟାଲମ ଫିଲ୍ମ 'ଲୁସିଫର'ର ରିମେକ୍ ହେବାକୁ ଯାଉଛି। ଚିରଞ୍ଜିବୀଙ୍କ ଏହି ଫିଲ୍ମରେ ସଲମାନ୍ ଖାନ୍ ଅତିଥି କଳାକାର ଭାବରେ ଅଭିନୟ କରିବେ।
- 'ଭୁଲ ଭୁଲେୟାଁ-୨'ର କାଷ୍ଟିଂରେ ବିଦ୍ୟା ବାଲାନ ନାହାନ୍ତି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଫିଲ୍ମଟି ଚଳିତ ବର୍ଷ ମାର୍ଚ୍ଚରେ ମୁକ୍ତିଲାଭ କରିବାର ଯୋଜନା ରହିଛି।
- ବଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ପ୍ରଯୋଜକ ରାକେଶ ରୋଶନ ତାଙ୍କର ଆଗାମୀ ସିନେମା 'କ୍ରିସ-୪'ର ପ୍ରାରମ୍ଭିକ କାମରେ ବ୍ୟସ୍ତ ଅଛନ୍ତି। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିବେ ହ୍ରିତିକ ରୋଶନ।
- ଅଭିନେତ୍ରୀ କୀର୍ତ୍ତି କୁଲ୍‌ହାରୀ ପ୍ରଯୋଜିକା ସାଜିଛନ୍ତି। ତାଙ୍କ ପ୍ରଯୋଜନାରେ କମେଡି ଥ୍ରୀଲର 'ନାୟିକା'ର ଶୁଟିଂ ଚାଲୁ ରହିଛି।


ସାମନ୍ଥା

## ପାରିଶ୍ରମିକ ପାଇଁ..

**ସୈ**ଫ ତନୟା ସାରା ଅଲ୍ଲୀ ଖାଁଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। କଥା କ'ଣ କି ସେ ଏବେ ନିଜର ପାରିଶ୍ରମିକ ବଢ଼ାଇ ଦେଇଛନ୍ତି। ଖାସ୍ ସେଥିପାଇଁ ତାଙ୍କୁ କେତୋଟି ସିନେମା ହାତଛଡ଼ା କରିବାକୁ ପଡ଼ିଛି। ଯେତେବେଳେ ଏ କଥା ବିଷୟରେ ଜାଣିବାକୁ ପାଇଲେ ସେ କ'ଣ ଚୁପ୍ ହୋଇ ବସିପାରିବେ? ନିକଟରେ ଏ ବିଷୟରେ ସଫେଇ ଦେଇ ସାରା କହିଛନ୍ତି, 'ମୁଁ ପାରିଶ୍ରମିକ ବଢ଼ାଇ ଦେଇଛି ବୋଲି ଯାହା ଶୁଣିବାକୁ ମିଳୁଛି ତାହା ମିଛ। ଏବେ ମୋ ହାତରେ ୩-୪ଟି ଅଫର ଅଛି। ସେ ନେଇ ମୁଁ ତର୍ଜମା କରୁଛି। ଏଗୁଡ଼ିକର କାହାଣୀ ଏବଂ ମୋ ଭୂମିକା ବିଷୟରେ ଭଲ ଭାବରେ ଆଲୋଚନା କରିବା ପରେ ଯାହା ନିଷ୍ପତ୍ତି ନେବି।'


ସାରା

## ଆସୁଛନ୍ତି ଏଜେଣ୍ଟ ଅଗ୍ନି

**ନୂ**ଆ ସିନେମା 'ଧକଡ୍'ରେ ନିଜ ଭୂମିକାକୁ ନେଇ ଆଲୋଚନାର ଶିରୋନାମା ପାଲଟିଛନ୍ତି କଙ୍ଗନା ରାଣାୱତ। ଅବଶ୍ୟ ସେ ଅଭିନୟ କରିଥିବା ଫିଲ୍ମଗୁଡ଼ିକରେ ତାଙ୍କୁ ଭିନ୍ନ ଭିନ୍ନ ଭୂମିକାରେ ଦେଖିବାକୁ ମିଳିଛି। ତା' ସହ ନିଜର ବଳିଷ୍ଠ ଅଭିନୟ ପାଇଁ ଅନେକ ଥର ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଛନ୍ତି। ଏବେ ତାଙ୍କୁ ନେଇ ବଲିଉଡ୍‌ରେ ଚର୍ଚ୍ଚା। ରିଲିଜ ଅପେକ୍ଷାରେ ଥିବା ଏହି ଫିଲ୍ମରେ ତାଙ୍କୁ ମିଳିଥିବା ରୋଲ୍‌ଟି ହେଲା 'ଏଜେଣ୍ଟ ଅଗ୍ନି'। ସସ୍‌ପେନ୍ସ ଥ୍ରୀଲରଭିତ୍ତିକ ଉକ୍ତ ଚିତ୍ରରେ ଦର୍ଶକ ତାଙ୍କୁ ଭିନ୍ନ ରୋଲ୍‌ରେ ଦର୍ଶକ ଦେଖିବାକୁ ପାଇବେ। ଚଳିତ ବର୍ଷ ଏପ୍ରିଲ ୮ରେ ଫିଲ୍ମଟି ରିଲିଜ ହେବ। ଏପରି ଭୂମିକା ସମ୍ପର୍କରେ କଙ୍ଗନା କହନ୍ତି, 'ଏଥିରେ ମୋ ରୋଲ ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା ରଖିଛି। କେବଳ ସେତିକି ନୁହେଁ, ଫିଲ୍ମର କାହାଣୀ, ସଙ୍ଗୀତ, ସଂଳାପ ଏବଂ ଉପସ୍ଥାପନା ମଧ୍ୟ ବେଶ୍ ମନଛୁଆଁ ହୋଇଛି।' ଏହି ଫିଲ୍ମରେ କଙ୍ଗନାଙ୍କ ବ୍ୟତୀତ ଅର୍ଜୁନ ରାମପାଲ ଏବଂ ଦିବ୍ୟା ଦତ୍ତାଙ୍କୁ ମଧ୍ୟ ଦେଖିବାକୁ ମିଳିବ।


କଙ୍ଗନା

## ନୂଆ ସିନେମା
# ରୁଦ୍ରାଣୀ

**ବ**ଙ୍ଗୀୟ ଅଭିନେତ୍ରୀ ଝିଲିକ ଭଟ୍ଟାଚାର୍ଯ୍ୟ। ନିରଞ୍ଜନ ରଣାଙ୍କ ପ୍ରଯୋଜିତ ଏବଂ ଏସ.କେ.ମୁରଲୀଧରନ୍‌ଙ୍କ ନିର୍ଦ୍ଦେଶିତ 'ଟାର୍ଗେଟ'ରେ ତାଙ୍କୁ ବ୍ରେକ୍ ମିଳିଥିଲା। ପୁଣି ଏହି ଫିଲ୍ମରୁ ମିହିର ଦାସଙ୍କ ପୁତ୍ର ଅମ୍ଲାନ କୁମାର ମଧ୍ୟ ଓଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ପରବର୍ତ୍ତୀ ସମୟରେ ଝିଲିକ୍ ୧୪ଟି ଓଡ଼ିଆ ଏବଂ ୭ଟି ବଙ୍ଗଳା ସିନେମାରେ ଅଭିନୟ କରିସାରିଛନ୍ତି। ଏବେ ସେ ଆଉ ଏକ କ୍ଷେତ୍ରରେ ପାଦ ଦେଇଛନ୍ତି। ହୋମ୍ ବ୍ୟାନର ଝିଲିକ୍ ମୋଶନ ପିକ୍ଚର୍ସ ବ୍ୟାନରରେ ସେ ନିର୍ମାଣ କରୁଛନ୍ତି ନୂଆ ଓଡ଼ିଆ ସିନେମା 'ରୁଦ୍ରାଣୀ-ଦ ପାୱାର ଅଫ ୱମେନ୍'। କେବଳ ସେତିକି ନୁହେଁ, ଏହାର ଟାଇଟଲ ଭୂମିକାରେ ମଧ୍ୟ ଅବତୀର୍ଣ୍ଣ ହେଉଛନ୍ତି ସେ। ଝିଲିକ୍‌ଙ୍କ ପ୍ରଥମ ଥର ପାଇଁ ପ୍ରଯୋଜନା ପରି ଗୁରୁଦାୟିତ୍ୱ ନେଇଛନ୍ତି। ନିର୍ଦ୍ଦେଶନା ଦେଉଛନ୍ତି କେ.ମୁରଲୀକ୍ରିଷ୍ଣା। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ। ଡ. ରଜନୀ ରଞ୍ଜନ। ଝିଲିକଙ୍କ ବ୍ୟତୀତ ଏହି ଫିଲ୍ମରେ ମଣ୍ଟୁ, ଲୋହିତାକ୍ଷ, ପିଣ୍ଟୁ ନନ୍ଦ, ବବି ମିଶ୍ର, ଧରିତ୍ରୀ ଖଣ୍ଡୁଆଳ, ପ୍ରତିଭା ପଣ୍ଡାଙ୍କୁ ଦେଖିବାକୁ ମିଳିବ। ଏହି ଫିଲ୍ମର ଶୁଟିଂ ରାଜ୍ୟର ବିଭିନ୍ନ ସ୍ଥାନରେ ଚାଲୁ ରହିଛି ବୋଲି ସୂଚନା ଦେଇଛନ୍ତି ଏହାର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ।


ଝିଲିକ୍

## କଥା ରଖିଲେ ମାଳବିକା

**ମା**ଲୟାଲମ ଅଭିନେତ୍ରୀ ମାଳବିକା ମୋହନାନ୍ ଯାହା କହିଥିଲେ ତାହାକୁ ସତରେ ପରିଣତ କରି ଦେଖାଇଛନ୍ତି। ନିକଟରେ ସେ ସାଇନ୍ କରିଥିବା ଏକ ଅନଟାଇଟଲ୍‌ଡ ହିନ୍ଦୀ ସିନେମା ପାଇଁ ନିଜ ଓଜନ କମାଇବାର ଥିଲା। ବାସ୍, ଏ ନେଇ ସୂଚନା ପାଇବା ପରେ ଏଥିପାଇଁ ଦିନରାତି ଏକାଠି କରିଦେଇଥିଲେ। ଜିମ୍‌ରେ ଅଧିକ ସମୟ କଟାଇବା ସହ ଡାଏଟିଂ ପ୍ରତି ମଧ୍ୟ ଧ୍ୟାନ ଦେଇଥିଲେ। କାରଣ ମାତ୍ର ୧୫ଦିନ ମଧ୍ୟରେ ତାଙ୍କୁ ଓଜନ କମାଇବାକୁ ପଡ଼ିଥାଆନ୍ତା। ଆଉ ଶେଷରେ ଏଥିରେ ସଫଳ ହୋଇଛନ୍ତି ମାଳବିକା। କେବଳ ମାଲୟାଲମ ନୁହେଁ, ତେଲୁଗୁ ଏବଂ ତାମିଲ ଫିଲ୍ମରେ ମଧ୍ୟ ଅଭିନୟ କରିସାରିଛନ୍ତି ସେ। ବଲିଉଡ୍‌ର ବିଶିଷ୍ଟ କୋରିଓଗ୍ରାଫର କେ.ୟୁ. ମୋହନାନ୍‌ଙ୍କ ଏହି କନ୍ୟା ମାସ୍ ମିଡିଆରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। କେରଳର କନ୍ନୁର ଜିଲାରେ ଜନ୍ମିତା ମାଳବିକା। ବର୍ତ୍ତମାନ ବମ୍ବେରେ ରହୁଛନ୍ତି। ୨୦୧୩ରେ ମାଲୟାଲମ ଫିଲ୍ମ 'ପଟ୍ଟମ ପୋଲେ'ରୁ ଆରମ୍ଭ ହୋଇଥିଲା ତାଙ୍କର ବଡ଼ ପରଦା ଜୀବନ। ସେ ଅଭିନୟ କରିବାକୁ ଥିବା ନୂଆ ସିନେମାରେ କିଏ ନାୟକ ସାଜିବେ ତାହା ଫାଇନାଲ ହୋଇନାହିଁ। ତଥାପି ସପ୍ତାହେ ଭିତରେ ସମ୍ପୂର୍ଣ୍ଣ ଷ୍ଟାରକାଷ୍ଟ ଘୋଷଣା କରାଯିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


ମାଳବିକା

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୧,୪୭,୫୪,୧୦୭ | ୫୫,୨୪,୬୨୮ | ୨୬,୨୦,୮୫,୦୬୬ |
| ଭାରତ | ୩,୬୦,୭୦,୫୧୦ | ୪,୮୪,୬୫୫ | ୩,୪୭,୩୦,୫୩୬ |
| ଓଡ଼ିଶା | ୧୦,୯୧,୫୪୭ | ୮୪୬୯(+୫୩) | ୧୦,୪୮,୭୩୨ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ରେଡ୍ ଜୋନ୍‌ରେ ୪ ଜିଲା

■ ଦିନକରେ ୮,୭୭୮ ଚିହ୍ନଟ

■ ୨ ମାସ ସଂକ୍ରମଣ ବଢ଼ିକି ରହିବ

**ଭୁବନେଶ୍ୱର, ୧୨।୧(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ହାର ବୃଦ୍ଧି ପାଇବାରେ ଲାଗିଛି। ଆରୋଗ୍ୟଙ୍କଠାରୁ ଢେର୍ ଅଧିକ ଆକ୍ରାନ୍ତ ହେଉଥିବାରୁ ସକ୍ରିୟ ରୋଗୀ ସଂଖ୍ୟା ବଢ଼ି ଚାଲିଛି। ଫଳରେ ଗୋଟିଏ ପରେ ଗୋଟିଏ ଜିଲା ଏବେ ରେଡ୍ ଜୋନ୍‌ରେ ସାମିଲ ହେଉଛି। ଖୋର୍ଦ୍ଧା, ସୁନ୍ଦରଗଡ଼ ପରେ ଏବେ ସମ୍ବଲପୁର ଓ କଟକ ଜିଲା ରେଡ୍ ଜୋନକୁ ଚାଲିଆସିଛି। ସେହିଭଳି ବାଲେଶ୍ୱର ଜିଲା ୟେଲୋ ଜୋନ୍‌ରେ ସାମିଲ ହୋଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ୭୪,୬୧୧ ନମୁନା ପରୀକ୍ଷା ହୋଇଥିଲା। ଏଥିମଧ୍ୟରୁ ୮,୭୭୮ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ସଂକ୍ରମଣ ହାର ୧୧.୭୭%କୁ ବୃଦ୍ଧି ପାଇଛି। ସୁନ୍ଦରଗଡ଼ରେ ସର୍ବାଧିକ ସଂକ୍ରମଣ ହାର ୨୮.୧ % ଥିବାବେଳେ ଖୋର୍ଦ୍ଧା ୨୦.୨, ସମ୍ବଲପୁର ୧୯.୪, କଟକ ୧୩.୧, ପୁରୀ ୧୧.୪, ମୟୂରଭଞ୍ଜ ୧୧.୩ ଓ ଝାରସୁଗୁଡ଼ା ୧୦.୮% ରହିଛି। ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ସଙ୍ଗରୋଧ କେନ୍ଦ୍ରରୁ ୫୦୯୬ଜଣ ଓ ସ୍ଥାନୀୟ ସଂକ୍ରମିତ ୩୬୮୨ଜଣ ରହିଛନ୍ତି। ସେହିଭଳି ୧୮ବର୍ଷରୁ କମ୍ ବୟସର ୭୯୨ଜଣ ଅଛନ୍ତି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୨,୬୧୫ ଜଣ ଆକ୍ରାନ୍ତ ରହିଥିବାବେଳେ ସୁନ୍ଦରଗଡ଼ରୁ ୧,୨୫୨, କଟକ ୭୬୬, ସମ୍ବଲପୁର ୫୯୬, ମୟୂରଭଞ୍ଜ ୩୩୮, ବାଲେଶ୍ୱର ୨୩୧, ବଲାଙ୍ଗୀର ୨୧୬, ପୁରୀ ୨୧୬, ଝାରସୁଗୁଡ଼ା ୨୦୩, ଯାଜପୁର ୧୯୧, କୋରାପୁଟ ୧୬୧, ବରଗଡ଼ ୧୩୬, ଜଗତ୍‌ସିଂହପୁର ୧୧୪, ନବରଙ୍ଗପୁର ୧୧୨, ଅନୁଗୋଳ ୧୦୭ ଓ ଭଦ୍ରକରୁ ୧୦୩ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୦,୯୧,୫୪୭ କୁ ବୃଦ୍ଧି ପାଇଛି। ଅପରପକ୍ଷେ ଖୋର୍ଦ୍ଧା ଜିଲାରେ ସକ୍ରିୟ ରୋଗୀ ସଂଖ୍ୟା ସର୍ବାଧିକ ରହିଛି। ରାଜ୍ୟରେ ଏବେ ୩୪,୨୯୩ଜଣ ସକ୍ରିୟ ରୋଗୀ ଥିବାବେଳେ ଖୋର୍ଦ୍ଧାରେ ୧୦,୮୮୮, ସୁନ୍ଦରଗଡ଼ ୪,୯୬୬, ସମ୍ବଲପୁର ୨,୯୬୬, କଟକ ୨,୫୪୧ ଓ ବାଲେଶ୍ୱରରେ ୧,୦୧୫ଜଣ ରହିଛନ୍ତି।

ତେବେ ରାଜ୍ୟରେ କରୋନା ସ୍ଥିତି ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ରାଜ୍ୟରେ ଆସନ୍ତା ୨ମାସ କରୋନା ସଂକ୍ରମଣ ବଢ଼ିକି ରହିବ। ଅନ୍ୟ ଦେଶରେ ମଧ୍ୟ ସଂକ୍ରମଣ ବ୍ୟାପୁଛି। ଅଧିକାଂଶ ଆକ୍ରାନ୍ତଙ୍କର ସାମାନ୍ୟ ଲକ୍ଷଣ ଅଛି। ୪ରୁ ୫ଟି ଜିଲାରେ ଦୈନିକ ସଂକ୍ରମଣ ହାର ଅଧିକ ରହିଛି। କିନ୍ତୁ ମୃତ୍ୟୁ, ହସ୍ପିଟାଲାଇଜେଶନ ଓ ଆଇସିୟୁର ଆବଶ୍ୟକତା କମ୍ ରହୁଛି। ତେବେ ଆଗକୁ ରୋଗୀ ସଂଖ୍ୟା ଦେଖି ବେଡ୍ ସଂଖ୍ୟା ବଢ଼ାଯିବ ବୋଲି ସେ କହିଛନ୍ତି।



କ୍ୟାପିଟାଲ ହସ୍ପିଟାଲରେ ଜଣେ ମହିଳାଙ୍କଠାରୁ ସ୍ୱାବ୍ ସଂଗ୍ରହ କରାଯାଉଛି।

## ଆଉ ୬୭ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ

**ଭୁବନେଶ୍ୱର, ୧୨।୧(ବ୍ୟୁରୋ):** ରାଜ୍ୟରେ କରୋନା ସହ ଏହାର ନୂଆ ଭାରିଆଣ୍ଟ ଓମିକ୍ରନ୍ ସଂକ୍ରମିତଙ୍କ ସଂଖ୍ୟା ମଧ୍ୟ ବଢ଼ିଚାଲିଛି। ଏହି ନୂଆ ଭୂତାଣୁକୁ ନେଇ ବିଶ୍ୱବ୍ୟାପୀ ଚିନ୍ତା ବଢ଼ିଥିବାବେଳେ ଏହାକୁ ରୋକିବା ପାଇଁ ରାଜ୍ୟ ସରକାର ମଧ୍ୟ ତତ୍ପରତା ପ୍ରକାଶ କରିଛନ୍ତି। ଏପରି ସ୍ଥିତିରେ ରାଜ୍ୟରେ ପୁଣି ୬୭ଜଣ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜୀବ ବିଜ୍ଞାନ ପ୍ରତିଷ୍ଠାନ(ଆଇଏଏସ୍) ପକ୍ଷରୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ସୂଚନା ଦିଆଯାଇଛି। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସେସ୍ (ଆଇଏଲ୍ଏସ୍) ପକ୍ଷରୁ କୁହାଯାଇଛି, ମୋଟ ୨୬୩ଜଣଙ୍କ ନମୁନା ଜିନୋମ ସିକ୍ୱେନ୍ସିଂ ପାଇଁ ପଠାଯାଇଥିଲା। ସେଥିମଧ୍ୟରୁ ୬୭ ଜଣଙ୍କ ରିପୋର୍ଟ ଓମିକ୍ରନ୍ ପଜିଟିଭ୍ ଆସିଛି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମଣରୁ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ଓମିକ୍ରନ ସଂକ୍ରମିତ ସଂଖ୍ୟା ୧୭୦କୁ ବୃଦ୍ଧି ପାଇଛି।

## ସଂକ୍ଷେପରେ

### ପୂର୍ବତନ ବିଧାୟକ ବିଜୟ୍ ଜେନାଙ୍କ ପରଲୋକ



**ପାରଳାଖେମୁଣ୍ଡି,୧୨।୧(ଡି.ଏନ୍.ଏ.):** ଗଜପତି ଜିଲା ପାରଳାଖେମୁଣ୍ଡିର ପୂର୍ବତନ ବିଧାୟକ ତଥା ଚାଷୀ ନେତା ବିଜୟ୍ କୁମାର ଜେନା(୮୨)ଙ୍କ ଗୁରାଣ୍ଡି ସ୍ଥିତ ବାସଭବନରେ ପରଲୋକ ଘଟିଛି। କିଛି ଦିନ ହେଲା ସେ ହୃଦ୍‌ଘାତରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ବିଧାୟକ ଭାବେ ୧୯୭୭, ୧୯୮୦ରେ ନିର୍ବାଚିତ ହୋଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପାଞ୍ଚ ପୁଅ ଓ ଚାରି ଝିଅ ଉପସ୍ଥିତ ଥିଲେ। ଜେନାଙ୍କ ବିୟୋଗରେ ବିଧାୟକ କେ. ନାରାୟଣ ରାଓ,ଏସ୍ ଲିଙ୍ଗରାଜ, ଗୁରାଣ୍ଡି କଲେଜ ଅଧ୍ୟକ୍ଷ ତ୍ରିପତି ବାଲଜୀ ପରିଚ୍ଛା, ପୂର୍ବତନ ନଗରପାଳ ନୃସିଂହ ଚରଣ ପଟ୍ଟନାୟକ, ପୂର୍ବତନ ନଗରପାଳ କେ.ରାମସ୍ୱାମୀ, ବିଜେଡି ନେତା ରାଜେନ୍ଦ୍ର ବେହେରା, କଂଗ୍ରେସ ନେତା ବସନ୍ତ କୁମାର ପଣ୍ଡା, ବରିଷ୍ଠ ଆଇନଜୀବୀ କୃଷ୍ଣ ମୋହନ ପଟ୍ଟନାୟକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ଭିଜିଲାନ୍ସ ଜାଲରେ ପୂର୍ବତନ ଏଆର୍‌ସିଏସ୍

**୧ କୋଟି ୬୨ ଲକ୍ଷରୁ ଊର୍ଦ୍ଧ୍ୱ ସମ୍ପତ୍ତି ଠାବ**

**ପୁରୀ ଅଫିସ/ବ୍ରହ୍ମଗିରି,୧୨।୧(ଡି.ଏନ୍.ଏ):** ପୁରୀସ୍ଥିତ ଡିଆର୍‌ସିଏସ୍ କାର୍ଯ୍ୟାଳୟର ଅବସରପ୍ରାପ୍ତ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଅଫ୍ କୋ-ଅପରେଟିଭ ସୋସାଇଟିଜ୍ (ଏଆର୍‌ସିଏସ୍) ରାଜକିଶୋର ପରିଡ଼ାଙ୍କ ଘର ସମେତ ୬ଟି ସ୍ଥାନରେ ବୁଧବାର ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପରିଡ଼ାଙ୍କ ବ୍ରହ୍ମଗିରି ଥାନା ଅଧୀନ ଖଟପିରିଙ୍ଗିସ୍ଥିତ ପୈତୃକ ଗୃହ, ବ୍ରହ୍ମଗିରିର ଭଡ଼ାଘର, ପୁରୀ ଗୋପୀନାଥପୁର ଘର ଓ ସିମେଣ୍ଟ ଇଟା ଫ୍ୟାକ୍ଟ୍ରି, ଭୁବନେଶ୍ୱର ବାସଭବନ, କଟକ ଜିଲା ଆଠଗଡ଼ରେ ଥିବା କୋଠା, ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ତାଙ୍କ ବଡ଼ପୁଅଙ୍କ ବାସଭବନରେ ଚଢ଼ାଉ କରାଯାଇଛି। ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଏକ ୬ଜଣିଆ ଟିମ୍ ଏହି ଚଢ଼ାଉ କରିଥିଲା। ଏଥିରେ ୫ଜଣ ଭିଜିଲାନ୍ସ ଡିଏସ୍‌ପି, ୭ଜଣ ଇନ୍ସପେକ୍ଟର ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ। ସ୍ଥାବର ଓ ଅସ୍ଥାବର ସମ୍ପତ୍ତି, ଗୋଟିଏ ଚାରିଚକିଆ ଯାନ, ୨ଟି ବାଇକ, ୧୨ ଲକ୍ଷ ଟଙ୍କାର ବ୍ୟାଙ୍କ ଇନସ୍ୟୁରାନ୍ସ, ସୁନା ଅଳଙ୍କାରକୁ ମିଶାଇ ମୋଟ ୧ କୋଟି ୬୨ ଲକ୍ଷ ଟଙ୍କାର ଊର୍ଦ୍ଧ୍ୱ ସମ୍ପତ୍ତି ଠାବ ହୋଇଛି।

### ନକଲି ପୋଲିସ ଏସ୍ଆଇ ଗିରଫ

**ସୁନ୍ଦରଗଡ଼, ୧୨।୧(ଡି.ଏନ୍.ଏ.):** ଜମି କରାଇଦେବାକୁ କହି ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ଥାନା ଆଇଆଇସି ହେମାଙ୍ଗିନୀ ଗର୍ଡିଆଙ୍କଠାରୁ ସାଢେ ୪ଲକ୍ଷ ଟଙ୍କା ଠକେଇ ହୋଇଛି। ସୁନ୍ଦରଗଡ଼ ଟାଉନ ଥାନା ପୋଲିସ ଏହି ଘଟଣାରେ ଅଭିଯୁକ୍ତ ଚତୁର୍ଭୁଜ ତରାଇ ଓରଫ ଦୀପକ ପଣ୍ଡାଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ତାଙ୍କ ଘର ବାଲେଶ୍ୱର ଜିଲା ବାଲିଆପାଳ ଥାନା ଯୁଗାଡିହା ଗ୍ରାମରେ। ସୂଚନାଯୋଗ୍ୟ, ଦୀପକ ଫେକ୍ ଫେସବୁକ୍ ଆଇଡି ଖୋଲି ଗର୍ଡିଆଙ୍କୁ ଗତ ଜୁଲାଇରେ ମୟୂରଭଞ୍ଜ ଜିଲାରେ ସବ୍‌ଇନ୍ସପେକ୍ଟର ଥିବା କହିଥିଲେ। ଭୁବନେଶ୍ୱରରେ ୪ଡିସିମିଲ ଜମି ପ୍ଲଟ ବିକ୍ରି ହେବାକୁ ଥିବା କହିଥିଲେ। ଦୀପକ ସୁନ୍ଦରଗଡ଼ ଆସି ଏକ ହୋଟେଲରେ ଗର୍ଡିଆଙ୍କଠାରୁ ପର୍ଯ୍ୟାୟ କ୍ରମେ ସାଢେ ୪ଲକ୍ଷ ଟଙ୍କା ନେଇଥିଲେ। ମାତ୍ର ପରେ ଜମି କାଗଜପତ୍ର ଓ ବିବରଣୀ ସହ ରେଜିଷ୍ଟ୍ରି ପାଇଁ କହିବାରୁ ନାନା ଆଳ ଦେଖାଇ ଆଉ ଅଧିକ ୫୦ହଜାର ଟଙ୍କା ଦାବି କରିଥିଲେ। ଏଭଳି ଆଚରଣରେ ସନ୍ଦେହ ସୃଷ୍ଟି ହେବାରୁ ତାଙ୍କର ଫୋନ୍ ନମ୍ବର ଓ କଲହିଷ୍ଟ୍ରି ଯାଞ୍ଚ ପରେ ଅନ୍ୟ ଏକ ନାମ ବାହାରିବା ଓ ସେ ଏକ ଫେକ୍ ଫେସ୍‌ବୁକ ଆଇଡି ଖୋଲିଥିବା ଜଣାପଡିଥିଲା। ମହିଳା ଇନ୍ସପେକ୍ଟର ଗର୍ଡିଆ ଏ ସମ୍ପର୍କରେ ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥଙ୍କୁ ଜଣାଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଇନ୍ସପେକ୍ଟର ଗର୍ଡିଆ ସୁନ୍ଦରଗଡ଼ ଟାଉନ ଥାନାରେ ରିପୋର୍ଟ କରିଥିଲେ। ଯୋଜନା ମୁତାବକ ଅବଶିଷ୍ଟ ୫୦ହଜାର ଟଙ୍କା ଦେବାକୁ କହି ସୁନ୍ଦରଗଡ଼ ଡକାଇଥିଲେ। ଗତ ୧୦ ତାରିଖରେ ଦୀପକ ସୁନ୍ଦରଗଡ଼ ଆସିଥିବାବେଳେ ଟାଉନ ଥାନା ପୋଲିସ ଟିମ୍ ଦୀପକଙ୍କୁ କାବୁ କରି ଥାନାକୁ ଆଣି ପଚରାଉଚରା ପରେ ସେ କୌଣସି ପୋଲିସ ସବ୍‌ଇନ୍ସପେକ୍ଟର ନ ଥିବା ଜଣାପଡିଥିଲା। ପୋଲିସ ଅଭିଯୁକ୍ତ ଚତୁର୍ଭୁଜ ତରାଇଙ୍କ ବିରୁଦ୍ଧରେ ଏକ ମାମଲା (ନଂ.୧୪/୨୦୨୨) ରୁଜୁ କରି ତଦନ୍ତ ଚଳାଇଛି।

# ମାଛକୁଣ୍ଡରେ ୬ ଟର୍ବାଇନ କାର୍ଯ୍ୟକ୍ଷମ


କାର୍ଯ୍ୟକ୍ଷମ ହୋଇଥିବା ଟର୍ବାଇନ।

**ଦୈନିକ ଉତ୍ପାଦନ ହେବ ୧୨୦ ମେଗାୱାଟ୍ ବିଦ୍ୟୁତ୍**

**କୋରାପୁଟ,୧୨।୧(ସ୍ୱ.ପ୍ର.)**

ଦୀର୍ଘବର୍ଷ ପରେ କୋରାପୁଟ ଜିଲାର ଆନ୍ଧ୍ର ସୀମାନ୍ତରେ ଥିବା ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରକଳ୍ପର ୬ଟି ଯାକ ଟର୍ବାଇନ କାର୍ଯ୍ୟକ୍ଷମ ହୋଇଛି। ଫଳରେ ଏଥିରୁ ପ୍ରତ୍ୟହ ୧୨୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି ବୋଲି ପ୍ରକଳ୍ପର ସହକାରୀ ନିର୍ବାହୀଯନ୍ତ୍ରୀ ବ୍ରଜସୁନ୍ଦର ପାଢୀ ବୁଧବାର କହିଛନ୍ତି। ଆନ୍ଧ୍ର-ଓଡ଼ିଶାର ମିଳିତ ସହଯୋଗରେ ପରିଚାଳିତ ହେଉଥିବା ଏହି ଜଳ ବିଦ୍ୟୁତ୍ ପ୍ରକଳ୍ପ ଦୀର୍ଘ ବର୍ଷ ଧରି କାର୍ଯ୍ୟକ୍ଷମ ହୋଇପାରି ନ ଥିଲା। ୧୯୫୫ରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ସର୍ବ ପୁରାତନ କମନୱେଲ୍‌ଥ ପ୍ରକଳ୍ପ ରୂପେ ପରିଚିତ। ଓଡ଼ିଶା ଓ ଆନ୍ଧ୍ର ଦ୍ୱାରା ଏହା ପୁନଃ ପରିଚାଳିତ ହୋଇଛି। ଦୀର୍ଘଦିନ ଧରି ପ୍ରକଳ୍ପର ମେଶିନଗୁଡିକ ଖରାପ ହେଉଥିଲା। ଏବେ ପ୍ରକଳ୍ପରେ ଥିବା ୬ଟି ଜେନେରେଟର ଟର୍ବାଇନ ମଧ୍ୟରୁ କେବଳ ୩ଟି ବ୍ୟବହାର ହେଉଥିଲା ବୋଲି ପାଢୀ କହିଛନ୍ତି। ତେବେ ବର୍ତ୍ତମାନ ପୂର୍ଣ୍ଣ କ୍ଷମତାରେ ବିଦ୍ୟୁତ୍ ଉତ୍ପାଦନ ଆରମ୍ଭ ହୋଇଛି। ପ୍ରକଳ୍ପରୁ ପ୍ରତ୍ୟେହ ୧୨୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ନେଇ ଲକ୍ଷ୍ୟ ରଖାଯାଇଥିବା ପାଢୀ ସୂଚନା ଦେଇଛନ୍ତି।

# ପଞ୍ଚଭୂତରେ ମିଶିଲେ ମିହିର ଦାସ

■ ଦିଆଗଲା ଗାର୍ଡ ଅଫ ଅନର

■ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ

**କଟକ ଅଫିସ,୧୨।୧**

ପଞ୍ଚଭୂତରେ ବିଲୀନ ହେଲା ଓଡ଼ିଆ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ଅଭିନେତା ମିହିର ଦାସଙ୍କ ପାର୍ଥିବ ଶରୀର। ବୁଧବାର ସକାଳେ କଟକସ୍ଥିତ ତାଙ୍କ ବାସଭବନରୁ ପାର୍ଥିବ ଶରୀରକୁ ଶୋଭାଯାତ୍ରାରେ ସତୀଚୌରା ଶ୍ମଶାନକୁ ନିଆଯାଇଥିଲା। ଏହି ସମୟରେ ରାସ୍ତାପାର୍ଶ୍ୱରେ ଛିଡା ହୋଇଥିବା ଶତାଧିକ ଜନସାଧାରଣ ତାଙ୍କର ଶେଷ ଦର୍ଶନ କରିଥିଲେ। ସତୀଚୌରା ଶ୍ମଶାନରେ ମରଶରୀର ପହଞ୍ଚିବା ପରେ ବିଧାୟକ ଇଂ. ମହମ୍ମଦ ମୋକିମ, ରାଜ୍ୟ ସଭା ସଦସ୍ୟ ସୁବାସ ସିଂ, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ କୁନା ତ୍ରିପାଠୀ, ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଶ୍ରୀତମ୍ ଦାସଙ୍କ ସମେତ ଅନେକ କଳାକାର, ନିର୍ଦ୍ଦେଶକ ଓ ପ୍ରଶାସନିକ ଅଧିକାରୀ ଶେଷଦର୍ଶନ କରି ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ପୂର୍ବାହ୍ନ ୯ଟା ୪୫ ମିନିଟ୍‌ରେ ରାଜ୍ୟ ସରକାରଙ୍କ ପକ୍ଷରୁ ମିହିରଙ୍କୁ ଗାର୍ଡ ଅଫ୍ ଅନର ଦିଆଯିବା ପରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡପୁଅ ଅମ୍ଳାନ ଦାସ ମୁଖାଗ୍ନି ଦେଇଥିଲେ।

ମଙ୍ଗଳବାର ଅପରାହ୍ନ ୩ଟା ୨୫ରେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା। ସେ କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ ଥିଲେ। ଚିକିତ୍ସାଲାଗି ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।


ସତୀଚୌରା ଶ୍ମଶାନରେ ମିହିରଙ୍କୁ ପୁଅ ଅମ୍ଳାନ ମୁଖାଗ୍ନି ଦେଉଛନ୍ତି।

# ଦୁର୍ଯ୍ୟୋଧନ ମାଝିଙ୍କ ଶେଷକୃତ୍ୟ ସମ୍ପନ୍ନ


ନୂଆପଡା ପୋଲିସ ପକ୍ଷରୁ ପୂର୍ବତନ ମନ୍ତ୍ରୀ ଦୁର୍ଯ୍ୟୋଧନ ମାଝିଙ୍କୁ ଗାର୍ଡ ଅଫ୍ ଅନର୍ ଦିଆଯାଉଛି।

**ବୋଡେନ,୧୨।୧(ଡି.ଏନ.ଏ.)**

ପୂର୍ବତନ ମନ୍ତ୍ରୀ ଦୁର୍ଯ୍ୟୋଧନ ମାଝି(୮୪)ଙ୍କ ନିଜ ଗାଁ ବୋଇରଗାଁରେ ବୁଧବାର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ଶେଷଦର୍ଶନ ପାଇଁ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ବଜାର ପଡ଼ିଆ ପାଖ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି। ଏହା ପୂର୍ବରୁ ନୂଆପଡ଼ା ପୋଲିସ ପକ୍ଷରୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା। ତାଙ୍କ ଜ୍ୟେଷ୍ଠପୁତ୍ର ରାଜୁସିଂ ମାଝି ମୁଖାଗ୍ନି ଦେଇଥିଲେ। ତାଙ୍କ ଚାରି ପୁଅଙ୍କ ସହ ପରିବାରବର୍ଗ ଉପସ୍ଥିତ ଥିଲେ।

ସୋମବାର ବିଳମ୍ବିତ ରାତିରେ ଭୁବନେଶ୍ୱର ବାସଭବନରେ ଦୁର୍ଯ୍ୟୋଧନ ଶୋଇଥିବା ବେଳେ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ରାତି ପ୍ରାୟ ୩ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ମଙ୍ଗଳବାର ରାତିରେ ତାଙ୍କ ପାର୍ଥିବ ଶରୀର ପୈତୃକ ଗ୍ରାମ ବୋଇରଗାଁରେ ପହଞ୍ଚିଥିଲା। ବୁଧବାର ପୂର୍ବାହ୍ନରେ ତାଙ୍କ ପାର୍ଥିବ ଶରୀରକୁ ଏକ ସୁସଜ୍ଜିତ ଗାଡିରେ ବୋଡେନ ସହର ପରିକ୍ରମା କରାଯାଇଥିଲା। ଅନ୍ତିମ ସଂସ୍କାର ନିକଟରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ନୂଆପଡ଼ା ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆ, ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ, ନବରଙ୍ଗପୁର ଏମ୍‌ପି ରମେଶଚନ୍ଦ୍ର ମାଝି, ପୂର୍ବତନ ଖଡିଆଳ ବିଧାୟକ ହିତେଶ କୁମାର ବଗର୍ତ୍ତି, ଭାଜପା ଜିଲା ସଭାପତି ସୁବ୍ରତ ଠାକୁର ପ୍ରମୁଖଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ।

# ୫ ଜିଲାରେ କମିଛି ଟିକାକରଣ

**ଭୁବନେଶ୍ୱର, ୧୨।୧(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ଦ୍ରୁତ ଗତିରେ ବଢ଼ି ଚାଲିଛି। ବ୍ୟାପକ ଟିକାକରଣ ସତ୍ତ୍ୱେ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ୮ହଜାର ଟପିଯାଇଛି। ଏବେ ସଂକ୍ରମଣ ରୋକିବା ପାଇଁ ପ୍ରଥମ ଡୋଜ୍ ଓ ଦ୍ୱିତୀୟ ଡୋଜ୍ ପରେ ରାଜ୍ୟରେ ବୁଷ୍ଟର ଡୋଜ୍ ଟିକାକରଣ ଜାରି ରହିଛି। ପ୍ରଥମ ଡୋଜ୍ ନେଇ ନ ଥିବା ଲୋକଙ୍କୁ ଚିହ୍ନଟ କରି ସେମାନଙ୍କ ଘରକୁ ଯାଇ ଟିକା ଦିଆଯାଉଛି। ଚଳିତ ମାସ ସୁଦ୍ଧା ଦ୍ୱିତୀୟ ଡୋଜ୍ ଟିକାକରଣ ସାରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି। ସେ କହିଛନ୍ତି, ୫ ଜିଲାରେ ଟିକାକରଣ କମ୍ ରହିଛି। ସେହି ଜିଲାଗୁଡ଼ିକ ହେଲା ଅନୁଗୋଳ, ମୟୂରଭଞ୍ଜ, ଗଜପତି, କଟକ ଓ ସୁନ୍ଦରଗଡ଼। କଟକ, ଅନୁଗୋଳ, ଗଜପତି ଓ ସୁନ୍ଦରଗଡ଼ର ଅଧିକ ଲୋକ ପ୍ରଥମ ଡୋଜ୍ ନେଇନାହାନ୍ତି। ସେହିଭଳି ମୟୂରଭଞ୍ଜରେ ଦ୍ୱିତୀୟ ଡୋଜ୍ ନେବା ପାଇଁ ସର୍ବାଧିକ ଲୋକ ବାକି ଅଛନ୍ତି। ଏସବୁ ଜିଲାଗୁଡ଼ିକର ପ୍ରତି ବ୍ଲକରେ ୧୨ଟି ଲେଖାଏ ମୋବାଇଲ ଭ୍ୟାନ୍ ଦ୍ୱାରା ଟିକା ଦିଆଯାଉଛି। ଟିକାକରଣ କମ୍ ଥିବା ଜିଲାକୁ ଛାଡ଼ି ବାକି ସବୁ ବ୍ଲକରେ ୧୦ଟି ମୋବାଇଲ ଭ୍ୟାନ ଜରିଆରେ ଟିକା ଦିଆଯାଉଛି। ଯେଉଁ ଲୋକମାନେ ଟିକା ନେବା ପାଇଁ ଆସୁନାହାନ୍ତି, ସେ ପଞ୍ଚାୟତରେ ପ୍ରଭାବଶାଳୀ ଲୋକ, ପିଆର୍‌ଆଇ ଓ ଏଏନ୍ଏମ୍‌ଙ୍କ ଜରିଆରେ୍ ସଚେତନ କରାଯାଉଛି। ଚଳିତମାସ ଶେଷ ସୁଦ୍ଧା ସମସ୍ତଙ୍କ ଟିକାକରଣ ସାରିବାକୁ ଲକ୍ଷ୍ୟ ରହିଛି। ୯୨% ପ୍ରଥମ ଡୋଜ୍ ନେଇସାରିଛନ୍ତି। ଆଉ ୮% ବାକି ଅଛି। ଏହାକୁ ଚଳିତ ମାସରେ ହିଁ ପୂରଣ କରାଯିବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ କହିଛନ୍ତି।

# କମ୍ପାନୀ କର, ନଚେତ୍ କ୍ଷତିପୂରଣ ସହ ଜମି ଫେରାଅ

**ରାୟଗଡ଼ା ଅଫିସ/ଟିକିରି/ ଲକ୍ଷ୍ମୀପୁର,୧୨।୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ କଂସାରିଗୁଡ଼ାଠାରେ ହିଣ୍ଡାଲ୍‌କୋ ପକ୍ଷରୁ ପ୍ରସ୍ତାବିତ ଆଲୁମିନା ରିଫାଇନେରି ପ୍ଲାଣ୍ଟ ଶୀଘ୍ର ସ୍ଥାପନ ଦାବିରେ କ୍ଷତିଗ୍ରସ୍ତ ଲୋକଙ୍କ ପକ୍ଷରୁ ବୁଧବାର ରୂପକଣା ଛକଠାରେ ରାସ୍ତାରୋକୋ ଆନ୍ଦୋଳନ କରାଯାଇଛି। ପ୍ଲାଣ୍ଟ ସ୍ଥାପନ ନିମନ୍ତେ ଜନଶୁଣାଣି ଶେଷ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାମ ଆରମ୍ଭ ହୋଇନାହିଁ। ପ୍ଲାଣ୍ଟ ସ୍ଥାପନ କର, ନଚେତ୍ କ୍ଷତିପୂରଣ ସହ ଅଧିକୃତ ଜମି ଫେରାଅ ବୋଲି ବିସ୍ଥାପିତ ତଥା ଜମି ହରାଇଥିବା ଅଞ୍ଚଳବାସୀ କହିଛନ୍ତି।

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ଏବଂ ରାୟଗଡ଼ା ଜିଲା କାଶୀପୁର ବ୍ଲକର ଜମିହରା ତଥା ପ୍ରଭାବିତ ଗ୍ରାମବାସୀ ଦୀର୍ଘ ୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଆନ୍ଦୋଳନ କରିଥିଲେ। ଫଳରେ ୩୨୬ ନଂ. ଜାତୀୟ ରାଜପଥରେ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ଶାନ୍ତିଶୃଙ୍ଖଳା ନିମନ୍ତେ ଅତିରିକ୍ତ ଏସ୍‌ପି ଲଳିତ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ୪ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ପୋଲିସ ସକାଳେ ଆନ୍ଦୋଳନକାରୀଙ୍କୁ ରାସ୍ତା ଅବରୋଧରୁ ହଟାଇ ୪ଜଣଙ୍କୁ ଉଠାଇନେଇ ଅଟକ ରଖିଥିଲା। ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ଜିଲା କଂଗ୍ରେସ ସଭାପତି ଦୁର୍ଗା ପଣ୍ଡା, କଂଗ୍ରେସ ନେତା ଆପଲ ସ୍ୱାମୀ କାଡ୍ରାକା ମଧ୍ୟ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏହାପରେ କ୍ଷତିଗ୍ରସ୍ତ ଅଞ୍ଚଳବାସୀ ପୁଣି ରାସ୍ତା ଅବରୋଧକରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସୂଚନାଯୋଗ୍ୟ, ପ୍ଲାଣ୍ଟ ସ୍ଥାପନ ନେଇ ୨୦୨୧ ଅକ୍ଟୋବରରେ ସରକାରଙ୍କ ପକ୍ଷରୁ ଜନଶୁଣାଣି ହୋଇଥିଲା। ଅଞ୍ଚଳବାସୀଙ୍କ ସମର୍ଥନରେ କମ୍ପାନୀ ପ୍ରତିଷ୍ଠା ପାଇଁ ସବୁଜ ସଙ୍କେତ ମିଳିବା ସହ ୩ ମାସ ମଧ୍ୟରେ କାମ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ମିଳିଥିଲା। ଇତିମଧ୍ୟରେ ୩ ମାସ ବିତିଯାଇଥିଲେ ମଧ୍ୟ ପ୍ଲାଣ୍ଟ ସ୍ଥାପନ ନେଇ କୌଣସି ସୂଚନା ନାହିଁ। କାର୍ଯ୍ୟ ଆରମ୍ଭ ପାଇଁ ଡିସେମ୍ବର ୧୮ରେ କୋରାପୁଟ ଏମ୍‌ପି ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିଲା। ୧୫ଦିନ ମଧ୍ୟରେ ପଦକ୍ଷେପ ନ ନେଲେ ରାସ୍ତାରୋକୋ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏବେ ପୁଣି ୧୫ ଦିନ ସମୟ ଦିଆଯାଇଛି। ଏହି ଅବସରରେ ଉପଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କୌଣସି ପଦକ୍ଷେପ ନ ନେଲେ ସିଙ୍ଗାରାମ ରେଳ ଷ୍ଟେଶନଠାରେ ରେଳରୋକୋ, ବକ୍ସାଇଟ ଉତ୍ତୋଳନ ବନ୍ଦ ଏବଂ ଉତ୍କଳ ଆଲୁମିନା କମ୍ପାନୀ ଗେଟ୍ ବନ୍ଦ କରାଯିବ ବୋଲି ଜମିହରା ଅଞ୍ଚଳବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।


ଆନ୍ଦୋଳନରେ ବସିଥିବା ଜମିହରା ଅଞ୍ଚଳବାସୀ ଏବଂ କୋରାପୁଟ ଏମ୍‌ପି।

# ଶାମ୍ବ ଦଶମୀରେ ଗଡ଼ିଲା ସୂର୍ଯ୍ୟ ରଥ

**କୋଣାର୍କ,୧୨।୧(ଡି.ଏନ୍.ଏ.)**

ଶାମ୍ବ ଦଶମୀରେ ସୂର୍ଯ୍ୟ ନାରାୟଣଙ୍କ ରଥଯାତ୍ରାର ସ୍ୱତନ୍ତ୍ରତା ରହିଛି। ଏହି ପରିପ୍ରେକ୍ଷୀରେ କୋଣାର୍କ ଅବଧୂତ ମଠ ପକ୍ଷରୁ ବୁଧବାର ମଠ ପରିସରରେ ସୂର୍ଯ୍ୟ ଦେବତାଙ୍କୁ ପୂଜା କରାଯାଇ ସୂର୍ଯ୍ୟରଥ ଶୋଭାଯାତ୍ରାରେ ବାହାରିଥିଲା। ଅର୍କକ୍ଷେତ୍ର କୋଣାର୍କ ସକଳ ଶକ୍ତିର ଆଧାର ପ୍ରଭୁ ସୂର୍ଯ୍ୟଙ୍କ ଉପାସନା କ୍ଷେତ୍ର ରୂପେ ପରିଚିତ। ଏହି ଅବସରରେ ଓଡ଼ିଶା ସୌରବ୍ରାହ୍ମଣ ପରିଷଦ ପକ୍ଷରୁ ୩ଦିନିଆ ସୌରଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଛି। ଶାମ୍ବଦଶମୀ ତିଥିରେ ରଥରେ ମିତ୍ରାଦିତ୍ୟଙ୍କୁ ଦର୍ଶନ କଲେ ରୋଗ, ଶୋକ ଓ ଭୟରୁ ମୁକ୍ତି ମିଳିବା ସହିତ ପୁନର୍ଜନ୍ମ ହୋଇ ନ ଥିବା ବିଶ୍ୱାସ ରହିଛି। ସର୍ବପୁରାତନ ଶ୍ରୀ ଅନନ୍ତ ଅବଧୂତ ମଠରୁ ସୂର୍ଯ୍ୟନାରାୟଣ ଚନ୍ଦ୍ରଭାଗା ତୀର୍ଥ କ୍ଷେତ୍ରକୁ ୨୭ଦିନ ଯାତ୍ରାରେ ବାହାରିଥିଲେ। ଉଦୟକାଳୀନ ସୂର୍ଯ୍ୟଙ୍କୁ କାକରା ଭୋଗ, ପୂଜାର୍ଚ୍ଚନା ପରେ ମଠରୁ ସୂର୍ଯ୍ୟଦେବଙ୍କୁ ରଥାରୂଢ଼ କରାଯାଇଥିଲା। ଦିନ ୧୧ଟାରେ ଆରମ୍ଭ ହୋଇଥିଲା ରଥଟଣା। ଶ୍ରଦ୍ଧାଳୁମାନେ ରଥକୁ ଚନ୍ଦ୍ରଭାଗା ଅଭିମୁଖେ ଟାଣି ନେଇଥିଲେ। ଏକ ଆଧ୍ୟାତ୍ମିକ ପରିବେଶରେ ଘଣ୍ଟ, ଶଙ୍ଖ, ହରିବୋଲ ନାଦରେ ପ୍ରକମ୍ପିତ ହୋଇଉଠିଥିଲା ଅଞ୍ଚଳ। ଚନ୍ଦ୍ରଭାଗା ତୀର୍ଥରେ ୨୭ଦିନ ଧରି ୨୭ ନକ୍ଷତ୍ରର ପୂଜାପାଠ କରାଯିବ। ପବିତ୍ର ମାଘସପ୍ତମୀ ତିଥିରେ ସୂର୍ଯ୍ୟ ନାରାୟଣ ରଥରେ ଅବଧୂତ ମଠକୁ ବାହୁଡ଼ି ଆସିବେ। ଏହି କାର୍ଯ୍ୟକ୍ରମକୁ ସୌର ବ୍ରାହ୍ମଣ ପରିଷଦ ଓଡ଼ିଶା, ଅର୍କକ୍ଷେତ୍ର ଗାୟତ୍ରୀ ପରିବାର କର୍ମକର୍ତ୍ତା ପରିଚାଳନା କରିଥିଲେ।



**ଆଜିର ମନ୍ତବ୍ୟ**

"ବିଚାରଧାରା ବିଭାଜନ ପାଇଁ ନୁହେଁ, ବରଂ ଏକତ୍ର କରିବା ଲାଗି ଉଦ୍ଦିଷ୍ଟ। ଏହା ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଦ୍ୱେଷ ସୃଷ୍ଟି ନ କରୁ। -ଜିତେନ୍ଦ୍ର ସିଂ, କେନ୍ଦ୍ରମନ୍ତ୍ରୀ



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଶ୍ରୀକୃତି
ପରିବାରବର୍ଗ


ବାବୁ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମହାନଦୀ ସାଙ୍ଗେ ଯୋର,**
**ଲୁହାକୁ ନେଇ ତୁଲ କରୁଥିଲେ**
**ସୁବର୍ଣ୍ଣ ସଙ୍ଗେ କି ତୁଲ ?**

ଲୁହା ଲୁହା, ସୁନା ସୁନା। ଲୁହା ସୁନା ସହ ତୁଳନା ଯୋଗ୍ୟ ନୁହେଁ। ଯେତେଯାହା କଲେ ମଧ୍ୟ ଲୁହା କେବେ ସୁନା ସମକକ୍ଷ ହୋଇପାରି ନ ଥାଏ। ପରୋକ୍ଷରେ ଗୁଣ ଓ ପ୍ରତିଭା ଯାହାର ଥାଏ, ସେ ହିଁ ଶ୍ରେଷ୍ଠ ବୋଲାଇଥାଏ। ଯୋଗ୍ୟତା ନ ଥାଇ ନିଜକୁ ଶେଷ୍ଠ ସହ ତୁଳନା କରିବସିବା କେବଳ ଲୋକହସା ହେବା ସାର ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ମାଛ ଭିତରେ ଇଲିଶି ରାଣୀ,**
**ମଜା ମାରିନିଏ ବେସର ପାଣି।**

ଖାଦ୍ୟ ସହ ରୁଚିର ସମ୍ପର୍କ ରହିଥାଏ। ଇଲିଶି ମାଛ ସମସ୍ତ ଜାତିଆ ମାଛଙ୍କ ମଧ୍ୟରେ ସୁସ୍ୱାଦୁ। ଇଲିଶି ମାଛକୁ ବେସର ଦେଇ ରାନ୍ଧିଲେ ଖୁବ୍ ସ୍ୱାଦିଷ୍ଟ ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ -
ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୪ ଜଣଙ୍କୁ ମୃତ୍ୟୁ ଦଣ୍ଡାଦେଶ

### ହାଫିଜ୍‌ଙ୍କ ଘର ବାହାରେ ବିସ୍ଫୋରଣ ମାମଲା

**ଇସ୍‌ଲାମାବାଦ,୧୨।୧(ପି.ଟି.)**

ମୁମ୍ବାଇ ଆକ୍ରମଣ ମାଷ୍ଟରମାଇଣ୍ଡ ତଥା ଆତଙ୍କବାଦୀ ସଙ୍ଗଠନ ଜମାତ୍-ଉଦ୍-ଦ୍ୱାୱା(ଜେୟୁଡି) ମୁଖ୍ୟ ହାଫିଜ୍ ସୟିଦ୍‌ଙ୍କ ଘର ବାହାରେ ବିସ୍ଫୋରଣ ମାମଲାରେ ପାକିସ୍ତାନର ଲାହୋର ସ୍ଥିତ ଏକ କୋର୍ଟ ୪ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଛି। ୨୦୨୧ ଜୁନ୍ ୨୩ରେ ହାଫିଜ୍‌ଙ୍କ ଘର ବାହାରେ ବିସ୍ଫୋରଣ ହୋଇଥିଲା। ଏଥିରେ ସମ୍ପୃକ୍ତ ଅଞ୍ଚଳର ଅନେକ ଘର, ଦୋକାନ ଓ ଯାନବାହନ ନଷ୍ଟ ହୋଇଯାଇଥିଲା। ବିସ୍ଫୋରଣରେ ୩ ଜଣ ପ୍ରାଣ ହରାଇଥିବାବେଳେ ୨୦ ଜଣ ଆହତ ହୋଇଥିଲେ। ଆତଙ୍କବାଦ ନିରୋଧୀ ଅଦାଲତର ବିଚାରପତି ଅର୍ଶଦ ହୁସେନ୍ ଭୁଟ୍ଟା ଏହି ମାମଲାର ଶୁଣାଣି କରି ଆୟେଶା ବିବି ନାମ୍ନୀ ଜଣେ ମହିଳାଙ୍କୁ ୫ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ତେହ୍‌ରିକ୍-ଇ-ତାଲିବାନ୍ ପାକିସ୍ତାନ (ଟିଟିପି)ର ଇଦ୍ ଗୁଲ୍, ପିଟର ପଲ୍ ଡେଭିଡ୍, ସଜାଦ୍ ଶାହ ଏବଂ ଜିଆ ଉଲ୍ଲାଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଛି।


ହାଫିଜ୍ ସୟିଦ୍

# ୨ ବାଘ ଛାଲ ବେପାରୀଙ୍କୁ ୬ ମାସ ଜେଲ

**ଖୋର୍ଦ୍ଧା ଅଫିସ,୧୨।୧**

ବାଘ ଛାଲ ବିକ୍ରି ମାମଲାରେ ଖୋର୍ଦ୍ଧା ଏସ୍‌ଡିଜେଏମ୍ ସୌଦାମିନୀ ସିଂ ଦଫା ୪୧୧ ଓ ୩୪ ଆଇପିସିରେ ୨ ବେପାରୀଙ୍କୁ ୬ମାସ ଜେଲ ଦଣ୍ଡାଦେଶ ଦେଇଛନ୍ତି। ସମ୍ପୃକ୍ତ ଅଭିଯୁକ୍ତ ଦ୍ୱୟ ହେଲେ ନୟାଗଡ଼ ଜିଲା ଓଡ଼ଗାଁ ଥାନା ଅଧୀନ ଢାବିଲି ଗ୍ରାମର ସୁଧୀର ସାହୁ (୪୦) ଓ ପୋଡ଼ା ସାହିର ସୁବାସ ଚନ୍ଦ୍ର ମହାରଣା (୫୨)। ସୂଚନା ଅନୁଯାୟୀ, ୨୦୨୧ ଏପ୍ରିଲ ୨ତାରିଖରେ ଅଭିଯୁକ୍ତ ଦ୍ୱୟ ଏକ ବାଇକ୍‌ରେ ବାଘଛାଲ ଧରି ବିକ୍ରି ଉଦ୍ଦେଶ୍ୟରେ ଯାଉଥିଲେ। କୌଣସି ସୂତ୍ରରୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍ ଏହି ସୂଚନା ପାଇ ବୋଲଗଡ ଅଞ୍ଚଳରୁ ସେମାନଙ୍କୁ ଗିରଫ କରିଥିଲା। ଉକ୍ତ ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ଆଇନଜୀବୀ ସୁମିତ ନାୟକ ଏବଂ ପ୍ରଫୁଲ୍ଲ ଦାସ ମାମଲା ପରିଚାଳନା କରୁଥିଲେ।

# ୪୭୫ ଜଣଙ୍କ ବିରୋଧରେ ୨୬୭ ମାମଲା

### ଭିଜିଲାନ୍ସର ବାର୍ଷିକ ରିପୋର୍ଟ

■ ୧୦ କର୍ମଚାରୀଙ୍କୁ ବାଧ୍ୟତାମୂଳକ ଅବସର

**କଟକ ଅଫିସ୍/ଭୁବନେଶ୍ୱର,୧୨।୧(ବ୍ୟୁରୋ)**

ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ୨୦୨୧ ବର୍ଷର ରିପୋର୍ଟ କାର୍ଡ ପ୍ରକାଶ ପାଇଛି। ୨୦୨୦ରେ ୨୪୫ ମାମଲା ରୁଜୁ ହୋଇଥିବାବେଳେ ଏଥିରେ ବୃଦ୍ଧି ଘଟିଛି। ୨୦୨୧ରେ ୪୭୫ ଜଣଙ୍କ ବିରୋଧରେ ୨୬୭ ମାମଲା ରୁଜୁ ହୋଇଛି। ତନ୍ମଧ୍ୟରେ ୪୬ ପ୍ରଥମ ଶ୍ରେଣୀ, ୪୦ ଦ୍ୱିତୀୟ ଶ୍ରେଣୀ, ୨୩୧ ତୃତୀୟ ଶ୍ରେଣୀ, ୪ ଚତୁର୍ଥ ଶ୍ରେଣୀ, ୫୮ ଅନ୍ୟ ତଳିଆ କର୍ମଚାରୀ ଏବଂ ୯୬ ଜଣ କର୍ମଚାରୀଙ୍କ ସମ୍ପର୍କୀୟ ରହିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୧୧୧ ସରକାରୀ ଏବଂ ୪୪ ବେସରକାରୀ କର୍ମଚାରୀ ଗିରଫ ହୋଇଛନ୍ତି। ୯୨ ମାମଲା ରୁଜୁ ହୋଇଥିବାବେଳେ ମୋଟ ୧୦୭ କୋଟି ୬୦ ଲକ୍ଷ ଟଙ୍କାର ସମ୍ପତ୍ତି ଜବତ କରାଯାଇଛି। ୨୦୨୧ରେ ୧୦୭ ସରକାରୀ ଅଧିକାରୀ ଓ ୨ ବେସରକାରୀ କର୍ମଚାରୀଙ୍କ ବିରୋଧରେ ୯୮ ଲାଞ୍ଚ ନେବା ସମ୍ପର୍କିତ ମାମଲା ରୁଜୁ ହୋଇଛି। ସେଥି ମଧ୍ୟରେ ୧୫ ପ୍ରଥମ ଶ୍ରେଣୀ, ୧୩ ଦ୍ୱିତୀୟ ଶ୍ରେଣୀ, ୬୮ ତୃତୀୟ ଶ୍ରେଣୀ, ୪ ଚତୁର୍ଥ ଶ୍ରେଣୀ, ୫ ଅନ୍ୟାନ୍ୟ ସରକାରୀ କର୍ମଚାରୀ ଏବଂ ୨ ଜଣ କର୍ମଚାରୀଙ୍କ ସମ୍ପର୍କୀୟ ଅଛନ୍ତି। ମୋଟ ୨୦ ଲକ୍ଷ ୧୩ ହଜାର ଲାଞ୍ଚ ଟଙ୍କା ଜବତ କରାଯାଇଛି। ଆସିଷ୍ଟାଣ୍ଟ ଇଞ୍ଜିନିୟର ସନ୍ତୋଷ ଦାସଙ୍କଠାରୁ ସର୍ବାଧିକ ୪୧ ଲକ୍ଷ ୭୭ ହଜାର ନଗଦ ଟଙ୍କା ଜବତ ହୋଇଛି। ଅନୁରୂପ ଭାବେ ପ୍ରତାପ ସାମଲଙ୍କଠାରୁ ୩୮ ଲକ୍ଷ ୧୨ ହଜାର ୯୦୦, ଷ୍ଟାଫ୍ ସିଲେକ୍ସନ କମିଶନ ସଦସ୍ୟଙ୍କ ପିଏସ୍ ବିରଞ୍ଚି ନାରାୟଣ ସାହୁଙ୍କଠାରୁ ୧୨ ଲକ୍ଷ ୪୬ ହଜାର ୪୯୨ ଜବତ କରାଯାଇଛି। ସେହିପରି ସରକାରୀ ସମ୍ପତ୍ତି ଆତ୍ମସାତ୍ କରିଥିବା ଅଭିଯୋଗରେ ୭୭ ମାମଲା ଦାଏର ହୋଇଛି। ୨୧୩ କର୍ମଚାରୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ସେଥିରୁ ୧୬୩ ସରକାରୀ କର୍ମଚାରୀ ଏବଂ ୫୦ ଜଣ କର୍ମଚାରୀଙ୍କ ସମ୍ପର୍କୀୟ ଅଛନ୍ତି। ଏମାନଙ୍କଠାରୁ ୮ କୋଟି ୩୨ ଲକ୍ଷ ଟଙ୍କା ଜବତ ହୋଇଛି। ଗତବର୍ଷ ଭିଜିଲାନ୍ସ ୧୭୫ ଜଣଙ୍କୁ ଗିରଫ କରିଛି। ସେଥିରୁ ୨୩ ପ୍ରଥମ ଶ୍ରେଣୀ, ୨୮ ଦ୍ୱିତୀୟ ଶ୍ରେଣୀ, ୧୦୪ ତୃତୀୟ ଶ୍ରେଣୀ, ୨ ଚତୁର୍ଥ ଶ୍ରେଣୀ କର୍ମଚାରୀ ଏବଂ ୧୮ ବେସରକାରୀ କର୍ମଚାରୀ ରହିଛନ୍ତି। ୧୦ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଥିବାବେଳେ ୬ ତୃତୀୟ ଶ୍ରେଣୀ କର୍ମଚାରୀଙ୍କୁ ସରକାର ବହିଷ୍କୃତ କରିଛନ୍ତି। ୨୫୪ ମାମଲା ମଧ୍ୟରୁ ୨୪୪ଟିରେ ଚାର୍ଜଶିଟ ଦାଖଲ ହୋଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

### ପୁଣି ସୁପ୍ରିମକୋର୍ଟ ...

ବୋଲି ଅଦାଲତ ଘୋଷଣା କରନ୍ତୁ। ରାଜ୍ୟ ସରକାରଙ୍କ ଅଧିକାରୀମାନେ ଯେପରି ଉକ୍ତ ଅଞ୍ଚଳରେ ବିନା ବାଧାରେ ସ୍ୱାଧୀନ ଭାବେ କାର୍ଯ୍ୟ କରିପାରିବେ, ସେଥିପାଇଁ ଅଦାଲତ ନିର୍ଦ୍ଦେଶନାମା ଜାରି କରିବା ପାଇଁ ଓଡ଼ିଶା ଅନୁରୋଧ କରିଛି। ସୀମାନ୍ତ ଅଞ୍ଚଳରେ ଆନ୍ଧ୍ରର ଅଧିକାରୀମାନଙ୍କୁ ପ୍ରବେଶ ଅନୁମତି ନ ଦେବା ଲାଗି ଓଡ଼ିଶା ସରକାର ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଛନ୍ତି। ଓଡ଼ିଶାର ଏହି ପଦକ୍ଷେପକୁ କୋଟିଆ ସଂଗଠନ ଏବଂ କୋରାପୁଟ ବିକାଶ ପରିଷଦ ସମର୍ଥନ ଜଣାଇଛି। ସୂଚନାଯୋଗ୍ୟ, ଉଭୟ ରାଜ୍ୟ ସରକାର ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ କୋଟିଆ ସୀମା ବିବାଦର ସମାଧାନ ସୂତ୍ର ବାହାର କରିବା ଲାଗି ଗତବର୍ଷ ଅଗଷ୍ଟରେ ସୁପ୍ରିମକୋର୍ଟ ପରାମର୍ଶ ଦେଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ସମାବେଶ, ...

କମିଶନରଙ୍କ ନିର୍ଦ୍ଦେଶରେ ବ୍ଲକ କାର୍ଯ୍ୟାଳୟଗୁଡିକରେ ଅଧିକ ସଂଖ୍ୟକ ଭୋଟଗଣତି କେନ୍ଦ୍ର କରିବା ଦିଗରେ ଜିଲା ପ୍ରଶାସନ ପଦକ୍ଷେପ ନେବ।

କେବଳ ସେତିକି ନୁହେଁ, ନାମାଙ୍କନ ଦାଖଲ ସମୟରେ ପ୍ରାର୍ଥୀ ଓ ତାଙ୍କ ପ୍ରସ୍ତାବକ ଉଭୟ ସାମାଜିକ ଦୂରତ୍ୱ ଓ କୋଭିଡ୍ ଗାଇଡ୍‌ଲାଇନ ପାଳନକରି ନିର୍ବାଚନ ଅଧିକାରୀଙ୍କ ଅଫିସକୁ ଯିବେ। ନାମାଙ୍କନ ଦାଖଲ ସମୟରେ ଅଧିକ ସଂଖ୍ୟକ ଲୋକ ଏକଜୁଟ ହୋଇପାରିବେ ନାହିଁ। ଭୋଟ ଗଣତି କେନ୍ଦ୍ର ବାହାରେ ଭିଡ଼ ହେବ ନାହିଁ। ବିଜୟୀ ପ୍ରାର୍ଥୀଙ୍କ ଦ୍ୱାରା ଲୋକଙ୍କୁ ଏକଜୁଟ କରାଇବା ଓ ଶୋଭାଯାତ୍ରା କରିବା ଉପରେ ସମ୍ପୂର୍ଣ୍ଣ କଟକଣା ରହିବ। ଏସବୁ ନିର୍ଦ୍ଦେଶ ଉଲ୍ଲଂଘନ କଲେ ବିପର୍ଯ୍ୟୟ ପରିଚାଳନା ଆଇନ-୨୦୦୫ର ଧାରା ୫୧ରୁ ୬୦ ପର୍ଯ୍ୟନ୍ତ ପ୍ରାବଧାନ ଓ ଆଇପିସିର ଧାରା ୧୮୮ ଅନୁସାରେ ଦଣ୍ଡିତ ହେବେ ବୋଲି ସ୍ପଷ୍ଟ କରାଯାଇଛି।

### ଓସିଏସ୍ ମେନ୍: ଚିନ୍ତାରେ...

ବେଳକୁ ସଂକ୍ରମଣ ଶୀର୍ଷରେ ରହିବ ବୋଲି ଆକଳନ କରାଯାଉଥିବାରୁ ପିଲାମାନେ ଭୟରେ କେବଳ ପରୀକ୍ଷା ଦେବା ପାଇଁ ଯିବେ। ପରୀକ୍ଷା ସମୟରେ କେହି ସଂକ୍ରମିତ ହେଲେ ଶାରୀରିକ ଓ ମାନସିକ ଚାପରେ ପଡ଼ିବେ। ଯଦି କେଉଁ ପିଲା ଓଡ଼ିଶା ବାହାରୁ ପରୀକ୍ଷା ଦେବା ପାଇଁ ଆସିବ ଏବଂ ବିମାନବନ୍ଦରରେ ତା'ର କୋଭିଡ୍ ପଜିଟିଭ୍ ବାହାରିବ, ତେବେ ସେହି ପିଲାଟି କ୍ୱାରାଣ୍ଟାଇନ୍ ନିୟମକୁ ଠିକ୍‌ରେ ପାଳନ କରିପାରିବ ନାହିଁ କି ପରୀକ୍ଷା ଦେଇପାରିବ ନାହିଁ। ଏ ସବୁକୁ ଦୃଷ୍ଟିରେ ରଖି ପରୀକ୍ଷାକୁ ସ୍ଥଗିତ କରାଗଲେ ପରୀକ୍ଷାର୍ଥୀମାନେ ଉପକୃତ ହେବେ।

ଛାତ୍ରୀ ଈପ୍‌ସିତା ମହାନ୍ତି କହିଛନ୍ତି, ମୋର ଏବେ କରୋନା ଲକ୍ଷଣ ରହିଛି। ପ୍ରସ୍ତୁତି ବି ଠିକ୍‌ରେ କରିପାରୁନି। ଆଉ ପରୀକ୍ଷା ବି ଏତେ ଦିନ ହେବ, ସେଥିରେ ବି ସଂକ୍ରମଣର ଭୟ ରହୁଛି। ତେଣୁ କରୋନା ସ୍ଥିତିରେ ସୁଧାର ଆସିବା ପରେ ପରୀକ୍ଷା ପାଇଁ ବ୍ୟବସ୍ଥା କରାଯାଉ। ଛାତ୍ରୀ ତୃପ୍ତିମୟୀ ପ୍ରଧାନ କହୁଛନ୍ତି, ମନରେ ଭୟ ତ ରହିଛି। କିନ୍ତୁ ପରୀକ୍ଷା ହେଇଯାଉ ବୋଲି ମୁଁ ଚାହୁଁଛି। କାରଣ ପରୀକ୍ଷା ପାଇଁ ପ୍ରସ୍ତୁତି କରିସାରିଛି। ଆଉ ସମୟ ନଷ୍ଟ କରିବା ପାଇଁ ଚାହୁଁନି। ତେବେ କରୋନା କଟକଣାକୁ କଡ଼ାକଡ଼ି ଭାବେ ପାଳନ କରି ପରୀକ୍ଷା ପରିଚାଳନା କରାଯାଉ ବୋଲି ସେ ମତ ରଖିଛନ୍ତି। ଏ ସମ୍ପର୍କରେ ଓପିଏସ୍‌ସି ସଦସ୍ୟ ପ୍ରଫେସର ସଙ୍ଗୀତା ରଥ କହିଛନ୍ତି, ବର୍ତ୍ତମାନ ଓପିଏସ୍‌ସିର ବିଭିନ୍ନ ପରୀକ୍ଷା ଚାଲିଛି। ପରୀକ୍ଷା ସ୍ଥଗିତ ନେଇ ସରକାର ଏ ସଂକ୍ରାନ୍ତରେ କିଛି ନିର୍ଦ୍ଦେଶ ଦେଇନାହାନ୍ତି। ତେଣୁ ଆପାତତଃ ଓସିଏସ୍ ମେନ୍ ପରୀକ୍ଷା ହେବ।

### ମହଙ୍ଗା ମାଡ଼ ...

ତେଣୁ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବା ଲକ୍ଷ୍ୟରେ ଆର୍‌ବିଆଇ ଗତମାସ ୮ ତାରିଖରେ ସୁଧହାରକୁ ୪%ରେ ଅପରିବର୍ତ୍ତିତ ରଖିଥିଲା। ଚଳିତ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ(ଜାନୁୟାରୀରୁ ମାର୍ଚ୍ଚ)ରେ ହାରାହାରି ଖୁଚୁରା ମୁଦ୍ରାସ୍ଫୀତି ୫.୭% ହେବ ବୋଲି ଆର୍‌ବିଆଇ ପୂର୍ବାନୁମାନ କରିଛି।

ଅନ୍ୟପକ୍ଷରେ ନଭେମ୍ବର ୨୦୨୧ରେ ଶିଳ୍ପ ଉତ୍ପାଦନ ସୂଚକାଙ୍କ(ଆଇଆଇପି) ଅଭିବୃଦ୍ଧି ୧.୪% ହୋଇଛି। ୨୦୨୦ ନଭେମ୍ବରରେ ଏହି ଅଭିବୃଦ୍ଧି 'ବିଯୁକ୍ତ ୧.୬%' ଥିଲା। ଅକ୍ଟୋବରରେ ଆଇଆଇପି ଅଭିବୃଦ୍ଧି ୩.୨% ରହିଥିଲା। ନଭେମ୍ବରରେ ଖଣି କ୍ଷେତ୍ରରେ ଅଭିବୃଦ୍ଧି ୫% ରହିଛି, ଯାହା ପୂର୍ବ ବର୍ଷ ସମାନ ମାସରେ 'ବିଯୁକ୍ତ ୫.୪%' ଥିଲା। ସେହିପରି ଗତ ନଭେମ୍ବରରେ ଉତ୍ପାଦନ ସେକ୍ଟରର ଅଭିବୃଦ୍ଧି କେବଳ ୦.୯% ରହିଛି, ଯାହାକି ଗତବର୍ଷ ସମାନ ମାସରେ ଏହା 'ବିଯୁକ୍ତ ୧.୬%' ଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ନିଜ ରାଶିରେ ଅବସ୍ଥାନ କରି ସୁଖ, ସମୃଦ୍ଧି ପ୍ରଦାନ କରିବେ। ଯାହା ପାଇବା ପାଇଁ ଚିନ୍ତା କରୁଛନ୍ତି ତାହା ପାଇବେ। ଆନୁଷ୍ଠାନିକ କାମରେ ସଫଳତା ପାଇବାରେ ପୁରୁଣା ବନ୍ଧୁ ସାହାଯ୍ୟ କରିବେ। ପଦସ୍ଥଙ୍କ ପ୍ରେରଣା, ଆତ୍ମୀୟଙ୍କ ସହୃଦୟତା, ଅଧସ୍ତନମାନଙ୍କ ଆନୁଗତ୍ୟ ସାମାଜିକ ଜୀବନକୁ ସରସ ସୁନ୍ଦର କରିବାରେ ସହାୟକ ହେବ।

**ବୃଷ** ପାପଗ୍ରହ ପ୍ରଭାବରୁ ସ୍ୱାସ୍ଥ୍ୟହାନି, ଅର୍ଥ ସଂକଟ, ବାଣିଜ୍ୟ, ବ୍ୟବସାୟରେ ଝଗଡ଼ାଜନିତ ଦୁଶ୍ଚିନ୍ତା ଦେଖାଦେବ। ଅନ୍ୟମାନଙ୍କୁ ଆକର୍ଷିତ କରିବା ପାଇଁ ବିଭିନ୍ନ ଚେଷ୍ଟା କଲେ ମଧ୍ୟ ଅସଫଳ ହେବେ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବାର ସମ୍ଭାବନା ରହିଛି।

**ମିଥୁନ** ଦୀର୍ଘ ଦିନରୁ କଥାବାର୍ତ୍ତା କରୁ ନ ଥିବା ବନ୍ଧୁଟି ନିକଟେଇ ଆସିବାର ଉପକ୍ରମ କରିବ। ମାନସିକ ଅସ୍ଥିରତା ରହିଲେ ମଧ୍ୟ କଥାବାର୍ତ୍ତାରେ ସତର୍କ ନ ରହିଲେ କଳହ ଲାଗିପାରେ। ପ୍ରାତଃ ଭ୍ରମଣ, ରାଜନୀତି, ପ୍ରଶାସନ, ସଭାସମିତି, ଲେଖାପଢ଼ା, ଯାତ୍ରା ପାଇଁ ଦିନଟି ଭଲ। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ବିବ୍ରତ ହେବେ।

**କର୍କଟ** ନୂତନ ଉତ୍ସାହ ଓ ଆନନ୍ଦମୟ ପରିବେଶରେ ସମୟ ଅତିବାହିତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି, ପରିବାର ସଦସ୍ୟଙ୍କ ଆଶାପୂରଣ ଓ ଯାତ୍ରାରେ ସଫଳତା ପାଇବେ। କର୍ମକ୍ଷେତ୍ରରେ ସାଧାରଣ କଥାରୁ କଳହ କିମ୍ବା ମନାନ୍ତର ଘଟିବାର ଆଶଙ୍କା ଦେଖାଦେଇପାରେ। ବନ୍ଧୁଙ୍କ ନିକଟରୁ କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**ସିଂହ** ସମସ୍ୟା ସହ ସଂଘର୍ଷ କରି ଲକ୍ଷ୍ୟ ହାସଲ କରିବେ ମାତ୍ର ମାନସିକ ସୁସ୍ଥତା ପାଇପାରିବେ ନାହିଁ। ଯେତେ ଭଲ କଥା କହିଲେ ମଧ୍ୟ ଅନ୍ୟମାନେ ତାହା ସହଜରେ ବିଶ୍ୱାସ କରି ନ ପାରନ୍ତି। ନିଜର ଆତ୍ମୀୟ ଓ ପାଖ ପଡ଼ୋଶୀଙ୍କ ସହ ସମ୍ପର୍କ ମଧ୍ୟ ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ନୂତନ ଯୋଜନାରମ୍ଭ କିମ୍ବା ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**କନ୍ୟା** ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିଲେ ମଧ୍ୟ ପାରିବାରିକ ସହଯୋଗ ମନକୁ ହାଲୁକା ରଖିବ । ପ୍ରତିବେଶୀଙ୍କ ସହ ସୁସମ୍ପର୍କ ରଖିପାରିଲେ ସହଯୋଗ ଅବଶ୍ୟ ମିଳିବ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ସ୍ୱାର୍ଥସାଧନ ଆଶାନେଇ ସହଯୋଗର ହାତ ବଢ଼ାଇ ପାରନ୍ତି। ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି କାରଣରୁ ଡାକ୍ତରଙ୍କ ପରାମର୍ଶ ପାଇଁ ଆପଣଙ୍କୁ ଦୌଡ଼ିବାକୁ ପଡ଼ିପାରେ।

**ତୁଳା** ଆର୍ଥିକ ସଂକଟ ଓ ପରିବାର ମୁଖ୍ୟଙ୍କ ସହ ଯୁକ୍ତିତର୍କର କାରଣ ହୋଇପାରେ। କୌଣସି ଆଲୋଚନାରେ ସହକର୍ମୀ କିମ୍ବା ବନ୍ଧୁଙ୍କ ମନକୁ ସୁହାଇଲା ଭଳି କାମ କରିପାରିବେ ନାହିଁ। ଅର୍ଥ ସମ୍ପର୍କିତ ଆଲୋଚନା, ଅଦାଲତ, ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ବାଣିଜ୍ୟ, ବ୍ୟବସାୟ, ପରିବହନରେ ଉନ୍ନତି କରିବେ।

**ବିଛା** ସମ୍ପର୍କୀୟଙ୍କ ସହ ମିତ୍ରତା ଜମିବ ଏବଂ ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ଦ୍ୱାରା ଅର୍ଥ ଓ ସମ୍ମାନ ଲାଭ କରିବେ। ଅଟକି ରହିଥିବା କାମରେ ଅଳ୍ପ ସମୟ ଅପେକ୍ଷା କରନ୍ତୁ, ଦେଖିବେ ସବୁ ଠିକ୍ ହୋଇଯିବ। ଈର୍ଷାପରାୟଣ ବ୍ୟକ୍ତିଙ୍କ ସାମୟିକ ବିରୋଧ, କାମକୁ ବିଶୃଙ୍ଖଳିତ କରିପାରେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** ବିବାଦୀୟ ପରିସ୍ଥିତି ବଦଳି ଯାଇଥିବା କାରଣରୁ ସୁସ୍ଥ ମାନସିକତା ଦିନଭରି ରହିବ। ମଧୁର କଥା ଦ୍ୱାରା ଅନ୍ୟମାନଙ୍କୁ ଆକର୍ଷିତ କରାଇ କାମ ହାସଲ କରିପାରିବେ। ସ୍ତ୍ରୀ ସମ୍ପର୍କ, ଆର୍ଥିକ, ପ୍ରତିଦ୍ୱନ୍ଦ୍ୱିତା, କ୍ଷେତ୍ରରେ ଆଶାନୁଯାୟୀ ସୁଫଳ ପାଇବେ। କିନ୍ତୁ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଝଗଡ଼ା ଲାଗିପାରେ।

**ମକର** କୌଣସି ଅପରିଚିତ ବ୍ୟକ୍ତି ଦ୍ୱାରା ସ୍ଥଗିତ ରହି ଯାଇଥିବା କାମଟିକୁ ଝିନଝଟ୍ ମଧ୍ୟରେ ସମ୍ପୂର୍ଣ୍ଣ କରିବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହେବ। କଳା ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ । ଲକ୍ଷ୍ୟ ହାସଲ ଦିଗରେ କିଛି ସହଯୋଗ ସକାଶେ ବନ୍ଧୁଙ୍କ ଆଗରେ ପ୍ରକାଶ କରିପାରିବେ ନାହିଁ ।

**କୁମ୍ଭ** ସକାଳୁ ଆନୁଷ୍ଠାନିକ କାର୍ଯ୍ୟ,ବନ୍ଧୁ, ସହକର୍ମୀ, ପଡ଼ୋଶୀଙ୍କ ସାହାଯ୍ୟରୁ ଉପକୃତ ହେବେ। ସାମାନ୍ୟ ତ୍ୟାଗ ସ୍ୱୀକାର କଲେ ମଧ୍ୟ ପରିବାର ଲୋକଙ୍କ ଭୁଲ୍ ଧାରଣା ବଦଳାଇପାରିବେ ନାହିଁ। ଖର୍ଚ୍ଚ ବୃଦ୍ଧି କାରଣରୁ ଚିନ୍ତା ପ୍ରକଟ କରିପାରନ୍ତି। ପାରିବାରିକ, ବ୍ୟବସାୟିକ, ସାମାଜିକ, ନୂତନ ପ୍ରକଳ୍ପ ସମ୍ପର୍କୀୟ ଯୋଜନାକୁ କାର୍ଯ୍ୟକାରୀ କରାଇନେବେ।

**ମୀନ** କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସମସ୍ତ ପ୍ରକାରର ସାହାଯ୍ୟ ଲାଭ କରି ସହଜ ଓ ସୁବିଧାରେ କାମ ହାସଲ କରିବେ। ବନ୍ଧୁମାନଙ୍କ ସହାୟତାରେ ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବେ। ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ। ବ୍ୟବସାୟ, ବାଣିଜ୍ୟ, ପରିବହନ, ଜନକଲ୍ୟାଣକାରୀ କର୍ମରୁ ପ୍ରଶଂସିତ ହେବେ।


# classifieds Everyday 0674-2580101, 2549302

**automobile**

**SALE**

Swift Dezire 10900 KMS RUN 2016 and Chevrolet Sail Diesel for sale. 7381091234, 9861194627. D-71776

**real estate**

**SALE**

Plot for sale at Chhatabar per sq.ft @99/-. 8249017091, 9937816565. D-22771

ଘରବାରି Demarcation Plot Nakhara ତ୍ରିନାଥ ବଜାରରୁ 3 Km. ମେନ୍‌ରୋଡ୍ କଡରେ 2000 ବର୍ଗଫୁଟକୁ 13,00,000/-, Chhatabar bypass road side- 15,00,000/-. 8260032051. D- 71778

Property land 3000 sqft., 4200 sqft. three storied building, swimming pool, four vehicles parking space for sale near Patrapada, Bhubaneswar, HDFC Bank, 50 mtrs. from NH. Cost: 2 Crore. 8249329947. D-71930

**Flat sale with ORERA approval at Naharakanta Chhak, Rasulgarh, Bhubaneswar NH facing. Contact: 6371401150.** D-22815

ଭୁବନେଶ୍ୱର ପିତାପଲ୍ଲୀଛକ Flyoverରୁ 400 Mtr. ଦୂରରେ ସ୍ଥିତିବାନ ପ୍ଲଟ୍ ମିଳୁଅଛି । **8338932027, 7848882166.** D-71767

Bhubaneswar CRPରୁ ୧୨ କି.ମି. ଦୂରରେ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ ୬୫୦/-, ୯୦୦/-, ୧୫୫୦/-, ୪୦୦/- ବିକ୍ରିହେବ। 9938016295. D-71770

ଭୁବନେଶ୍ୱର ଟଙ୍କପାଣି ରୋଡ୍ ସାଇ ମନ୍ଦିରରୁ **2.5K.M.** ରଙ୍ଗବଜାର **BJEM-2** କୁ ଲାଗି **East Facing 1500sqft. 4BHK duplex built up area-2285 (Bank finance available) booking open- 9337088399.** D-71775

**Flat sale at near Jharpada Durgamandap, Bhubaneswar 100' wide road facing. Contact: 6371401150.** D-22816

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.- 280/ ନଖରା ତ୍ରିନାଥ ବଜାର sqft.- 220/- (out rate). 9776974912. D-73001

**Ready to move 3BHK flat at Sailashree Vihar, Chandrasekharpur. Contact: 6371401150.** D-22814

ଭୁବନେଶ୍ୱର ବାଲିଅନ୍ତା ଭାରତ ଗ୍ୟାସ ପାଖରେ boundary ଘରବାଡ଼ି ପ୍ଲଟ୍ ବିକ୍ରିହେବ। 9438299931. D-71777

**20Gharabari developed plots, 30' internal road, Deras Dam 1k.m. Vikash Residential School side sqft.- 800/- with registration, mutation 5' boundary. Contact: 7008105759.** D-71768

ଘରବାରି ପ୍ଲଟ୍ ଧଉଳି ଶାନ୍ତିସ୍ତୁପ, ପିପିଲି ବଜାର ଏବଂ ଉତ୍ତରା (ମଗଲପୁର)ରେ ମିଳୁଛି। **93371-03361, 8249776268.** D-22761

**construction**

MPlanets- 7008550473. Expert in Building Construction @250 and Interior Design (Modular Kitchen/ TV-unit/ Wardrobe) @250. D-22834

**Construct your home which includes, Architecture, BDA plan approval, Structure quality designing materials, ABBICO Concept Engineering. 7609931239.** D-71757

**healthcare**

Ashirvaad Saloon and SPA get good massage for your health tha best therapy. 7077181074. D-71843

Full body massage, refresh your mind, relaxed by expert Lady Therapist. 8480939300. D-22828

All types massage refreshing your body mind expert lady therapy. 7008773793. D-71462

One hour any therapy by expert therapist @999 only. 9078484455. D-71465

Newly Open Saikrupa Panchakarma Spa positively health benefits with expert. 8984068077. D-22723

Newly open herbal full body massage center (expert therapist). 8280782273. D-71466

Newly open full body massage ladies and gents. 8327740003, 8455985899. D-71845

Newly opening SPA positively health benefits with expert therapist. 8917332216. D-71928

Newly open Spa New Year Dhamaka @699/, smart therapist. 7846814019. D-71464

Full body massage in homely atmosphere all therapy. Contact: 8114881641. D-60894

Newly open Spa Offer Price 599/-, positively health benefits. 8455987557. D-71463

**AFFIDAVIT**

I Lona Roy changed my surname to Lona Nayak vide affidavit dated 03.08.2021 sworn before Notary Public at Bhubaneswar. D-71467

ଏତଦ୍ୱାରା ଭଦ୍ରକ ମାଜିଷ୍ଟ୍ରେଟଙ୍କ ମାଧ୍ୟମରେ ଆଫିଡାଭିଟ୍‌ରେ ଘୋଷଣା କରେ କି ସବିତା ଦାସ, ପିତା- ମୁକ୍ତିକାନ୍ତ ଦାସ, ଗ୍ରାମ- ସୁଶୀଳାଦେଇପୁର, ରସିଲା, ଭଦ୍ରକ ଓ ପ୍ରିୟଙ୍କା ଦାସ ଜଣେ ବ୍ୟକ୍ତି ଅଟନ୍ତି। ଏହା ଭବିଷ୍ୟତରେ କାମରେ ଆସିବ । ଧ-୨୨୮୨୯


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ସ୍ୱାର୍ଥପରତା ହିଁ ଏକମାତ୍ର ପାପ। ନୀଚତା ହିଁ ଏକମାତ୍ର କୁବୃତ୍ତି। ଘୃଣା ହିଁ ଏକମାତ୍ର ଅପକର୍ମ। ଆଉ ସବୁକୁ ସତ୍‌ରୂପରେ ପରିବର୍ତ୍ତନ କରାଯାଇପାରେ। କିନ୍ତୁ ଏଇ କେତୋଟି ହେଲା ଭଗବାନଙ୍କର ଚିରଶତ୍ରୁ। -ଶ୍ରୀଅରବିନ୍ଦ

# ପ୍ରଯୁକ୍ତି ଓ ଗଣତନ୍ତ୍ର



ମାନୁଏଲ୍ ମୁନିଜ୍

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସପକ୍ଷବାଦୀମାନେ ୬ ଜାନୁୟାରୀ ୨୦୨୧ରେ କ୍ୟାପିଟୋଲ ଉପରେ ଆକ୍ରମଣ କରିଥିଲେ। ଶାନ୍ତିପୂର୍ଣ୍ଣ ଭାବେ କ୍ଷମତା ହସ୍ତାନ୍ତର କରିବାରେ ବାଧା ସୃଷ୍ଟି କରିବାରେ ସେହିଦିନର ଘଟଣା ଉଦ୍ଦିଷ୍ଟ ଥିଲା। ଏହି ଆକ୍ରମଣର ପ୍ରଥମ ବର୍ଷପୂର୍ତ୍ତି ସ୍ମରଣୋତ୍ସବ ଚଳିତ ବର୍ଷ ଜାନୁୟାରୀ ୬ରେ ପାଳନ କରାଯାଇଛି। ଏହି ସ୍ମରଣୋତ୍ସବରେ ରାଷ୍ଟ୍ରପତି ଜୋ ବାଇଡେନ୍ କହିଲେ ଯେ, ଆମେରିକାର ଆତ୍ମା ବା ଅସ୍ମିତା ରକ୍ଷା ପାଇଁ ଏକ ଲଢ଼େଇ ଲଢ଼ାଯାଉଛି। ଅନ୍ତର୍ଜାତୀୟ ସ୍ତରରେ ଅଧିକ ସ୍ପଷ୍ଟ ହେଉଛି, ଏହା ମଧ୍ୟ ସତ ଯେ, ଆମେରିକାର ରାଜନୈତିକ, ଅର୍ଥନୈତିକ ବ୍ୟବସ୍ଥା ଏବେ ସଙ୍କଟରେ। ଅପରପଟେ ଚାଇନା ଆଗକୁ ବଢୁଛି ଏବଂ ନିଜକୁ ଦୃଢ କରୁଛି । ପାଶ୍ଚାତ୍ୟ ଏବଂ ମୁଖ୍ୟ ବିକାଶଶୀଳ ଅର୍ଥବ୍ୟବସ୍ଥାଗୁଡ଼ିକରେ ତା'ରାଜନୈତିକ ଓ ନୀତିଗତ ଦୃଷ୍ଟିକୋଣକୁ ବ୍ୟାପକ ହୋଇଛି। ପୁନର୍ବାର ୟୁରୋପର ଅନେକ ଭାଗରେ ଉଗ୍ର ଜାତୀୟତାବାଦ ପ୍ରକାଶପାଇଛି। ସାରା ବିଶ୍ୱରେ ଉଦାରବାଦ ଏବଂ ଗଣତନ୍ତ୍ର ବିରୋଧୀ ମାନସିକତା ବୃଦ୍ଧିକୁ ଏହି ସବୁ ଲକ୍ଷଣ ସୂଚିତ କରୁଛି। ଏହି ପୃଷ୍ଠଭୂମିରେ ଆମେରିକା ଗଣତନ୍ତ୍ର ସୁରକ୍ଷା ପାଇଁ ଏକ ସମ୍ମିଳନୀ ଆୟୋଜନ କରିଥିଲା, ଯେଉଁଥିରେ ବିଭିନ୍ନ ଦେଶର ଶହ ଶହ ନେତା ଓ ସିଭିଲ୍ ସୋସାଇଟି ନେତୃବର୍ଗ ଯୋଗଦେଇଥିଲେ। ଗଣତାନ୍ତ୍ରିକ ଦେଶଗୁଡ଼ିକ ଦୃଢ ଓ ସକ୍ରିୟ ରୂପେ ନିଜ ଅଧିକାର ସାବ୍ୟସ୍ତ କରିବା ଉଚିତ ବୋଲି ଏହି ସମାବେଶର ସ୍ପଷ୍ଟ ବାର୍ତ୍ତା ଥିଲା। ଆମ ରାଜନୈତିକ ବ୍ୟବସ୍ଥା ପାଇଁ ଡିଜିଟାଲ କ୍ରାନ୍ତି ଓ ତାହାର ଅତ୍ୟନ୍ତ କ୍ଷତିକାରକ ଉପଯୋଗ ଉପରେ ଅନୁଧ୍ୟାନ କରିବା ଲାଗି ଉକ୍ତ ସମ୍ମିଳନୀ ଅନେକ ବୈଠକ ମଧ୍ୟ ଆୟୋଜନ କରିଥିଲା।

ଗଣତନ୍ତ୍ର ପାଇଁ ବିକାଶଶୀଳ ଟେକ୍‌ନୋଲୋଜି ବା ପ୍ରଯୁକ୍ତିଗୁଡ଼ିକ ଅତିକମ୍‌ରେ ତିନୋଟି ବିପଦ ସୃଷ୍ଟି କରିଛି। ପ୍ରଥମଟି ହେଉଛି ସାର୍ବଜନୀନ ବିତର୍କର ଆୟୋଜନ। ଏହାକୁ ଯେଭଳି କରାଯାଉଛି ତାହା ଚିନ୍ତାଜନକ। ୟୁଜର୍‌ଙ୍କୁ ସବୁବେଳେ ସମାନ ବିଚାରଧାରାର ଛୋଟ ଛୋଟ ଗୋଷ୍ଠୀଗୁଡ଼ିକରେ ବିଭକ୍ତ କରି ସୋସିଆଲ ନେଟ୍‌ୱର୍କଗୁଡ଼ିକ ସାର୍ବଜନୀନ ବିତର୍କରେ ଶତ୍ରୁତାପୂର୍ଣ୍ଣ ସ୍ଥିତି ସୃଷ୍ଟି କରୁଛନ୍ତି। ଏହାର ତଥ୍ୟକୁ ଏଭଳି ଜଟିଳ ରୂପେ ପ୍ରସ୍ତୁତ କରାଯାଉଛି ଯେ, ସେଥିରେ ସାମାଜିକ ସହମତି ସୃଷ୍ଟି କରିବା ଅତ୍ୟନ୍ତ କଷ୍ଟକର ହୋଇପଡୁଛି। ସବୁଠୁ ଉଦ୍‌ବେଗଜନକ ହେଉଛି, ସୋସିଆଲ ନେଟ୍‌ୱର୍କଗୁଡ଼ିକ ପ୍ରସାର କରୁଥିବା ବିଷୟପାଇଁ ଉତ୍ତରଦାୟୀ ରହୁନାହାନ୍ତି। ଏଥିରୁ ବୁଝାପଡୁଛି, ସେମାନେ ସେମାନଙ୍କ ପ୍ଲାଟ୍‌ଫର୍ମଗୁଡ଼ିକରେ ଭୁଲ୍ ତଥ୍ୟ ପ୍ରସାର କରିପାରିବେ। ତେବେ ନୂଆ ଡିଜିଟାଲ ପ୍ଲାଟ୍‌ଫର୍ମଗୁଡ଼ିକର ବିଜ୍ଞାପନ ନିର୍ଭରଶୀଳ ବିଜ୍‌ନେସ ମଡେଲ ପାରମ୍ପରିକ ନୂଆ ସଂସ୍ଥାଗୁଡ଼ିକ ସହ ପ୍ରତିଯୋଗିତା କରୁଛନ୍ତି। ଫଳରେ, ପୂର୍ବରୁ ହେଉଥିବା ଉଚ୍ଚଗୁଣବତ୍ତା ସାମ୍ବାଦିକତା ଏବଂ ସାର୍ବଜନୀନ ବିତର୍କକୁ ସେମାନେ ଦୁର୍ବଳ କରିଦେଇଛନ୍ତି। ସେମାନଙ୍କ ମୁକ୍ତ ଡିଜିଟାଲ ଧାରାରେ ବାହାରର ହସ୍ତକ୍ଷେପ ଏବଂ ନିର୍ବାଚନ ଓ ଅନ୍ୟ ଗଣତାନ୍ତ୍ରିକ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବାକୁ ଚାହୁଁଥିବା କୁଟିଳ ଉପସ୍ଥାପକଙ୍କ ଦ୍ୱାରା ଏହାର ଦୁରୁପଯୋଗ ସେମାନଙ୍କୁ ଅତ୍ୟଧିକ ସମ୍ବେଦନଶୀଳ କରିଛି।

ଦ୍ୱିତୀୟରେ ନୂଆ ଟେକ୍‌ନୋଲୋଜି ଗୋପନୀୟତା ଉପରେ ବିପଦ ସୃଷ୍ଟି କରିଛି। ଅତ୍ୟାଧୁନିକ ମନିଟରିଂ ଏବଂ ସର୍ଭିଲାନ୍ସ ଟେକ୍‌ନୋଲୋଜି କାରଣରୁ ସରକାରୀ ଏବଂ ଘରୋଇ ଆକ୍ଟରମାନେ ସମାନ ଭାବେ ନାଗରିକ ଓ ଉପଭୋକ୍ତାଙ୍କ କାର୍ଯ୍ୟକଳାପ ସମ୍ପର୍କରେ ସବିଶେଷ ତଥ୍ୟ ପାଇପାରିବେ। ଆଗକୁ ବୃହତ୍ ଡାଟାର ପରିଚାଳନା ଏବଂ କୃତ୍ରିମ ବୁଦ୍ଧିମତ୍ତାକୁ କେନ୍ଦ୍ରୀକୃତ କରିବା, ସାମୂହିକ ଓ ବ୍ୟକ୍ତିଗତ କାର୍ଯ୍ୟକଳାପଗୁଡ଼ିକ ଉପରେ ଅନ୍ତର୍ଦୃଷ୍ଟି କାର୍ଯ୍ୟ ଅଧିକ ହେବ। ଗୋପନୀୟତାର ଉଲ୍ଲଂଘନ ଦୁଇଟି ଭିନ୍ନ ସ୍ଥିତିକୁ ବାଟ କଢାଇ ନେବ , ଯେଉଁଥିରେ ବ୍ୟକ୍ତିଗତ ସ୍ୱାଧୀନତାରେ ଘୋର ବାଧା ସୃଷ୍ଟି ହେବ। ପ୍ରଥମଟି ହେଉଛି ସର୍ଭିଲାନ୍ସ ପୁଞ୍ଜିବାଦ, ଯେଉଁଥିରେ କର୍ପୋରେଶନଗୁଡ଼ିକ ଉପଭୋକ୍ତାଙ୍କୁ ନିମ୍ନସ୍ତରରେ ବେଆଇନ ଓ ଭୁଲ୍ ବାଟରେ ନିୟନ୍ତ୍ରଣ କରିବାକୁ ସେମାନଙ୍କ ତଥ୍ୟ ବା ସୂଚନା ପ୍ରୟୋଗ କରିବେ। ଦ୍ୱିତୀୟ କଥାଟି ହେଉଛି ସର୍ଭିଲାନ୍ସ ସ୍ଥିତି। ନାଗରିକଙ୍କ ଅତ୍ୟଧିକ ଗୁପ୍ତ କାର୍ଯ୍ୟକଳାପରେ ବାଧା ସୃଷ୍ଟି କରିବାକୁ ସରକାରୀ ଅଧିକାରୀମାନେ ନାଗରିକମାନଙ୍କ ତଥ୍ୟକୁ ବ୍ୟବହାର କରିବେ।

ତୃତୀୟ ବିପଦ ରାଜନୈତିକ ଏଜେନ୍ସି ସହ ଜଡ଼ିତ। ବିଶେଷକରି ଗଣତନ୍ତ୍ର ହେଉଛି ଏକ ବୃହତ୍ ତଥ୍ୟ ବ୍ୟବସ୍ଥା। ନାଗରିକମାନଙ୍କର ବାକ୍ ସ୍ୱାଧୀନତା, ସମାବେଶହେବାର ସ୍ୱାଧୀନତା ଏବଂ ବିଶ୍ୱସ୍ତରୀୟ ମତାଧିକାର ସେମାନଙ୍କୁ ରାଜନୈତିକ ଯୋଜନା ଉପରେ ସେମାନଙ୍କ ମତାମତ ଦେବାକୁ ସକ୍ଷମ କରିଛି। କିନ୍ତୁ ଏବେ ସର୍ଭିଲାନ୍ସ ଏବଂ ଡାଟା ମାଇନିଂ ଟେକ୍‌ନୋଲୋଜିଗୁଡ଼ିକ ରାଜନୈତିକ ବ୍ୟବସ୍ଥା ପାଇଁ ଏକ ବିକଳ୍ପ ସ୍ଥିତି ଉପୁଜାଇଛି ଯେଉଁଥିରେ ନାଗରିକମାନେ ଯାହା ଚାହିଁବେ ତାହା ସ୍ୱାଧୀନଭାବେ କହିବାର ଆଉ ଆବଶ୍ୟକ ପଡ଼ିବ ନାହିଁ। ଅତ୍ୟାଧୁନିକ ନ୍ୟୁରୋ ଏବଂ ବ୍ୟବହାରିକ ବିଜ୍ଞାନ ଜଣେ ବ୍ୟକ୍ତି କିଭଳି ବ୍ୟବହାର କରେ ତାହାକୁ ଆକାର ଦେବାରେ ସକ୍ଷମ ଓ ଏହାକୁ ଏବେ ବ୍ୟବହାର କରାଯାଉଛି। ଏଣୁ ରାଜନୈତିକ ବ୍ୟବସ୍ଥା କେତେ ଦମନକାରୀ ଏଥିରୁ ସହଜରେ ଅନୁମେୟ। ଯଦିଓ ଏହିସବୁ ବିପଦ ପ୍ରକାଶ ପାଇଛି, ତାହା ଆମ ଜୀବନର ନୂଆ ବାସ୍ତବତା ହେବା ଆବଶ୍ୟକ ନୁହେଁ। ଅନ୍ୟ ଟେକ୍‌ନୋଲୋଜିଗୁଡ଼ିକ ଉପରେ କଟକଣା ଲଗାଯାଉଥିବାବେଳେ ନିର୍ଦ୍ଦିଷ୍ଟ ଟେକ୍‌ନୋଲୋଜି ବିକାଶକୁ ଗ୍ରହଣ କରିବା ବି ସମ୍ପୂର୍ଣ୍ଣ ଗଣତନ୍ତ୍ର ପରିସରଭୁକ୍ତ। ଗଣତନ୍ତ୍ର ପାଇଁ ଅନୁଷ୍ଠିତ ସମ୍ମିଳନୀରେ ଯୋଗଦେଇଥିବା ନେତୃବର୍ଗ ଅଧିକ ଗଣତାନ୍ତ୍ରିକ ସିଦ୍ଧାନ୍ତ ଓ ମୂଲ୍ୟବୋଧ ଥିବା ଟେକ୍‌ନୋଲୋଜି ଠାବ କରି ତା'ର ବିକାଶକୁ ସମର୍ଥନ କରିବା ଲାଗି ଏକ ବଡ଼ ଅଭିଯାନ ଆରମ୍ଭ କରିବାକୁ ସହମତ ହୋଇଛନ୍ତି।

ହ୍ୱାଇଟ୍ ହାଉସ୍ ଏବଂ ୟୁଏସ୍ ଡିପାର୍ଟମେଣ୍ଟ ଅଫ୍ ଷ୍ଟେଟ୍, ଆଇଇ ୟୁନିଭର୍ସିଟି ଏବଂ ସମ୍ମିଳନୀର ଅନ୍ୟ ଅଂଶୀଦାରମାନଙ୍କର ମିଳିତ ସହଯୋଗରେ ଗଣତନ୍ତ୍ରକୁ ସମର୍ଥନ ବା ପ୍ରୋତ୍ସାହିତ କରୁଥିବା ନୂଆ ଟେକ୍‌ନୋଲୋଜିକୁ ଆର୍ଥିକ ସହଯୋଗ କରିବା ସହ ଏହା ଉପରେ କାମ କରୁଥିବା ଏଣ୍ଟରପ୍ରନ୍ୟୁୟରମାନଙ୍କୁ ସନ୍ଧାନ କରିବାକୁ ପ୍ରତିଯୋଗିତା ବଢ଼ାଇବ। ଏହି ଯୋଜନା ମୁଖ୍ୟତଃ ୫ଟି କ୍ଷେତ୍ର- ଭୁଲ୍ ତଥ୍ୟ ବିରୋଧରେ ସ୍ଥିତି ଜାହିର କରୁଥିବା ଏବଂ ସାର୍ବଜନୀନ ବିତର୍କକୁ ମଜଭୁତ କରିବାକୁ ଯାଞ୍ଚ କରିପାରୁଥିବା ଟେକ୍‌ନୋଲୋଜିର ଡିଜାଇନ ;ଗୋପନୀୟତା ରଖିପାରୁଥିବା ଡାଟା ଆନାଲିଟିକ୍ ଟୁଲ୍ସ ; ଡିଜିଟାଲ ପରିଚୟ ବ୍ୟବସ୍ଥା ଏବଂ ବ୍ୟକ୍ତିଗତ ଓ ସରକାରୀ ତଥ୍ୟର ପରିଚାଳନା ଲାଗି ଭରସାଯୋଗ୍ୟ ଢାଞ୍ଚା ; ପବ୍ଲିକ ସର୍ଭିସ ଉନ୍ନତ କରିବାକୁ ସ୍ୱଚ୍ଛ ଟେକ୍‌ନୋଲୋଜି ଏବଂ ନିଷ୍ପକ୍ଷ କୃତ୍ରିମ ବୁଦ୍ଧିମତ୍ତା ବ୍ୟବସ୍ଥାକୁ ଗୁରୁତ୍ୱ ଦେବ। ଏହି ବହୁ ଭାଗୀଦାରି ସହଯୋଗ ଗଣତାନ୍ତ୍ରିକ ସମାଜଗୁଡ଼ିକର ଏକ ପ୍ରକୃଷ୍ଟ ଦୃଷ୍ଟାନ୍ତ। ଏହା ମଧ୍ୟ ଏକାଠି କାର୍ଯ୍ୟ କରିବା ଏବଂ ନୂତନତ୍ୱ ଆଣିବାକୁ ଏକ ନିଆରା ପ୍ରୟାସ। ଆମ ସାର୍ବଜନୀନ ବିତର୍କ ସତ୍ତ୍ୱେ ଗଣତାନ୍ତ୍ରିକ ଦେଶଗୁଡ଼ିକ ଟେକ୍‌ନୋଲୋଜି ସମ୍ମୁଖରେ ଅସହାୟ ନୁହେଁ ବୋଲି ଏହା ସୂଚାଇ ଦେଇଛି। ସମ୍ମିଳନୀରେ ଭାଗନେଇଥିବା ଦେଶଗୁଡ଼ିକ ଯୋଗଦାନ ବିଶ୍ୱ ଜିଡିପିର ୭୦% । ବିଶ୍ୱର ସବୁଠୁ ବିକଶିତ ନିୟାମକ ସଂସ୍ଥାଗୁଡ଼ିକ ମଧ୍ୟ ସେହି ସବୁ ଦେଶରେ ରହିଛି।

ଟେକ୍‌ନୋଲୋଜି ଯଦି ଅନ୍ତର୍ଜାତୀୟ ସମ୍ପର୍କ ଏବଂ ପ୍ରତିଯୋଗିତାର ନୂଆ କ୍ଷେତ୍ର ହୁଏ, ତାହା ବିଶ୍ୱରେ ଗଣତନ୍ତ୍ରକୁ ସଫଳତା ଯୋଗାଇଦେବ। ଫ୍ରିଡମ୍ ଅଫ୍ ହାଉସ୍ ଅନୁଯାୟୀ ୧୦ଟି ବୃହତ୍ ଉପଭୋକ୍ତା ବଜାର ମଧ୍ୟରୁ ୮ଟି ସ୍ୱାଧୀନ ଗଣତାନ୍ତ୍ରିକ ଦେଶରେ ରହିଛି । ସେହିସବୁ ଦେଶରେ ବିଶ୍ୱର ଶ୍ରେଷ୍ଠ ୧୦୦ ବିଶ୍ୱବିଦ୍ୟାଳୟ ମଧ୍ୟରୁ ୮୫ ଟି ରହିଛି। ଭେଞ୍ଚର କ୍ୟାପିଟାଲ ମାର୍କେଟରେ ଗଣତାନ୍ତ୍ରିକ ଦେଶଗୁଡ଼ିକ ବହୁ ଆଗରେ ରହିଛନ୍ତି। ଗତବର୍ଷ ବିଶ୍ୱର ମୋଟ ନିବେଶର ୮୦%ରୁ ଊର୍ଦ୍ଧ୍ୱ ହେଉଛି ଏମାନଙ୍କର। ଗବେଷଣା, ନିୟାମକ କ୍ଷମତା ଏବଂ ବଜାର ଆକାର ଦୃଷ୍ଟିରୁ ଗଣତାନ୍ତ୍ରିକ ଦେଶଗୁଡ଼ିକ ପ୍ରଭାବ ବିସ୍ତାର କରିପାରିଛନ୍ତି। ଏସବୁ ନୂଆ ଟେକ୍‌ନୋଲୋଜି ଆବିଷ୍କାର ଏବଂ ବିଜ୍‌ନେସ କ୍ଷମତା ବୃଦ୍ଧିର ଚାବିକାଠି । ଗଣତନ୍ତ୍ର ପାଇଁ ସମ୍ମିଳନୀ ଏକବିଂଶ ଶତାବ୍ଦୀରେ ଗଣତନ୍ତ୍ରିକ ବ୍ୟବସ୍ଥାର ସମ୍ବେଦନଶୀଳତା ଏବଂ ମଜଭୁତି ଉପରେ ଜରୁରୀ ଅନୁଧ୍ୟାନକୁ ଅଧିକ ଗୁରୁତ୍ୱ ଦେଇଛି। ଏଥିରୁ ବୁଝାପଡୁଛି, ନୂଆ ଟେକ୍‌ନୋଲୋଜିର ଭୂମିକା ଉପରେ ସମୀକ୍ଷା ମୁଖ୍ୟ ସ୍ଥାନ ନେବ। ଅନ୍ୟପଟେ ୱାଶିଂଟନ ଡିସିରେ ଘଟିଥିବା ଜାନୁୟାରୀ ୬ଘଟଣାର ସ୍ମରଣୋତ୍ସବ ଗଣତନ୍ତ୍ରକୁ ସୁସ୍ଥ ରଖିବା ଲାଗି ଆମ ଅଭିନବ କ୍ଷମତାକୁ କିଭଳି ମାର୍ଗଦର୍ଶନ କରିବା,ତାହା ମନେ ପକାଇ ଦେଇଛି।

**ପ୍ରୋଭୋଷ୍ଟ ଅଫ୍ ଆଇଇ ୟୁନିଭର୍ସିଟି;**
**ଡିନ୍ , ସ୍କୁଲ ଅଫ୍ ଗ୍ଲୋବାଲ୍ ଆଣ୍ଡ ପବ୍ଲିକ୍ (ଆଇଇ)**

# ଓମ୍ ପ୍ରାର୍ଥନା



ସନ୍ୟାସୀ ଶ୍ରୀ ଆତ୍ମାନନ୍ଦ

ଓମ୍ ସୃଷ୍ଟିର ଆଦି ବାଣୀ। ଯୋଗ ଦର୍ଶନ କହନ୍ତି, 'ତସ୍ୟ ବାଚକଃ ପ୍ରଣବଃ।' ଅର୍ଥାତ୍ ଈଶ୍ୱରଙ୍କ ମୁଖ୍ୟ ନାମ ଓମ୍। ଓମ୍‌କୁ ପ୍ରଣବ କୁହାଯାଏ। ଓମ୍ ତିନି ଗୋଟି ଅକ୍ଷରର ସମାହାର। ତିନି ଗୋଟି ଅକ୍ଷର ହେଲେ- ଅ, 'ଉ', 'ମ'। ଓମ୍‌ର ମୁଖ୍ୟ ଅର୍ଥ 'ସର୍ବରକ୍ଷକ'। ଅବତି ଇତି ଓମ୍ -ଏହାର ଶାସ୍ତ୍ରୀୟ ପ୍ରମାଣ। ଏହାଛଡ଼ା ତିନି ଗୋଟି ଅକ୍ଷରର ଅର୍ଥ- ଅ= ସୃଷ୍ଟି କର୍ତ୍ତା, ଉ= ପାଳନ କର୍ତ୍ତା ଏବଂ ମ= ପ୍ରଳୟ କର୍ତ୍ତା। ଓମ୍ ମଣିଷର ଚେତନା ସ୍ତରକୁ ଦିବ୍ୟତାରେ ପରିପୂର୍ଣ୍ଣ କରୁଥବା ଯୋଗୁ ଓମ୍‌କୁ ଏକାକ୍ଷରୀ ଗାୟତ୍ରୀ ମଧ୍ୟ କୁହାଯାଏ। ଏହି ଏକାକ୍ଷରୀ ଓମ୍ ମନ୍ତ୍ର ମାଧ୍ୟମରେ ପରମାତ୍ମାଙ୍କୁ ପ୍ରାର୍ଥନା ଉପାସନା କରାଯାଏ। ଓମ୍ ଜପ ବା ଧ୍ୟାନ ବେଳେ ପରମାତ୍ମାଙ୍କ ଗୁଣ, କର୍ମ, ଚିନ୍ତନ କରାଯାଏ। ଈଶ୍ୱରଙ୍କ ଅନନ୍ତ ଗୁଣ କର୍ମ ଧ୍ୟାନ ବାସ୍ତବ ଉପାସନା । ଏହି ଆଦି ମନ୍ତ୍ର ଓମ୍ ବୈଶ୍ୱିକ ଧ୍ୱନି ବା ବ୍ରହ୍ମାଣ୍ଡୀୟ ଧ୍ୱନି ନାମରେ ସର୍ବ ବିଦିତ।

ବର୍ତ୍ତମାନ ଓମ୍ ଉପାସନାର ଏକ ପ୍ରଣାଳୀ ଉଦାହରଣ ସ୍ୱରୂପ ଉଲ୍ଲେଖ କରାଗଲା। ପ୍ରଭାତ ସମୟରେ ଶୌଚ ସ୍ନାନ ଶେଷ କରି ଯେ କୌଣସି ସହଜ ଆସନରେ ବସନ୍ତୁ। ଏହା ପରେ ପ୍ରତ୍ୟେକ ଶ୍ୱାସ କ୍ରିୟା ବେଳେ ଅର୍ଥାତ ପ୍ରାଣବାୟୁ ଗ୍ରହଣ କରି ପୁନଶ୍ଚ ବାୟୁ ବାହାରକୁ ଛାଡ଼ିବା ସମୟରେ କେବଳ ଥରେ ମାତ୍ର ଦୀର୍ଘ ଓ ଉଚ୍ଚ ସ୍ୱରରେ ଓମ୍ ଗାନ କରନ୍ତୁ। ଏହି କ୍ରମରେ ଆନୁମାନିକ ୧୦-୧୫ ଥର ବାଚନିକ ଗାନ କଲାପରେ ମନେ ମନେ ଗାନ କରାଯାଏ। ଓମ୍‌ର ମାନସ ଜପ ବେଳେ ଈଶ୍ୱରଙ୍କ ଗୁଣ ଓ କର୍ମ ନିମ୍ନମତେ ଚିନ୍ତନ କରାଯାଏ। 'ହେ ସର୍ବବ୍ୟାପୀ ସର୍ବ ରକ୍ଷକ, ସର୍ବଜ୍ଞ ସଚ୍ଚିଦାନନ୍ଦ ପ୍ରଭୋ! ଆପଣ ଆମର ପ୍ରାଣଦାତା, ସର୍ବ ଦୁଃଖ ବିନାଶକ, ସର୍ବ ସୁଖ ପ୍ରଦାୟକ । ଆମର ଜୀବନ ରକ୍ଷା ଲାଗି ଜଳ, ବାୟୁ, ଅଗ୍ନି, ଖାଦ୍ୟଶସ୍ୟ ଓ ବୃକ୍ଷ ବନସ୍ପତି ଜଗତ ଇତ୍ୟାଦି ସୃଷ୍ଟି କରିଛନ୍ତି। ବେଦ ଜ୍ଞାନ ଦାନ କରି ଆପଣ ଆମର ଅଜ୍ଞାନ ଅନ୍ଧକାର ଦୂର କରିଛନ୍ତି। ଆପଣଙ୍କୁ କୋଟି କୋଟି ଧନ୍ୟବାଦ ସହ ଚିର କୃତଜ୍ଞ ରହୁଛୁ। ଆପଣ ଆମର ସମସ୍ତ ଦୁଃଖ ଦୂରିତ, ଦୋଷ ଦୁର୍ଗୁଣ ଦୂର କରି ଆମର ଶରୀର ମନ ବଚନକୁ ଶୁଦ୍ଧ ପବିତ୍ର କରନ୍ତୁ। ଆମେ ଯେପରି ମନରେ ସତ ଚିନ୍ତନ କରିବୁ, ବଚନରେ ସର୍ବଦା ସତ୍ୟ ରକ୍ଷା କରିବୁ ସେଥିପାଇଁ ଆମକୁ ସଦ୍‌ବୁଦ୍ଧି ଓ ସଦ୍‌ଜ୍ଞାନ ପ୍ରଦାନ କରନ୍ତୁ।

ଉପନିଷଦ କହନ୍ତି- 'ପ୍ରଣବଃ ଧନୁଃ ଶରୋହ୍ୟାତ୍ମା ବ୍ରହ୍ମ ତତ୍ ଲକ୍ଷ ମୁ୍ୟଚତେ'। ଅର୍ଥାତ୍ ଓମ୍ ହେଉଛି ଧନୁ, ଆତ୍ମା ଏହି ଧନୁର ଶର । ମୋର ଜୀବାତ୍ମା ରୂପକ ଶରର ଲକ୍ଷ୍ୟ ସ୍ୱୟଂ ବ୍ରହ୍ମ ବା ପରମାତ୍ମା । ଏହି ଭଳି ଏକାଗ୍ରତା ସହ ଓମ୍ ପ୍ରାର୍ଥନା କରିବା ଉଚିତ। ଏକାଗ୍ରତା ଉପରେ ପ୍ରାର୍ଥନାରେ ସଫଳତା ନିର୍ଭର କରେ। ଏଠାରେ ଅନ୍ୟ ଏକ ଏକାଗ୍ରତାର ଉଦାହରଣ: ଥରେ ଗୁରୁ ଦ୍ରୋଣ ତାଙ୍କର ଶିଷ୍ୟମାନଙ୍କର ଧନୁର୍ବିଦ୍ୟା ପରୀକ୍ଷା କଲେ। ଗଛ ଉପରେ ମାଟିର ପକ୍ଷୀଟିଏ ରଖାଗଲା। ପକ୍ଷୀର ଆଖିରେ ଶର ବିନ୍ଧିବା ଥିଲା ପରୀକ୍ଷା। ଲାଖ ବିନ୍ଧା ବେଳେ ଦ୍ରୋଣ ଜଣ ଜଣଙ୍କୁ ପଚାରିଲେ- କ'ଣ ଦେଖୁଛ? ପ୍ରତ୍ୟେକେ କହିଲେ ପକ୍ଷୀ, ଗଛ, ପତ୍ର, ଶାଖାର ଇତ୍ୟାଦି। କିନ୍ତୁ ଯେତେବେଳେ ଅର୍ଜୁନ ଶର ବିନ୍ଧିବା ପାଇଁ ପ୍ରସ୍ତୁତ ହେଲେ ଦ୍ରୋଣ ପୂର୍ବ ପ୍ରଶ୍ନ ପଚାରନ୍ତେ ଅର୍ଜୁନ କହିଲେ, ସେ କେବଳ ପକ୍ଷୀର ଆଖି ଦେଖିପାରୁଛନ୍ତି। ସେହି ପରୀକ୍ଷାରେ ଜଣେ ମାତ୍ର ଶିଷ୍ୟ ଉତ୍ତୀର୍ଣ୍ଣ ହୋଇଥିଲେ। ସେ ହେଉଛନ୍ତି ଅର୍ଜୁନ।

ଧ୍ୟାନ ବେଳେ ପରମାତ୍ମାଙ୍କ ସ୍ୱରୂପ (ଗୁଣ, କର୍ମ) ଚିନ୍ତନ କରୁ କରୁ ଯେତେବେଳେ ଧ୍ୟାନ ଗାଢ଼ ହୋଇଯାଏ ସେତେବେଳେ ଆପେ ଆପେ ଓମ୍ ଜପ ବନ୍ଦ ହୋଇଯାଏ। ଏତିକି ବେଳେ ପରମାତ୍ମାଙ୍କ ସହ ଜୀବାତ୍ମାର ଏକାତ୍ମ ବୋଧ ଅବସ୍ଥା ଆସିଯାଇ ଥିବାରୁ ଧ୍ୟାନ କର୍ତ୍ତା ଆଧ୍ୟାତ୍ମିକ ଉଲ୍ଲାସରେ ଶିହରିତ ହୋଇଉଠେ। ଚକ୍ଷୁରୁ ଅବିଶ୍ରାନ୍ତ ଅଶ୍ରୁପାତ ହୁଏ। ପ୍ରଭୁଙ୍କ ପାଇଁ ହୃଦୟ ବ୍ୟାକୁଳ ହୋଇଉଠେ। ଧ୍ୟାନକର୍ତ୍ତାଙ୍କ ବାହ୍ୟ ଜ୍ଞାନ ଶୂନ୍ୟ ହୁଏ। ଓମ୍ ପ୍ରାର୍ଥନା ପରମ ପିତା ପରମାତ୍ମାଙ୍କ ସହ ଆତ୍ମାକୁ ଯୋଗ କରିବାର ଏକ ସର୍ବୋତ୍କୃଷ୍ଟ ମାଧ୍ୟମ। ଏହି ପ୍ରାର୍ଥନା ଉପାସନା ଦ୍ୱାରା ଯେ କୌଣସି ବ୍ୟକ୍ତି ସ୍ୱୟଂର ଅନ୍ତଃ ଶତ୍ରୁମାନଙ୍କ ଉପରେ ବିଜୟ ହାସଲ କରି ଅସାଧାରଣ ଦୈବ୍ୟଶକ୍ତିର ଅଧିକାରୀ ହୋଇଥାଏ। ଏମାନଙ୍କ ବିଶ୍ୱ ବିସ୍ମୟ ପ୍ରଜ୍ଞା ସର୍ବଦା ଜାଜ୍ୱଲ୍ୟମାନ ହୋଇ ରହିଥାଏ। ଓମ୍ ପ୍ରାର୍ଥନା ସାର୍ବଜନୀନ। ଏହା କୌଣସି ଧର୍ମ ସମ୍ପ୍ରଦାୟର ନୁହେଁ। ସବୁ ବର୍ଗର ଲୋକଙ୍କ ନିମନ୍ତେ ଏହା ଉଦ୍ଦିଷ୍ଟ।

**-ହାଟ ମୁନିଗଡ଼ା, ରାୟଗଡା**
**ମୋ: ୮୦୧୮୩୩୯୫୦୮**

## ଏଇ ଭାରତରେ

ଭାରତରେ ବର୍ଜ୍ୟର ପୁନଃ ଉପଯୋଗ ଲାଗି ଦୁଇ ଇଞ୍ଜିନିୟରଙ୍କ ପ୍ରୟାସ ଯୁବପିଢ଼ିଙ୍କ ଲାଗି ଏକ ଦୃଷ୍ଟାନ୍ତ ପାଲଟିଛି। ଏହି ଦୁଇ ଇଞ୍ଜିନିୟର ହେଉଛନ୍ତି ଦର୍ଶନ ଚାଲ୍ଲୁର ଏବଂ ଚନ୍ଦନ କଗନାପଲ୍ଲି। ସେମାନେ ବର୍ଜ୍ୟରୁ ଜୈବିକ ଖତ ପ୍ରସ୍ତୁତ କରୁଛନ୍ତି। କିଲୋ ପ୍ରତି ୪ ଟଙ୍କା ମୂଲ୍ୟରେ ସେମାନେ ଏହି ଖତକୁ କୃଷକମାନଙ୍କୁ ବିକ୍ରି କରୁଛନ୍ତି। ଫଳରେ ହଜାର ହଜାର କୃଷକ ଉପକୃତ ହେଉଛନ୍ତି। ଗୋଟିଏ ପଟେ ବର୍ଜ୍ୟର ପୁନଃ ଉପଯୋଗ କରି ପରିବେଶ ସୁରକ୍ଷା କରିବା ସହ କୃଷକମାନଙ୍କୁ ରାସାୟନିକ ମୁକ୍ତ ଚାଷ ଲାଗି ପ୍ରୋତ୍ସାହିତ କରୁଛନ୍ତି। ତିରୁମାଲା ତିରୁପତି ଦେବସ୍ଥାନମ୍‌କୁ ପ୍ରତିବର୍ଷ ୪୦ ଲକ୍ଷ ଶ୍ରଦ୍ଧାଳୁ ଆସିଥାଆନ୍ତି ଓ ସେଠାରେ ୪୦ ଟନ ବର୍ଜ୍ୟ ଠୁଳ ହୋଇଥାଏ। ଏତେ ପରିମାଣ ବର୍ଜ୍ୟର ପୁନଃ ଉପଯୋଗ କରିବା ଲାଗି ସେମାନେ ୨୦୨୦ରେ ଇକୋଫିନିକ୍ସ ଷ୍ଟାର୍ଟଅପ୍ ଗଠନ କରି ଜୈବିକ ବର୍ଜ୍ୟରୁ ୪୦ ଦିନ ମଧ୍ୟରେ ଜୈବିକ ଖତ ପ୍ରସ୍ତୁତ କରିପାରିଛନ୍ତି। ଖତ ବିକ୍ରି କରି ସେମାନେ ବର୍ଷକୁ ୧୦ ଲକ୍ଷ ଟଙ୍କା ରୋଜଗାର କରିପାରୁଛନ୍ତି। ଏହା ସହ କଠିନ ପ୍ଲାଷ୍ଟିକ ବର୍ଜ୍ୟକୁ ରିସାଇକ୍ଲିଂ ପାଇଁ ପଠାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୩ ଜାନୁୟାରୀ ୧୯୯୭

- ପଞ୍ଜାବ ବିଧାନସଭା ନିର୍ବାଚନରେ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଏକାକୀ ନିର୍ବାଚନ ଲଢ଼ିବ ବୋଲି ପାର୍ଟି ମୁଖ୍ୟ କାଂଶୀରାମ ପ୍ରକାଶ କରିଛନ୍ତି।
- କୋଟି କୋଟି ଟଙ୍କାର ହାୱାଲା ଦୁର୍ନୀତିରେ ଅଭିଯୁକ୍ତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏସ୍. କ୍ରିଷ୍ଣକୁମାର ଓ ବୁଟା ସିଂ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ସଂପର୍କରେ ଆୟକର ବିଭାଗ ପକ୍ଷରୁ ବିଧିବଦ୍ଧ ତଦନ୍ତ ଆରମ୍ଭ।
- ପଞ୍ଚାୟତ ନିର୍ବାଚନ ସମୟରେ ମନ୍ତ୍ରୀମାନଙ୍କୁ ଅଧିକ ନିରାପତ୍ତା ଯୋଗାଇଦେବା ପାଇଁ ଘରୋଇ ବିଭାଗ ପକ୍ଷରୁ ରାଜ୍ୟ ନିର୍ବାଚନ କମିଶନଙ୍କୁ କରାଯାଇଥିବା ଅନୁରୋଧକୁ କମିଶନ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 1 | 6 | 7 | | |
| | | | 4 | | | | | 3 |
| | | | | | | | 2 | |
| | | 7 | | | | | | 8 |
| 2 | | 6 | 8 | | | | 3 | 9 |
| | 1 | | | | | | 6 | |
| 3 | | | | | 8 | 9 | 7 | |
| 5 | | | | 3 | | | | 4 |
| | | | | 7 | | | | 6 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 3 | 6 | 5 | 4 | 7 | 9 | 8 | 1 |
| 7 | 1 | 4 | 2 | 8 | 9 | 5 | 6 | 3 |
| 9 | 5 | 8 | 1 | 3 | 6 | 2 | 7 | 4 |
| 3 | 4 | 5 | 7 | 9 | 1 | 6 | 2 | 8 |
| 1 | 7 | 2 | 4 | 6 | 8 | 3 | 9 | 5 |
| 6 | 8 | 9 | 3 | 5 | 2 | 1 | 4 | 7 |
| 5 | 6 | 7 | 8 | 2 | 3 | 4 | 1 | 9 |
| 4 | 9 | 1 | 6 | 7 | 5 | 8 | 3 | 2 |
| 8 | 2 | 3 | 9 | 1 | 4 | 7 | 5 | 6 |

ଗତକାଲିର ଉତ୍ତର

# କଳା କଳଙ୍କ-କଳହ



ରଞ୍ଜନ କୁମାର ଦାସ

କଳାର ସୃଷ୍ଟି ଯେ କାଳେକାଳେ କଳାକାରର ଜ୍ୱଳନ, ପୀଡ଼ନ, ବ୍ୟଥା ଓ ବେଦନାରୁ ଜାତ ଏକଥା ସର୍ବଜନସ୍ୱୀକୃତ। ବୋଧହୁଏ ଏ ନିରବିଧି ଜ୍ୱଳନର ଅଗ୍ନିରୁ ଜାତ ଅଙ୍ଗାର ହିଁ ତା'ର କଳା। ସେ ଅଗ୍ନିରୁ ଜାତ ପାଉଁଶ ହିଁ ତା' କଳଙ୍କର ଟିକା, ଯାହାକୁ ସେ ମଥାରେ ବୋହି ଅନ୍ଧୁଡ଼ିରୁ ମଶାଣିଯାଏ ଘୁରି ବୁଲୁଥାଏ। କଳା ଓ କଳଙ୍କ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି। କଳାକାରମାନେ ତେଣୁ କାଳେକାଳେ ସନ୍ଦେହର ଘେରରେ। ଘରେ, ବାହାରେ, ସବୁଠି। ଲୋକେ ଭାବନ୍ତି କଳାକାରମାନେ ଏକ ଅଣପାରମ୍ପରିକ ବୋହେମିଆନ୍ ଜୀବନ ଜିଅନ୍ତି। ସେମାନଙ୍କ ଚିନ୍ତା ଚେତନା, ଜୀବନଚର୍ଯ୍ୟା ସବୁ ଭିନ୍ନ। ସେମାନଙ୍କ ସମ୍ପର୍କ, ଚାଲିଚଳନ, ଆଚାର ବ୍ୟବହାର ଆଦି ସବୁବେଳେ ଯବକାଚର ନିରୀକ୍ଷଣ ତଳେ ଥାଏ। ତାଙ୍କ ଭିତରୁ କିଏ ନିଶାସକ୍ତ ହେବାର, କେହି ପରକୀୟା ପ୍ରେମରେ ପଡ଼ିବାର, କେହି ସଂସାର ବିମୁଖ ହେବାର ନିନ୍ଦା ଓ କଳଙ୍କ ବୋହିଥାଆନ୍ତି। ସେମାନେ ଯେତିକି ଭଲପାଇବା ଲୋକଙ୍କଠାରୁ ପାଇଥା'ନ୍ତି ତାଠୁ କାହିଁ କେତେ ଗୁଣା ଅଧିକ ସନ୍ଦେହ, ଈର୍ଷା, ଘୃଣା ଓ ପରଶ୍ରୀକାତରତା ଆଦି ଭୋଗିଥା'ନ୍ତି। କେବେ ତାଳି ମିଳିଥାଏ ତ କେବେ ଗାଳି। ଏସବୁକୁ ଛାଡ଼ି କଳାକାର କେବେ ତା'ର ସମ୍ପୂର୍ଣ୍ଣ ଏକାକୀ ନିଃସଙ୍ଗ, ନିସ୍ତରଙ୍ଗ, ନିରୁପଦ୍ରବ ଜୀବନଟିଏ ଜିଇପାରେ ନାହିଁ। ଅସହିଷ୍ଣୁ ଏ ସଂସାରରେ ଲେଖକଙ୍କ ବହି ପୋଡ଼ା ହୁଏ। ତାଙ୍କୁ ପାଗଳ କୁହାହୁଏ। ଅପଦାର୍ଥ ମଣାଯାଏ। ଧର୍ମାନ୍ଧ ଦୁନିଆରେ ଚିତ୍ରକରଙ୍କ ମୁଣ୍ଡ ଉପରେ ଫତୱା ଜାରି କରାଯାଏ। ଛିଦ୍ରାନ୍ୱେଷୀ ଜଗତରେ ଗାୟିକା ଓ ନାୟିକାଙ୍କ ଚରିତ୍ର ସଂହାର କରାହୁଏ। ନାୟକ ଓ ଗାୟକ ବାସନ୍ଦ ହୁଅନ୍ତି। ସେମାନଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚା ହୁଏ। କେବେ ସେମାନେ ତାଙ୍କ କଳା ପାଇଁ ଚର୍ଚ୍ଚିତ ହୁଅନ୍ତି, କେବେ ପୁଣି ତାଙ୍କ କଳଙ୍କ ପାଇଁ। କଳଙ୍କ ସହି ନପାରି କିଛି ଲୋକ ଭାଙ୍ଗିପଡ଼ନ୍ତି। ମାତ୍ର ଅନେକ ସେଇ କଳଙ୍କକୁ ଟିକା କରି ଜୀବନ ଯୁଦ୍ଧରେ ଆଗକୁ ବଢ଼ନ୍ତି। ପାଉଁଶ ଭିତରୁ ନିଆଁ ଖୋଜିଲା ପରି, ସେମାନେ କଳଙ୍କ ଭିତରୁ ଖୋଜି କାଢ଼ନ୍ତି ତାଙ୍କ କଳାର ପସରା। ଗାଳିର ଗଞ୍ଜଣାକୁ ଖାତିର ନ କରି ଖୋଜିବସନ୍ତି ତାଳିର ତର୍ପଣ। ତମାମ ତପସ୍ୟା ଭିତରେ ପ୍ରତ୍ୟେକଥର ବିଜୟ ହୁଏ କଳାର, ଚିରଞ୍ଜୀବୀ ହୁଏ କଳାକାର। କଳା କେବେ ମରେନି।

ମାତ୍ର କଳାକୁ ବା କଳାକାରକୁ ମାରିବାକୁ କ'ଣ ସମାଜ ଏକାକୀ ଚେଷ୍ଟା କରେ? ଅନେକ ସମୟରେ ଦେଖାଯାଏ କଳାକାରର ପ୍ରଥମ ଶତ୍ରୁ, ପ୍ରଥମ ଅସହିଷ୍ଣୁ ସାଧାରଣ ଲୋକ ନୁହେଁ, ବରଂ ଆଉ ଜଣେ କଳାକାର। ଜୀବନଜଗତର ଛୋଟ ସାପକୁ ଖାଏ ବଡ଼ ସାପ, ଛୋଟ ମାଛକୁ ଗିଳେ ବଡ଼ ମାଛ। ଏପରିକି ଜଙ୍ଗଲ ରାଜା ବାଘ ବା ସିଂହଙ୍କୁ ମଧ୍ୟ ବେଳେବେଳେ ଡାହାଳ କୁକୁର ଦଳ ଆକ୍ରମଣ କରି ମାରିଦିଅନ୍ତି। ବେଳେବେଳେ ବାହାର କେହି ମାରିବା ଲୋକର ଆବଶ୍ୟକତା ମଧ୍ୟ ପଡ଼େନି। ନିଜ ନିଜ ଭିତରେ କଳହ, ଈର୍ଷା, ପରଶ୍ରୀକାତରତା, ହୀନମନ୍ୟତା ଆମକୁ ନିଜକୁ ମାରେ। ଇଏ ହେଲା କଳାକ୍ଷେତ୍ରର ନୂତନ କଳଙ୍କ। ଯଦୁବଂଶର ଶେଷ ବେଳକୁ ଯେମିତି ଯାଦବମାନେ ପରସ୍ପର ମଧ୍ୟରେ କଳହ କରି ସେମାନଙ୍କ ବଂଶନାଶ ହେଲା, ସେହିପରି ପ୍ରକ୍ରିୟା ସତେ ଯେମିତି ଆରମ୍ଭ ହେଇଗଲାଣି। କଳାକାରମାନଙ୍କ ଆଖିରେ ଆଉ ସେ ନିରୀହ ଅଧ୍ୟାତ୍ମ ଭାବଟି ନାହିଁ। ନିଜକୁ ଦ୍ୱିତୀୟ ଈଶ୍ୱର ମଣୁଥିବା ସାହିତ୍ୟିକ, ନିଜକୁ ପ୍ରଜାପତି ବ୍ରହ୍ମା ଭାବୁଥିବା ଚିତ୍ରକର, ନିଜକୁ ସରସ୍ୱତୀ ଭାବୁଥିବା ସଙ୍ଗୀତକାର, ନିଜକୁ ନଟରାଜ ଭାବୁଥିବା ନର୍ତ୍ତକ, ରମ୍ଭା ମେନକା ଉର୍ବଶୀ ଭାବୁଥିବା ନର୍ତ୍ତକୀ, ସମସ୍ତେ ନିଜ ନିଜ ଅହଂକୁ ନେଇ ଅଳଙ୍କୃତ। ସେମାନେ ଅନ୍ୟ କାହାକୁ ନିଜଠୁ ଅଧିକ ବୋଲି ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହନ୍ତି। ଯଦି ଅନ୍ୟ କେହି କିଛି ଭଲ କଲା, ତେବେ ତା'ର କଚ୍ଛା ଟାଣିବାକୁ ବା ତା'ର ଗୋଚ୍ଛି ହାଣିବାକୁ କାହା ମନ ଭିତରେ ଦ୍ୱିଧା ରହୁନାହିଁ। ଆମେ ନିଜକୁ କଳାକାର କହୁଛୁ, କଳାପ୍ରିୟ ବୋଲାଉଛୁ। ମାତ୍ର କଳା ଅପେକ୍ଷା କଳହ ଆମ ପାଇଁ ପ୍ରିୟତର। ଅନ୍ୟଠି କଳଙ୍କ ବୋଳିବା ଆମ ପାଇଁ ଲାଭଦାୟୀ ବୋଲି ଆମେ ଭାବୁଛୁ।

କଳାରେ ହଜାରେ ବାଟ ଅଛି। ଯିଏ ଯୋଉ ବାଟରେ ଯିବା କଥା ଯାଅ। ଜଣେ ଯଦି ଗୋଟିଏ ବାଟରେ ଯାଉଚି ଯାଉ, ତମେ ଅନ୍ୟବାଟରେ ଯାଅ ମନା କିଏ କରୁଚି? ମାତ୍ର ନା, ଆମ ଭିତରେ ତୀବ୍ର ପ୍ରତିଯୋଗିତା ଆମେ କାହାକୁ ଆଗକୁ ଯିବାକୁ ଦେବୁନି। ପରସ୍ପର ପରସ୍ପରର ଗୋହି ଖୋଳିବୁ, ଜଣେ ଅନ୍ୟ ଜଣଙ୍କ ନାଁରେ କଳଙ୍କ ବୋଳିବ। ଜଣେ ଯଦି କୌଣସିମତେ ଆଗକୁ ଚାଲିଗଲା, ଆମେ ତାକୁ ପଛରୁ ଭିଡ଼ି ଧରିବାକୁ ଯତ୍‌ପରୋନାସ୍ତି ଚେଷ୍ଟା କରିବୁ। ତାକୁ ପୁରସ୍କାର ବା ସମ୍ମାନ ଦିଏଇ ନ ଦେବାକୁ କୋର୍ଟ କଚେରି କରିବୁ। ଲୋକ ଲଗେଇ ଅଣ୍ଡା ମାରିବୁ, ଟମାଟୋ ଫିଙ୍ଗିବୁ, କାନ୍ଥରେ ଲେଖିବୁ, ତା'ର ଚରିତ୍ର ସଂହାର କରିବୁ। ସତରେ ବେଳେବେଳେ ଆଶ୍ଚର୍ଯ୍ୟ ଲାଗେ ଯେ ଆମେ ଯେତେ କଳାପ୍ରିୟ ବୋଲି ଦାବି କରୁ, ତା'ଠୁ ବେଶି କଳହପ୍ରିୟ, ତା'ଠୁ ବେଶି କଳଙ୍କପ୍ରିୟ!

କୁଆଡ଼େ ଗଲା ଆମ 'ସହିତ'ର ଭାବ କଥା କହୁଥିବା ସାହିତ୍ୟର ମର୍ମବାଣୀ? କୁଆଡ଼େ ଗଲା 'ସମଗାୟନ'ର ମନ୍ତ୍ର ନେଇ ଉଚ୍ଚାରିତ ହେଇଥିବା ସଙ୍ଗୀତ? ସାହିତ୍ୟ ତ କହିଥିଲା ସମସ୍ତେ ସମସ୍ତଙ୍କ ସହିତ ରହିବା। ସଙ୍ଗୀତ ତ କହିଥିଲା ସାଙ୍ଗ ହେଇ ଗାଇବା। ଅଥଚ ସାହିତ୍ୟର ଧର୍ମ ପାଳନ କରୁଚି ବୋଲି କହୁଥିବା ଲୋକମାନେ କେହି କାହା ସହ ନାହାନ୍ତି। ପରସ୍ପର ପରସ୍ପର ସହ ବିରୋଧୀ। ସଙ୍ଗୀତର ସାଧନା କରୁଥିବା ଲୋକେ ସାଙ୍ଗ ହେଇ ସମତାଳରେ ଗାଇବା ଓ ଐକତାନରେ ବଜେଇବା କଥା ଚିନ୍ତା କରୁଛନ୍ତି ଆଉ? ନୃତ୍ୟରେ ଥିବା ଲୋକଙ୍କର ପାଦ ଆଉ ଏକାଠି ଉଠୁଚି? ଏକାଠି ପଡୁଚି? ବେଳେବେଳେ ଲାଗୁଚି ଆମେ ସଂସାରକୁ ପୂରା ସଜାଡ଼ିବା କ'ଣ ଅଧା ସଜଡ଼ା ସଂସାରକୁ ଉଜାଡ଼ିବା ପାଇଁ ବେଶି ପ୍ରତିଶ୍ରୁତିବଦ୍ଧ। ଅଧିକ ସୁନ୍ଦର ଓ ମଧୁର କରିବା କ'ଣ ଯୋଉଠି ଯେମିତି ପାରୁଚେ ଅଧିକ ବିକୃତ, ବିବର୍ଣ୍ଣ କରିବାରେ ଅବହେଳା କରୁନାହେଁ। ଈଶ୍ୱର ଯେତେବେଳେ କଳାକାରମାନଙ୍କୁ ସୃଷ୍ଟି କରିଥିଲେ, ସଂସାରର ସୌନ୍ଦର୍ଯ୍ୟ ଓ ସୌଷ୍ଠବ ପାଇଁ ନିଯୁକ୍ତ କରିଥିଲେ, ସେତେବେଳେ ସେ ଭାବିଥିବେ ଏଇମାନେ ମୋର ଦୂତ। ମୁଁ ତ ସବୁଠାରେ ଏଇମାନଙ୍କ ମାଧ୍ୟମରେ ପ୍ରକଟିତ ହେବି। ମୋର ଇଚ୍ଛାର ଦୁନିଆକୁ ଏଇମାନେ ତାଙ୍କ ଅଙ୍ଗୁଳି ଅଗରେ ରୂପରେଖ ଦେବେ। ମୁଁ ଆଙ୍କିଥିବା ଚିତ୍ରଟିକୁ ଏମାନେ ରଙ୍ଗ ଦେଇ ଅଧିକ ରୂପବନ୍ତ କରିବେ, ମୁଁ ରଚିଥିବା ଗୀତର ମୁଖଡ଼ାରେ ଏମାନେ ଯୋଡ଼ିବେ ଅନ୍ତରା, ମୁଁ ଆରମ୍ଭ କରିଥିବା କବିତାର ବାକିତକ ଧାଡ଼ି ପୂରଣ କରିବେ ଏଇମାନେ।

ଆଜିର ଏ ଅବସ୍ଥା ଦେଖି ଈଶ୍ୱର ବି ସତରେ ଆଜି କେତେ ଅସନ୍ତୋଷରେ ଥିବେ! ଜଳୁଥିବେ କେତେ ଅନ୍ତର୍ବେଦନାରେ! ପାଖରେ କେହି ନଥିଲା ବେଳେ ମନସ୍ତାପରେ କହୁଥିବେ କାହିଁକି ଗଢୁଥିଲି ଏ ନିଉଛୁଣାଗୁଡ଼ାଙ୍କୁ! କେହି ଜଣେ ଯେତେବେଳେ ଅଭିମାନରେ ଈଶ୍ୱରଙ୍କୁ ଶୁଣେଇ ଶୁଣେଇ ଗାଇ ଦଉଥିବ, ଦେଖ୍ ତେରେ ସଂସାର କି ହାଲତ୍ କ୍ୟା ହୋ ଗୟି ଭଗବାନ୍... କିତନା ବଦଲ ଗୟା ଇନ୍‌ସାନ... ଭଗବାନ୍ ବି ମୁହଁ ଲୁଚେଇ ଲୁଚେଇ ଅନୁତାପ କରୁଥିବେ ତାଙ୍କ ସର୍ଜନାର ବିଫଳତା ପାଇଁ ଆଉ କହୁଥିବେ, ମଣିଷ ଆଉ ଗା ନାରେ ଏଇ ଗୀତ ! ମୁଁ ତ ଲାଜରେ ମରିଯାଉଚି କ୍ଷଣକୁ କ୍ଷଣ!

**ନିର୍ଦ୍ଦେଶକ, ସଂସ୍କୃତି ବିଭାଗ**
**ମୋ: ୯୪୩୭୨୮୬୫୧୨**

## ପାଠକ ଶ୍ରେଷ୍ଠ ବିଚାରକ

### ସମ୍ପତ୍ତି ଯାଞ୍ଚ କରାଯାଉ

ମହାଶୟ,

ସରକାରୀ କର୍ମଚାରୀମାନେ ସେମାନଙ୍କର ସମ୍ପତ୍ତି ତାଲିକା ଅଫିସରେ ଦାଖଲ କରିଥାନ୍ତି। ସେହିପରି ବ୍ୟବସାୟୀ ଓ ରାଜନେତା ମଧ୍ୟ ସେମାନଙ୍କର ସମ୍ପତ୍ତିର ହିସାବ ସରକାରଙ୍କ ନିକଟରେ ଦାଖଲ କରିବା ବିଧେୟ। ଉପରୋକ୍ତ ବ୍ୟକ୍ତିମାନଙ୍କର ଦାଖଲ ହୋଇଥିବା ସମ୍ପତ୍ତି ତାଲିକାଗୁଡ଼ିକ ସରକାରଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ସମୟରେ ଯାଞ୍ଚ ହେବା କଥା। ମାତ୍ର କର୍ମଚାରୀ କିମ୍ବା ବ୍ୟବସ୍ଥାର ଅବହେଳା ପାଇଁ ତାହା କରାଯାଉ ନଥିବା ଅନୁମାନ। ନଚେତ୍ ପରବର୍ତ୍ତୀ ସମୟରେ ଉପରୋକ୍ତ ବ୍ୟକ୍ତିମାନଙ୍କଠାରୁ ଦୁର୍ନୀତି ଉପାୟରେ ଅର୍ଥଠୁଳ ହେବା ଖବର ଦୃଷ୍ଟିଗୋଚର ହୁଅନ୍ତା ନାହିଁ। ଯାଞ୍ଚ ଅଭାବରୁ ଅର୍ଥଲୋଭି ଲୋକ ଗଳାବାଟ ଦେଇ ଅସାଧୁ ଉପାୟରେ ଅଜସ୍ର ଅର୍ଥ ଠୁଳ କରିବାକୁ ସକ୍ଷମ ହେଉଛନ୍ତି। ଲୋକହିତ ନିମନ୍ତେ ବରାଦ ରାଜକୋଷ ଏମାନେ ହଡ଼ପ କରୁଥିବା ହେତୁ ରାଜ୍ୟ ତଥା ରାଜ୍ୟବାସୀଙ୍କ ପ୍ରଗତି ଓ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବାରେ ବାଧକ ସାଜୁଛି। ତେବେ କାଁ ଭାଁ କୌଣସି ବ୍ୟକ୍ତିବିଶେଷଙ୍କ ନାମରେ ଅଭିଯୋଗ ଆସିଲେ ଯାଞ୍ଚ କାର୍ଯ୍ୟ ଜାରି ହେଉଛି ଏବଂ ବିପୁଳ ପରିମାଣର ଅର୍ଥ ଜବତ ହେବା ସହ ଦୋଷୀକୁ ଜେଲ ଓ ଜରିମାନା ଦଣ୍ଡରେ ଦଣ୍ଡିତ କରାଯାଉଛି। ଯଦି ଠିକଣା ସମୟରେ ସମ୍ପତ୍ତି ତାଲିକା ଠିକ୍ ଭାବେ ଯାଞ୍ଚ କରାଯାଇପାରନ୍ତା, ତେବେ ଏହି ଅର୍ଥ ହଡ଼ପ କରୁଥିବା ଲୋକମାନେ ଏପରି ସମ୍ପତ୍ତି ହାତେଇବା ସୁଯୋଗ ଲାଭ କରିପାରନ୍ତେ ନାହିଁ। ଏହାଛଡ଼ା କଠୋର ଦଣ୍ଡ ବ୍ୟବସ୍ଥା ହେତୁ ଭବିଷ୍ୟତରେ ଅନ୍ୟ କେହି ଏପରି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ପାଇଁ ସାହସ ଜୁଟାଇ ପାରନ୍ତେ ନାହିଁ। ବର୍ତ୍ତମାନଠାରୁ ସରକାର ଯାଞ୍ଚ କାର୍ଯ୍ୟକ୍ରମ ଜୋରସୋର ପରିଚାଳନା କଲେ ରାଜ୍ୟ ଅର୍ଥାଟନ ବହୁ ପରିମାଣରେ ଦୂର ହୋଇପାରିବ।

**-ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନିତି ଏହି କୋଉତୁକ
ଦେଖାଇ ଥରକୁ ଥର
ସେହିମିତି ଜର କଫ
ସେହି ତ କୁଡିଆ ଘର।
-(ଚାଷୀର ଭାଗ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ରେକର୍ଡ ସ୍ତରରେ ବଜାର କାରବାର

## ସେନ୍‌ସେକ୍ସ ୫୩୩ ପଏଣ୍ଟ ବୃଦ୍ଧି

**ମୁମ୍ବାଇ,୧୨।୧**

ସାରା ବିଶ୍ୱ ଏପରିକି ଭାରତରେ ମଧ୍ୟ କୋଭିଡ୍‌ର ୩ୟ ଲହର ସହ ଓମିକ୍ରନ୍‌ର ଭୟର ବାତାବରଣ ମଧ୍ୟରେ ଦଲାଲ ଷ୍ଟ୍ରିଟ୍‌ରେ ନିବେଶକଙ୍କ ଉତ୍ସାହ ଜାରି ରହିଛି। ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୩୩ ପଏଣ୍ଟ ବୃଦ୍ଧି ପାଇଛି। ସେହିଭଳି ନିଫ୍ଟି ପ୍ରଥମ ଥର ୧୮ ହଜାର ପାର କରିଛି। ଶେୟାର ବଜାରର ସୂଚନା ଅନୁଯାୟୀ ବିଏସ୍‌ଇ ସେନ୍‌ସେକ୍ସ ୫୩୩.୧୫ ପଏଣ୍ଟ (୦.୮୮%) ବୃଦ୍ଧି ପାଇ ୬୧,୧୫୦.୦୪ ରେ ଶେଷ ହୋଇଥିବା ବେଳେ ନିଫ୍ଟି ୧୫୬.୬୦ ପଏଣ୍ଟ (୦.୮୭ ପ୍ରତିଶତ) ବୃଦ୍ଧି ପାଇ ୧୮,୨୧୨.୩୫ ରେ ସ୍ଥିର ରହିଛି। ବିଏସ୍‌ଇ ଏବଂ ଏନ୍‌ଏସ୍‌ଇର ବେଞ୍ଚମାର୍କ ଇକ୍ୱିଟି ଇଣ୍ଡେକ୍ସ କ୍ରମାଗତ ଚତୁର୍ଥ ଦିନ ପାଇଁ ସେମାନଙ୍କ ଅଭିବୃଦ୍ଧି ଜାରି ରଖିଛି। ଫଳରେ ଜାନୁୟାରୀ ୧୨ରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ସର୍ବାଧିକ ଲାଭକାରୀ ଭାବେ ୪.୫% ରୁ ଅଧିକ ବୃଦ୍ଧି ପାଇଥିଲା। ସେହିଭଳି ଭାରତୀ ଏୟାରଟେଲ, ଇଣ୍ଡସ୍ ଇଣ୍ଡ୍ ବ୍ୟାଙ୍କ, ଆର୍‌ଆଇଏଲ୍, ଆଇସିଆଇସିଆଇ ବ୍ୟାଙ୍କ ଏବଂ ଟାଟା ଷ୍ଟିଲ୍ ଭଳି ନିବେଶକ ମଧ୍ୟ ଲାଭରେ ରହିଛନ୍ତି। ଅନ୍ୟପକ୍ଷରେ ଟାଇଟାନ କମ୍ପାନୀ, ଟାଟା କନ୍‌ସଲଟାନ୍ସି ସର୍ଭିସେସ୍(ଟିସିଏସ୍), ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଟେକ୍ ମହିନ୍ଦ୍ରା, ୱିପ୍ରୋ ଏବଂ ନେସ୍‌ଲେ ଇଣ୍ଡିଆ ପଛରେ ପଡିଥିବା ଜଣାପଡିଛି। ସେହିପରି ବଜାର ଅଂଶଗ୍ରହଣକାରୀମାନେ ଧାର୍ଯ୍ୟ ହୋଇଥିବା ଟିସିଏସ୍, ଇନ୍‌ଫୋସିସ୍ ଏବଂ ୱିପ୍ରୋର କ୍ୟୁ୩ ଫଳାଫଳକୁ ଅପେକ୍ଷା କରିବେ ଏବଂ ଖୁଚୁରା ମୁଦ୍ରାସ୍ଫୀତି (ସିପିଆଇ) ଏବଂ ଶିଳ୍ପ ଉତ୍ପାଦନ (ଆଇଆଇପି) ତଥ୍ୟ ପ୍ରକାଶ ପାଇବାର ରହିଛି। ୨୦୨୧ଅକ୍ଟୋବର ୨୭ ପରଠାରୁ ପ୍ରଥମ ଥର ପାଇଁ ନିଫ୍ଟି ୧୮,୨୦୦ ସ୍ତରର ମାର୍କ ଉପରେ ସମାପ୍ତ ହୋଇଛି। ଅଟୋ, ରିଅଲିଟି, ମେଟାଲ୍ ଏବଂ ପାୱାର୍ ଷ୍ଟକ୍ ଦ୍ୱାରା ପରିଚାଳିତ କ୍ରମାଗତ ଚତୁର୍ଥ ଅଧିବେଶନ ପାଇଁ ଏକ ସକାରାତ୍ମକ ନୋଟ୍ ଉପରେ ସ୍ଥିର କରିବାକୁ ଭାରତୀୟ ଇକ୍ୱିଟି ବଜାର ବୃଦ୍ଧି କରିଛି।

# ୧୫ରୁ ଜୀ ସାର୍ଥକରେ 'ଦାଦାଗିରି ହୃଦୟରୁ'



**ଭୁବନେଶ୍ୱର,୧୨।୧**

ଅନୁଭବ ମହାନ୍ତି ଓଡ଼ିଶାର ଏକ ଚିର ପରିଚିତ ନାମ। କେବେ ସେ ଭାଇ, କେବେ ପୁଅ ତ ଆଉ କେବେ ପ୍ରେମୀ। ଏପରି ଅନେକ ଚରିତ୍ରରେ ଅଭିନୟ କରି ସେ ସମଗ୍ର ଓଡ଼ିଶାବାସୀଙ୍କ ମନ ଜିଣିପାରିଛନ୍ତି। ଓଡ଼ିଆ ଚଳଚ୍ଚିତ୍ର ଜଗତରେ ସେ ଦୀର୍ଘ ୧୮ବର୍ଷର ଅଭିନୟର ଯାତ୍ରା ପାରକରି ସାରିଛନ୍ତି। ଏହି ଯାତ୍ରାରେ ସେ ଅନେକ ସଫଳତା ମଧ୍ୟ ହାସଲ କରିଛନ୍ତି। ଏ ସମ୍ପର୍କରେ ଅନୁଭବ କହିଥିଲେ, ତାଙ୍କୁ ଲାଗୁନି ସେ ତାଙ୍କର ଅଭିନୟ ଜୀବନର ଦୀର୍ଘ ୧୮ବର୍ଷ ଓଲିଉଡ୍ ଇଣ୍ଡଷ୍ଟ୍ରିରେ ବିତାଇସାରିଲେଣି। ସବୁ ଯେମିତି କାଲି ପରି ମନେ ହେଉଛି। ଏହା କେବଳ ସମ୍ଭବ ହୋଇଛି ଦର୍ଶକଙ୍କ ଭଲ ପାଇବା ଓ ସମର୍ଥନ ଯୋଗୁ। ସବୁବେଳେ ପ୍ରଚେଷ୍ଟା ରହିଛି ଯେ ଦର୍ଶକଙ୍କୁ ଭିନ୍ନ ଭିନ୍ନ ଭୂମିକାରେ ମୋର ଅଭିନୟର ଶ୍ରେଷ୍ଠ ପ୍ରଦର୍ଶନ ଜରିଆରେ ସେମାନଙ୍କ ମନରେ ଟିକେ ହସ ଫୁଟାଇବା। ଏହା ପାଇଁ ସର୍ବଦା ମୋର ପ୍ରୟାସ ରହିଛି ଏବଂ ଆଗକୁ ମଧ୍ୟ ଜାରି ରହିବ। ଏହି ପ୍ରଚେଷ୍ଟା ମଧ୍ୟରେ ଜୀ ସାର୍ଥକ ତା'ର ଅଗଣିତ ଓଡ଼ିଆ ଦର୍ଶକଙ୍କୁ ଭେଟି ଦେବାକୁ ଯାଉଛି ଓଡ଼ିଶାର ସବୁଠାରୁ ବଡ଼ ତଥା ନିଆରା ରିଆଲିଟି ଶୋ 'ଦାଦାଗିରି ହୃଦୟରୁ'। ଏହି ଶୋ' ଜରିଆରେ ଓଡ଼ିଶାର ମେଗାଷ୍ଟାର ଅନୁଭବ ମହାନ୍ତି ପ୍ରଥମ ଥର ପାଇଁ ଏଭଳି ଏକ ଭିନ୍ନ ଧରଣର କାର୍ଯ୍ୟକ୍ରମ କରିବାକୁ ଯାଉଛନ୍ତି। ସେ ତାଙ୍କର ଦୀର୍ଘ ବର୍ଷର ଚିର ପରିଚିତ ରୂପକୁ ବଦଳାଇ ଏକ ନୂଆ ରୂପରେ ଓଡ଼ିଆ ଟେଲିଭିଜନ ଇଣ୍ଡଷ୍ଟ୍ରିର ଦର୍ଶକଙ୍କ ନିକଟକୁ ଆସୁଛନ୍ତି। ଏହା ୧୫ ଜାନୁୟାରୀରୁ ପ୍ରତି ଶନିବାର ଓ ରବିବାର ରାତି ୯ରୁ ଜୀ ସାର୍ଥକରେ ପ୍ରସାରିତ ହେବ ବୋଲି ଜଣାପଡିଛି। ଏ ସମ୍ପର୍କରେ ଚ୍ୟାନେଲର ମୁଖ୍ୟ ଅର୍ଘ୍ୟ ରାୟ ଚୌଧୁରୀ ପ୍ରଥମେ ଅନୁଭବଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ଗଣମାଧ୍ୟମ ଜରିଆରେ କହିଛନ୍ତି, ଅନୁଭବଙ୍କର ଦମ୍‌ଦାର ଅଭିନୟ ଓ ଭାବମୂର୍ତ୍ତି, ଯାହାକୁ ଓଡ଼ିଆ ଚଳଚ୍ଚିତ୍ର ଜଗତ ଦୀର୍ଘ ୧୮ ବର୍ଷ ହେଲା ପଥ ଅନୁସରଣ କରି ଆସିଛି। ଜୀ ସାର୍ଥକ ସେହିଭଳି ଏକ ମହାନାୟକଙ୍କୁ ତାଙ୍କ ରିଆଲିଟି ଶୋ'ରେ ଆୟୋଜକ ଭାବେ ପାଇ ଗର୍ବ ଅନୁଭବ କରୁଛି।

# ଅନୁଗୋଳ ପ୍ଲାଣ୍ଟରେ ଶତ ପ୍ରତିଶତ ପଟ୍ କାର୍ଯ୍ୟକ୍ଷମ




## ନାଲ୍‌କୋ ପାଇଁ ଐତିହାସିକ ଦିନ

**ଭୁବନେଶ୍ୱର,୧୨।୧**

କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟରତ ନବରତ୍ନ ଉଦ୍ୟୋଗ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ଆଲୁମିନିୟମ ସ୍ମେଲ୍‌ଟିଂ କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ ହାସଲ କରିଛି। ଅନୁଗୋଳଠାରେ ଅବସ୍ଥିତ କମ୍ପାନୀର ସ୍ମେଲଟର ପ୍ଲାଣ୍ଟରେ ସମସ୍ତ ୯୬୦ ପଟ୍‌କୁ ସଫଳତାର ସହ କାର୍ଯ୍ୟକ୍ଷମ କରାଯାଇଛି। ଏହିଅବସରରେ ନାଲ୍‌କୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର ବୁଧବାର ସ୍ଥାନୀୟ ଜୟଦେବ ବିହାରସ୍ଥିତ ନାଲ୍‌କୋ ମୁଖ୍ୟାଳୟଠାରେ ଆଭାସୀ ମାଧ୍ୟମରେ ଯୋଗଦେଇ ଏହାର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ବିଗତ ୪୧ ବର୍ଷର ଯାତ୍ରା ମଧ୍ୟରେ କମ୍ପାନୀ ପ୍ରଥମ ଥର ପାଇଁ ଆଲୁମିନିୟମ ସ୍ମେଲଟର ପ୍ଲାଣ୍ଟରେ ଥିବା ୯୬୦ ପଟ୍‌ର ଶତ ପ୍ରତିଶତ କାର୍ଯ୍ୟକ୍ଷମତା ହାସଲ କରିଛି। ଏହାକୁ ଏକ ଅଭୂତପୂର୍ବ ସଫଳତାର ମୁହୂର୍ତ୍ତ ବୋଲି ପ୍ରକାଶ କରି ପାତ୍ର କହିଛନ୍ତି, ଏଭଳି କଠିନ ପରିସ୍ଥିତିରେ ମଧ୍ୟ ଆମର କର୍ମଚାରୀ ଓ ଅଧିକାରୀଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁ ଏହି ସ୍ୱପ୍ନ ସାକାର ହୋଇଥିବାରୁ ଟିମ୍ ନାଲ୍‌କୋକୁ ସେ ଅଭିନନ୍ଦନ ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଏହାର ସମସ୍ତ ଅଂଶଧାରୀଙ୍କୁ ମଧ୍ୟ ଧନ୍ୟବାଦ ଜ୍ଞାପନ କରି କହିଥିଲେ, ନାଲ୍‌କୋକୁ ଅଧିକରୁ ଅଧିକ ସଶକ୍ତ କରାଇବାରେ ସେମାନଙ୍କର ନିରବଚ୍ଛିନ୍ନ ସମର୍ଥନ ମଧ୍ୟ ରହିଛି। ସମସ୍ତଙ୍କ ସାହାଯ୍ୟ ଏବଂ ଏହାର ପଟ୍‌ଲାଇନର ୧୦୦% କାର୍ଯ୍ୟକ୍ଷମତା ସହିତ କମ୍ପାନୀ ପାଇଁ ଅଧିକ ସଫଳତା ଆଣିଦେଇଛି। ପାତ୍ର ଏହି ସଫଳତାକୁ ରଣନୀତିକ ଯୋଜନା ଏବଂ ଉତ୍ତମ ପରିଚାଳନାଗତ ପଦକ୍ଷେପ ସହିତ କର୍ମଚାରୀ ଏବଂ ଶ୍ରମିକମାନଙ୍କର ଦୃଢ଼ ଅନୁଶାସନ, ନିଷ୍ଠା ଏବଂ ଉତ୍ସର୍ଗୀକୃତ ମନୋଭାବକୁ ଶ୍ରେୟ ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ନିର୍ଦ୍ଦେଶକ (ମାନବ ସମ୍ବଳ) ରାଧାଶ୍ୟାମ ମହାପାତ୍ର, ନିର୍ଦ୍ଦେଶକ (ପି ଆଣ୍ଡ୍ ଟି) ମାନସା ପ୍ରସାଦ ମିଶ୍ର, ନିର୍ଦ୍ଦେଶକ (ଉତ୍ପାଦନ) ବିଜୟ କୁମାର ଦାସଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ତଥା ବିଭିନ୍ନ ୟୁନିୟନ ଏବଂ ଆସୋସିଏଶନର ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଓଡ଼ିଶାର ଅନୁଗୋଳଠାରେ ଅବସ୍ଥିତ ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟ ଏହାର ପରିବେଶ ଅନୁକୂଳ କାର୍ଯ୍ୟ ଏବଂ ଶୁଦ୍ଧ ଆଲୁମିନିୟମ ଉତ୍ପାଦନ ପାଇଁ ପ୍ରତିଷ୍ଠା ଅର୍ଜନ କରିଛି। ବର୍ତ୍ତମାନ କମ୍ପାନୀ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟଠାରୁ ୨୦୨୦-୨୧ ବର୍ଷ ପାଇଁ ଉତ୍ତମ ଏମ୍‌ଓୟୁ ରେଟିଂ ହାସଲ କରିଛି।

# ହରିଶ୍ଚନ୍ଦ୍ର ମହାନ୍ତିଙ୍କୁ ନୂଆ ଦାୟିତ୍ୱ



**ଭୁବନେଶ୍ୱର,୧୨।୧**

ବିଏସ୍‌ଏନ୍‌ଏଲ୍ ଓଡ଼ିଶା ସର୍କଲର ମୁଖ୍ୟ ମହାପ୍ରବନ୍ଧକ (ସିଜିଏମ୍) ଭାବେ ନିକଟରେ ବରିଷ୍ଠ ପ୍ରଶାସକ ହରିଶ୍ଚନ୍ଦ୍ର ମହାନ୍ତିଙ୍କୁ ନୂଆ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ଅବସରରେ ସେ ଗ୍ରାହକ ଓ ସହକର୍ମୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ରାଷ୍ଟ୍ରାୟତ୍ତ ସଂସ୍ଥା ବିଏସ୍‌ଏନ୍‌ଏଲ୍ ବନ୍ୟା, ବାତ୍ୟା ଓ ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଭଳି ପ୍ରତିକୂଳ ପରିସ୍ଥିତିରେ ଦେଶ ତଥା ରାଜ୍ୟର ସମସ୍ତ ଭାଗରେ ଟେଲି ଯୋଗାଯୋଗ ସେବା ନିରବଚ୍ଛିନ୍ନ ଭାବେ ଯୋଗାଇ ଆସୁଛି ଓ ଆଗାମୀ ଦିନରେ ମଧ୍ୟ ଏହାର ଗ୍ରାହକମାନଙ୍କୁ ଆକର୍ଷଣୀୟ ସୁବିଧା ଓ ସେବା ପ୍ରଦାନ ଜାରି ରଖିବା ନେଇ ମହାନ୍ତି ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି। ସେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି, ଭାରତ ସରକାରଙ୍କ ଉପକ୍ରମ ବିଏସ୍‌ଏନ୍‌ଏଲ୍ ରାଜ୍ୟର ଦୁର୍ଗମ ଅଞ୍ଚଳରେ ଜନସାଧାରଣଙ୍କୁ ବିନା ଲାଭ ଏବଂ ଯଥାର୍ଥ ମୂଲରେ ଲ୍ୟାଣ୍ଡଲାଇନ, ମୋବାଇଲ ଏବଂ ଏଫ୍‌ଟିଟିଏଚ୍ ଭଳି ସେବା ଉପଲବ୍ଧ କରାଇବାକୁ ସର୍ବାଧିକ ଗୁରୁତ୍ୱ ଦେଇଆସୁଛି। ସେହିପରି ବିବିଏନ୍‌ଏଲ୍‌ର ସହଯୋଗରେ ଅପ୍ଟିକାଲ ଫାଇବର ମାଧ୍ୟମରେ ଗ୍ରାମାଞ୍ଚଳକୁ ହାଇ ସ୍ପିଡ୍ ଇଣ୍ଟରନେଟ୍ ସେବା ଯୋଗାଇବା ଦିଗରେ ବିଏସ୍‌ଏନ୍‌ଏଲ୍‌ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଖୁବ୍‌ଶୀଘ୍ର ଓଡ଼ିଶାର ବିଭିନ୍ନ ଜିଲାରେ ୪ଜି ସେବା ଉପଲବ୍ଧ ହେବ ବୋଲି ମହାନ୍ତି ଆଶାବ୍ୟକ୍ତ କରିଛନ୍ତି ।

# 'ମେଡ୍ ଅଫ୍ ପ୍ରାଇଡ୍'ର ବ୍ରାଣ୍ଡ ଆମ୍ବାସାଡର ହେଲେ ଆଲିଆ

**ନୂଆଦିଲ୍ଲୀ,୧୨।୧**

ଦେଶର ପ୍ରମୁଖ ମୃଦୁପାନୀୟ କମ୍ପାନୀ 'ବ୍ଲେଣ୍ଡର୍ସ ପ୍ରାଇଡ୍' ପକ୍ଷରୁ ଆଲିଆ ଭଟ୍ଟଙ୍କୁ ଏହାର ନୂଆ କ୍ୟାମ୍ପେନ୍ ଫିଲ୍ମ 'ମେଡ୍ ଅଫ୍ ପ୍ରାଇଡ୍' ପାଇଁ ବ୍ରାଣ୍ଡର ନୂଆ ଚେହେରା ଭାବେ ସ୍ୱାଗତ କରାଯାଇଛି । ଏଥିରେ ଆଲିଆ ଭଟ୍ଟଙ୍କର କଦାପି ହାର ନ ମାନିବାର ପ୍ରେରଣାକୁ ଉପସ୍ଥାପିତ କରାଯାଇଛି । ଜଣେ ପ୍ରତିଭାବାନ ଅଭିନେତ୍ରୀ ନିଜର ପ୍ରତିଭା ବଳରେ ଏହି ଅଭିଯାନକୁ ଆହୁରି ସଶକ୍ତ ଓ ନିଜର ଦକ୍ଷତା ବଳରେ ଅତ୍ୟନ୍ତ ଚମତ୍କାର ଭାବେ ଏହି କ୍ୟାମ୍ପେନର ଉଦ୍ଦେଶ୍ୟକୁ ଉପସ୍ଥାପନ କରିଛନ୍ତି । ଏହି ବର୍ଗରେ ଲିଡର ବ୍ଲେଣ୍ଡର୍ସ ପ୍ରାଇଡ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ପ୍ରତିଷ୍ଠା କରିଛି । ଏହା ନିଜର ରିଫ୍ରେସିଂ ଟୋନ, ଉତ୍ସାହଜନକ କାର୍ଯ୍ୟ ଦ୍ୱାରା ଏକ ନୂତନ ଯାତ୍ରାର ଶୁଭାରମ୍ଭ କରିଛି । ବ୍ଲାକ୍ ଆଣ୍ଡ ହ୍ୱାଇଟ ଛବିରୁ ଏହାକୁ କଲରଫୁଲ କରାଯାଇଛି, ଯାହାକି ବ୍ରାଣ୍ଡ ପାଇଁ ଏକ ଆକର୍ଷଣୀୟ ବିଷୟ ପାଲଟିଛି। ଏହାର ପ୍ରିମିୟମ ମାନରେ ମଧ୍ୟ ବେଶ୍ ଉନ୍ନତି ଆସିଛି । ଏହି ଫିଲ୍ମ ମାଧ୍ୟମରେ ଦର୍ଶକମାନଙ୍କୁ ଏକ ସକାରାତ୍ମକ ଭାବନାର ବାର୍ତ୍ତା ପ୍ରଦାନ କରାଯାଇଛି । ଏହି ୩୬୦ ଡିଗ୍ରୀ ଇଣ୍ଟିଗ୍ରେଟେଡ୍ କ୍ୟାମ୍ପେନକୁ ଟିଭି, ଡିଜିଟାଲ, ପ୍ରିଣ୍ଟ ଏବଂ ଓଓଏଚ୍‌ରେ ଦେଖିବାକୁ ମିଳିବ ବୋଲି କୁହାଯାଇଛି। ଏ ସମ୍ପର୍କରେ ପର୍ନଡ ରିକାର୍ଡ ଇଣ୍ଡିଆର ଚିଫ୍ ମାର୍କେଟିଂ ଅଫିସର କାର୍ତ୍ତିକ ମହିନ୍ଦ୍ରା କହିଛନ୍ତି, ଆଲିଆ ହେଉଛନ୍ତି ଆଜିର ଯୁବପିଢ଼ିଙ୍କ ପାଇଁ ଏକ ଜଣାଶୁଣା ଲୋକପ୍ରିୟ ଚେହେରା ଓ ବ୍ଲେଣ୍ଡର୍ସ ପ୍ରାଇଡ୍ ନୂତନ ଆମ୍ବାସାଡର ଭାବେ ଏକ ସର୍ବୋତ୍ତମ ପସନ୍ଦ । ଆମର ନୂତନ ଅଭିଯାନ ନିଜ ଉପରେ ବିଶ୍ୱାସ କରିବାକୁ ପ୍ରେରଣା ଯୋଗାଉଛି ଓ ଏଥିରେ ଆଲିଆଙ୍କର ଯୁବପିଢ଼ିଙ୍କ ପାଇଁ ବାର୍ତ୍ତା ପ୍ରଦାନ କରାଯାଇଛି । ସେହିଭଳି ଆଲିଆ ଭଟ୍ଟ କହିଛନ୍ତି, ବ୍ଲେଣ୍ଡର୍ସ ପ୍ରାଇଡ୍‌ର 'ମେଡ୍ ଅଫ୍ ପ୍ରାଇଡ୍'ର ଅଭିଯାନରେ ସେ ସାମିଲ ହୋଇଥିବାରୁ ଅତ୍ୟନ୍ତ ଆନନ୍ଦିତ।


# ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**



ଏ ଅଶୋକ କୁମାର ବଳ
ଘଟପୁର, ଚାନ୍ଦବାଲି, ଭଦ୍ରକ
ଆବିର୍ଭାବ-୨୨।୦୭।୧୯୬୭
ତିରୋଧାନ- ୧୦.୧.୨୦୧୪ (ଶାୟଦଶମୀ)
ତୁମର ଅନନ୍ୟ କର୍ତ୍ତବ୍ୟନିଷ୍ଠା, କର୍ମବୀରତା, ଅନାବିଳ ସ୍ନେହ ଶ୍ରଦ୍ଧା ଏବଂ ସର୍ବଦା ସହାସ୍ୟ ମୁଖମଣ୍ଡଳ ଆମମାନଙ୍କ ପାଇଁ ଅବିସ୍ମରଣୀୟ । ତୁମ ବିୟୋଗର ଶୂନ୍ୟତା ଅପୂରଣୀୟ । ତୁମ ଆଶୀର୍ବାଦଯୁକ୍ତ ହସ୍ତ ଆମର ମାର୍ଗଦର୍ଶନ କରୁଥାଉ । ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଅଛୁ ।
ସ୍ତ୍ରୀ- କଳ୍ପନା, ପୁଅ- ପପୁନ୍, ଲିପୁନ୍, ପୁତୁରା, ଝିଆରୀ, ଭଣଜା, ଭାଣିଜୀ, ଭଉଣୀଭିଣୋଇ, ଭାଇ ଭାଇବୋହୂ, ସଢୁ, ଶାଳୀ, ଶଳା, ଶାଳୀଭାଉଜ, ଶ୍ୱଶୁର, ସାନବାପା, ସାନବୋଉ ଓ ପରିବାରବର୍ଗ ।
ଧ-୨୨୮୩୦

**ସ୍ମୃତି ତର୍ପଣ**



ଏ ଦୈତ୍ୟାରୀ ବେହେରା
ପ୍ଲଟ୍ ନଂ.୨୧୨୦, ସବରସାହି ଲେନ୍, କଳ୍ପନା ଏରିଆ, ଭୁବନେଶ୍ୱର
ଆବିର୍ଭାବ : ୩୧.୦୧.୧୯୨୦
ତିରୋଧାନ : ୧୩.୦୧.୧୯୯୫
ଆଜି ଆପଣଙ୍କ ପବିତ୍ର ୨୭ତମ ଶ୍ରାଦ୍ଧ ବାର୍ଷିକୀରେ ଆମ୍ଭମାନଙ୍କର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
ବନ୍ଧୁ ଓ ପରିବାରବର୍ଗ
ଧ-୨୨୮୩୩


# ମାଲ ପରିବହନରେ ଏସ୍‌ଇଆର୍‌ର ସଫଳତା

**କୋଲକାତା,୧୨।୧:** ମାଲ ପରିବହନ କ୍ଷେତ୍ରରେ ଦକ୍ଷିଣ ପୂର୍ବ ରେଳପଥ(ଏସ୍‌ଇଆର୍)ରେ ବ୍ୟାପକ ବୃଦ୍ଧି ଘଟିଛି। ପ୍ରଥମ ୯ମାସରେ ଏସ୍‌ଇଆର୍ ୧୪୩.୩୧ ମିଲିୟନ ଟନ୍ ମାଲ ପରିବହନ କରିଛି। ୨୦୨୧ ଏପ୍ରିଲରୁ ଡିସେମ୍ବର ପର୍ଯ୍ୟନ୍ତ ଏହି ମାଲ ପରିବହନ କରାଯାଇଛି। ସେହିପରି ପୂର୍ବ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ୧୨୪.୬୯ ମିଲିୟନ ଟନ୍ ମାଲ ଲୋଡ୍ ହୋଇଥିଲା। ଗତ ବର୍ଷର ପରିମାଣଠାରୁ ଚଳିତ ଆର୍ଥିକ ବର୍ଷ ୧୪.୯୩% ଅଭିବୃଦ୍ଧି କରିଛି। ସେହିଭଳି ମାଲ ପରିବହନରେ ମଧ୍ୟ ୧୮.୪୮% ଅଭିବୃଦ୍ଧି ଘଟିଛି। ଗତ ଆର୍ଥିକ ବର୍ଷର ପ୍ରଥମ ୯ମାସ ତୁଳନାରେ ରାଜସ୍ୱରେ ମଧ୍ୟ ଅଭିବୃଦ୍ଧି ହୋଇଛି। ୨୦୨୧ ଏପ୍ରିଲରୁ ଡିସେମ୍ବର ପର୍ଯ୍ୟନ୍ତ ମାଲ ପରିବହନ ଲୋଡିଂରୁ ରାଜସ୍ୱ ଉତ୍ପାଦନ ୧୧,୯୨୪.୪୨ କୋଟି ଟଙ୍କା ହୋଇଛି। ଗତ ଆର୍ଥିକ ବର୍ଷର ସମାନ ଅବଧିରେ ୧୦,୦୬୪.୫୩ କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇଥିବା ସୂଚନା ମିଳିଛି। ୨୦୨୧-୨୨ର ପ୍ରଥମ ୯ମାସ ମଧ୍ୟରେ ମାଲ ପରିବହନ ଲୋଡିଂର ମୁଖ୍ୟ ଦ୍ରବ୍ୟ ଭାବେ ଲୁହାପଥର, କୋଇଲା, ପିଗ୍ ଆଇରନ, ଶୁଦ୍ଧ ଇସ୍ପାତ, ସିମେଣ୍ଟ, ସାର, ପେଟ୍ରୋଲିୟମ ଉତ୍ପାଦ ଇତ୍ୟାଦି ରହିଛି। ଏହି ସମୟ ମଧ୍ୟରେ ଏସ୍‌ଇଆର୍ ୭୯.୪୭ ମିଲିୟନ୍ ଟନ୍ ଲୁହାପଥର ଲୋଡ୍ କରିଛି। ପୂର୍ବ ଆର୍ଥିକ ବର୍ଷର ଏହି ଅବଧି ମଧ୍ୟରେ, ଯାହା ଅନୁରୂପ ଅବଧି ତୁଳନାରେ ୫.୬୫% ଅଧିକ ବୋଲି ଜଣାପଡ଼ିଛି।

## ଫୁର୍‌ସତ୍

# ପ୍ରଥମ ଥର ପାଇଁ ଏକାଠି ଅକ୍ଷୟ, ଇମ୍ରାନ୍



**ମୁମ୍ବାଇ:** ପ୍ରଥମ ଥର ପାଇଁ ବଡ ପରଦାରେ ଦେଖିବାକୁ ମିଳିବ ଅକ୍ଷୟ କୁମାର ଏବଂ ଇମ୍ରାନ ହାସମୀଙ୍କ ଯୋଡି। ଦୁହେଁ ମିଶି ଫିଲ୍ମ 'ସେଲ୍‌ଫି' କରୁଥିବାର ଏକ ଫଟୋ ଇନ୍‌ଷ୍ଟାଗ୍ରାମରେ ଅକ୍ଷୟ ଶେୟାର କରିଛନ୍ତି। ସିନେମାରେ ଦୁହେଁ ମୁଖ୍ୟ ଭୂମିକାରେ ନଜର ଆସିବେ। ଏହି ଫିଲ୍ମକୁ ଧର୍ମା ପ୍ରଡକ୍ସନ ନିର୍ମାଣ କରୁଛି। ରାଜ ମେହେତା ଏହାର ନିର୍ଦ୍ଦେଶନା ଦେବେ। ଫିଲ୍ମର ୨୯ ସେକେଣ୍ଡର ଟିଜର ରିଲିଜ ହୋଇଯାଇଛି। ଏହି ଭିଡିଓରେ ଦୁହେଁ ସେଲ୍‌ଫି ନେଉଥିବା ନଜର ଆସିଛନ୍ତି। ଇମ୍ରାନ୍ ମଧ୍ୟ ତାଙ୍କ ଏହି ଆଗାମୀ ଫିଲ୍ମର ଝଲକ ଶେୟାର କରିଛନ୍ତି। ଅକ୍ଷୟ ସିନେମାର ପୋଷ୍ଟର ଶେୟାର କରି କହିଛନ୍ତି ଯେ, ଏହି ଫିଲ୍ମଟି ୨୦୧୯ରେ ଆସିଥିବା ମାଲାୟଲମ୍ ଚଳଚ୍ଚିତ୍ର 'ଡ୍ରାଇଭିଙ୍ଗ ଲାଇସେନ୍ସ'ର ରିମେକ୍। ଏହା ପୂର୍ବରୁ ଗତ ବର୍ଷ ଅକ୍ଷୟଙ୍କ 'ସୂର୍ଯ୍ୟବଂଶୀ' ବଡ ପରଦାକୁ ଆସିଥିବାବେଳେ ୨୦୧୬ରେ ଇମରାନ 'ରାଜ ରିବୁଟ୍'ରେ ନଜର ଆସିଥିଲେ।

# 'ଦ ଲେଡି କିଲର'ରେ ଭୂମି



**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ଭୂମି ପେଡ୍‌ନେକର ସସ୍‌ପେନ୍ସ ଡ୍ରାମା ଫିଲ୍ମ 'ଦ ଲେଡି କିଲର'ରେ ନଜର ଆସିବେ। ଏଥିରେ ଅଭିନେତା ଅର୍ଜୁନ କପୁର ମଧ୍ୟ ରହିଛନ୍ତି। ଏହି ଫିଲ୍ମ ମଧ୍ୟରେ ଉଭୟଙ୍କୁ ଏକାଠି କାମ କରିବାର ଦେଖିବାକୁ ମିଳିବ। ଚଳଚ୍ଚିତ୍ରର ନିର୍ମାତା ଭୂଷଣ କୁମାର ଏବଂ ଶୈଳେଶ ଆର୍. ସିଂ ଏହାର ସମ୍ପାଦନା ଦାୟିତ୍ୱ ନେଇଛନ୍ତି। ବି.ଏ. ପାସ୍ ଫିଲ୍ମ ନିର୍ମାତା ଅଜୟ ବହଲ ଏହାର ନିର୍ଦ୍ଦେଶନା ଦେବେ। ଏହି ଫିଲ୍ମଟି କୌତୁହଳ ଏବଂ ଡ୍ରାମାରେ ଭରି ରହିଛି। ଚଳଚ୍ଚିତ୍ରଟିର ଶୁଟିଂ ମାର୍ଚ୍ଚ ମାସରୁ ଆରମ୍ଭ ହେବ। ଅର୍ଜୁନଙ୍କ ସହ ତାଙ୍କ ଏହି ଫିଲ୍ମକୁ ନେଇ ଭୂମି ବହୁତ ଉତ୍ସାହିତ ଅଛନ୍ତି ବୋଲି କହିଛନ୍ତି। ପୂର୍ବରୁ ଭୂମି 'ସଞ୍ଚିରିୟା' ଫିଲ୍ମରେ ନଜର ଆସିଥିଲେ। ନିକଟରେ ଅର୍ଜୁନଙ୍କ 'ଭୁତ ପୋଲିସ' ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା।


**OFFICE OF THE UMERKOTE MUNICIPALITY**
**DIST.- NABARANGPUR (ODISHA), PIN- 764073**
E-mail-nac_umerkote@rediffmail.com,
Tel.No.- +919938607235

No.158/UKT-2022 Dt.10 Jan 2022

**TENDER CALL / EXPRESSION OF INTEREST**

Sealed quotations are invited from intending firms/ dealers/ consultants/ reputed agency having adequate previous experience in preparation of Detail Project Report & quoted rate for installation, testing and commissioning of CCTV surveillance system at vital points of Umerkote town as per the Detail Tender Call Notice.

The consultants / firm/ agency should file their rates including preparation of DPR, Supervision charges etc. with term & conditions. The quotationer should enclose the copy of documents in support of experience, registration, reorganization from Govt. VAT/PAN Clearance Certificate with the quotations.

The quotations will be received upto Dt.21.01.2022 by 5.00 P.M. through Registered / Speed Post and the same will be opened at 12.00 P.M. on Dt.25.01.2022 in presence of the quotationers or their authorized agents. The rate should be quoted inclusive of all Tax / GST / Transportation charges and loading, unloading charges.

Blank bid documents for the works will be available from the office of the undersigned on any working day during office hours (10.00 A.M. to 5.00 P.M.) from Dt.10.01.2022 to Dt.21.01.2022 on payment of Rs.10,000/- (Rupees ten thousand) only towards cost of bid documents in shape of Demand Draft / Bankers Cheques only from any Nationalized Bank drawn in favour of Executive Office, Umerkote Municipality payable at Umerkote & the bidder in a position to complete the said project within 2 to 3 months of receipt of work order.

The bidders have to submit the bid documents duly filled up along with attested photocopies of qualifying documents as indicated in eligibility criteria and the bidders shall have to produce original documents as per eligibility criteria if required for verification and the same will be verified by the Tender Committee constituted for the purpose on the date of the opening of the tender.

1. More procurement of tender documents does not guarantee fulfillment of the eligibility criteria.
2. Cost of bid document is not refundable.
3. Name of the purchaser at the time of procurement of bid document shall not be disclosed, only money receipt against the Bank Draft / Pay Order shall be issued.
4. Only Ink / Dot pen signed copy of DTCN issued by this office shall be entertained.
5. The all details in this regard is available at Municipal Office.

The undersigned reserves all the right to reject or cancel all the tender call notice without assigning any reason thereof.

Sd./- Executive Officer
Umerkote Municipality
Dt.10 Jan 2022



**CLASSIFIED DISPLAY** — MORE SPACE • SAME PRICE — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
**ବାବା ଆଜମ ଖାନ୍**
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଗୁଣିଗାରେଡ଼ି, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ
8882703236
9717049785

**HINDUSTAN FINANCE LIMITED**
(Reg. No.- 003367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403273

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଆପଣ ଯେ କୌଣସି ଅସୁବିଧାରେ ପଡ଼ି ହଇରାଣ ହେଉଥିଲେ କେବଳ ଗୋଟିଏ ମାତ୍ର Call କରି ଆମଠାରୁ ନିଅନ୍ତୁ ସମ୍ପୂର୍ଣ୍ଣ ସମସ୍ୟାର ୧୦୦% ସମାଧାନ ।
ପ୍ରେମବିବାହ, ବେପାରବୃଦ୍ଧି, ସମ୍ମୋହନ, ଗୃହ ସମସ୍ୟା, ସଉତୁଣୀ, ବଶିକରଣ, ସ୍ୱାମି-ସ୍ତ୍ରୀ ସମସ୍ୟା, ଜାଦୁମନ୍ତ୍ର ଇତ୍ୟାଦି
**ବାବା ହୁସନ୍ ଅଲ୍ଲି**
ଅଲ ଇଣ୍ଡିଆ ଖୁଲା ଚାଲେଞ୍ଜ ମାତ୍ର ୩ଘଣ୍ଟାରେ ୧୦୦% ସମାଧାନ ।
9560789896

# ବୁମ୍‌ରାଙ୍କୁ ୫, ଭାରତ ଅଗ୍ରଣୀ

କେପ୍‌ଟାଉନ୍‌, ୧୨।୧

ସ୍ଥାନୀୟ ନ୍ୟୁଲାଣ୍ଡ୍ସ ଗ୍ରାଉଣ୍ଡରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ୫ ଉଇକେଟ ସଫଳତା ପାଇଛନ୍ତି ଭାରତର ଯଶପ୍ରୀତ୍‌ ବୁମ୍‌ରା। କିଗାନ ପିଟରସନଙ୍କ ଲଢୁଆ ୭୨ ରନ ସତ୍ତ୍ୱେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୨୧୦ ରନରେ ଅଲ୍‌ଆଉଟ ହୋଇଛି। ଫଳରେ ଭାରତ ୧୩ ରନରେ ଅଗ୍ରଣୀ ହାସଲ କରିବାରେ ସକ୍ଷମ ହୋଇଛି। ବୁଧବାର ଦ୍ୱିତୀୟ ଦିବସ ଖେଳ ଶେଷ ବେଳକୁ ଭାରତ ୨ ଉଇକେଟ ହରାଇ ୫୭ ରନ ସଂଗ୍ରହ କରିଛି। ଲୋକେଶ ରାହୁଲ ୧୦ ଓ ମୟଙ୍କ ଅଗ୍ରୱାଲ ୭ ରନ କରି ଆଉଟ ହୋଇଥିବାବେଳେ ଅଧିନାୟକ ବିରାଟ କୋହଲି ୧୪ ଓ ଚେତେଶ୍ୱର ପୂଜାରା ୯ ରନରେ ଅପରାଜିତ ରହିଛନ୍ତି। ଫଳରେ ୮ ଉଇକେଟ ସୁରକ୍ଷିତ ଥାଇ ଭାରତ ମୋଟ ୭୦ ରନରେ ଅଗ୍ରଣୀଲାଭ କରିଛି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୧୭/୧ରୁ ଖେଳ ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା ବୁଧବାର ସମାନ ସ୍କୋରରେ ଦ୍ୱିତୀୟ ଉଇକେଟ ହରାଇଥିଲା। ଅର୍ଥାତ୍‌ ଏଡେନ ମାରକ୍ରାମଙ୍କୁ ପୂର୍ବଦିନର ସ୍କୋରରେ ହିଁ ପ୍ୟାଭିଲିୟନ ଫେରାଇଥିଲେ ବୁମ୍‌ରା। ୨୨ ବଲ୍‌ରୁ ୮ ରନ କରିଥିବା ମାରକ୍ରାମ ଅଫ୍‌ଷ୍ଟମ୍ପ ବାହାରର ବଲ୍‌କୁ ଛାଡ଼ିବାକୁ ଯାଇ କ୍ଲିନ୍‌ ବୋଲ୍ଡ ହୋଇ ଯାଇଥିଲେ। ନାଇଟ ୱାଚମ୍ୟାନଭାବେ ତୃତୀୟ ସ୍ଥାନରେ ଆସିଥିବା କେଶବ ମହାରାଜ ଧୈର୍ଯ୍ୟର ସହ ୪୫ଟି ବଲ୍‌ ଖେଳି ୨୫ ରନ କରିଥିବାବେଳେ ଉମେଶ ଯାଦବଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ। କିଗାନ ପିଟରସନ ଖେଳିଥିଲେ ଲଢୁଆ ଇନିଂସ। ଗୋଟିଏ ପଟରେ ଉଇକେଟ ପଡ଼ି ଚାଲିଥିଲେ ହେଁ ସେ ଧୈର୍ଯ୍ୟ ନ ହରାଇ ଘରୋଇ ଦଳର ଇନିଂସକୁ ଆଗେଇ ନେଇଥିଲେ। ୫୪ ବଲ୍‌ରୁ ୨୧ ରନ କରିଥିବା ଭାନ୍‌ ଡର୍‌ ଡୁସେନଙ୍କ ସହ ୪ର୍ଥ ଉଇକେଟରେ ୧୧୪ ବଲ୍‌ରୁ ମୂଲ୍ୟବାନ ୬୭ ରନର ଭାଗୀଦାରି ଗଢ଼ିଥିଲେ ପିଟରସନ। ଟେମ୍ବା ବଭୁମା ୫୨ ବଲ୍‌ରୁ ୩ ଚୌକା ସହାୟତାରେ ୨୮ ରନ କରିଥିବାବେଳେ ମହମ୍ମଦ ସାମିଙ୍କ ବଲ୍‌ରେ ବିରାଟ କୋହଲିଙ୍କୁ ଦ୍ୱିତୀୟ ସ୍ଲିପ୍‌ରେ କ୍ୟାଚ ଦେଇ କ୍ରିଜ୍‌ ଛାଡ଼ିଥିଲେ। ବଭୁମା ଓ ପିଟରସନ ୫ମ ଉଇକେଟରେ ୯୭ ବଲ୍‌ରୁ ୪୨ ରନର ଭାଗୀଦାରି ଗଢ଼ିଥିଲେ। କାଏଲ ଭେରେନେ ଖାତା ଖୋଲିପାରି ନ ଥିବାବେଳେ ମାର୍କୋ ଜାନସେନ ୭ ରନ କରିବାକୁ ସକ୍ଷମ ହୋଇଥିଲେ। ଶେଷ ଭାଗରେ କାଗିଶୋ ରାବାଡ଼ା ୨୫ ବଲ୍‌ରୁ ୧୫ ଓ ଡୁଆନେ ଓଲିଭର ୩୯ ବଲ୍‌ରୁ ୧୦* ରନ କରି ଦକ୍ଷିଣ ଆଫ୍ରିକା ଇନିଂସକୁ ୨୦୦ ଅତିକ୍ରମ କରାଇଥିଲେ। ଶେଷରେ ଲୁନ୍‌ଗି ଏନ୍‌ଗିଡ଼ିଙ୍କୁ ଏକ୍ସଟ୍ରା କଭର ଅଞ୍ଚଳରେ ରବିଚନ୍ଦ୍ରନ ଅଶ୍ୱିନଙ୍କ ହାତରେ କ୍ୟାଚ କରାଇ ବୁମ୍‌ରା ୫ ଉଇକେଟ ପୂରଣ ସହ ଦକ୍ଷିଣ ଆଫ୍ରିକା ଇନିଂସର ପରିସମାପ୍ତି ଘଟାଇଥିଲେ। ୧୬୬ ବଲ୍‌ ଖେଳିଥିବା ପିଟରସନ ୯ ଚୌକା ସହାୟତାରେ ସର୍ବାଧିକ ୭୨ ରନ ସ୍କୋର କରିଥିଲେ। ଭାରତ ପକ୍ଷରୁ ବୁମ୍‌ରା ନିଜ ୨୩.୩ ଓଭର ସ୍ପେଲ୍‌ରେ ୮ ମେଡେନ ନେବାସହ ୪୨ ରନ ଦେଇ ୫ ଉଇକେଟ ନେଇଥିବାବେଳେ ଉମେଶ ଯାଦବ ଓ ମହମ୍ମଦ ସାମିଙ୍କୁ ୨ଟି ଲେଖାଏ ଉଇକେଟ ମିଳିଥିଲା। ଶାର୍ଦ୍ଦୂଳ ଠାକୁର ଗୋଟିଏ ଉଇକେଟ ପାଇଥିଲେ।



ପାଞ୍ଚ ଉଇକେଟ ସଫଳତାରେ ଉଲ୍ଲସିତ ଭାରତର ଯଶପ୍ରୀତ୍‌ ବୁମ୍‌ରା।

**ତୃତୀୟ ଟେଷ୍ଟ**

**ଦକ୍ଷିଣ ଆଫ୍ରିକା ୨୧୦ରେ ଅଲ୍‌ଆଉଟ**

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୨୨୩ । ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୨୧୦/ଅଲଆଉଟ (କିଗାନ ପିଟରସନ-୭୨, ଟେମ୍ବା ବଭୁମା-୨୮, କେଶବ ମହାରାଜ-୨୫, ଭାନ୍‌ ଡର୍‌ ଡୁସେନ-୨୧, ଯଶପ୍ରୀତ୍‌ ବୁମ୍‌ରା-୫/୪୨, ଉମେଶ ଯାଦବ-୨/୬୪, ମହମ୍ମଦ ସାମି-୨/୩୯, ଶାର୍ଦ୍ଦୂଳ ଠାକୁର-୧/୩୭)। ଭାରତ ଦ୍ୱିତୀୟ ଇନିଂସ: ୫୭/୨( ବିରାଟ କୋହଲି-୧୪*, ଚେତେଶ୍ୱର ପୂଜାରା-୯*, ଲୋକେଶ ରାହୁଲ-୧୦, କାଗିଶୋ ରାବାଡ଼ା-୧/୨୫, ମାର୍କୋ ଜାନସେନ-୧/୭)।

# ଗିନିଜ ୱାର୍ଲ୍ଡ ରେକର୍ଡ ଲକ୍ଷ୍ୟରେ କମଳାକାନ୍ତ

ଭୁବନେଶ୍ୱର,୧୨।୧
(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଆ ଦିବ୍ୟାଙ୍ଗ ଆଥଲେଟ୍‌ କମଳାକାନ୍ତ ନାୟକ ଗିନିଜ ବୁକ୍‌ ଅଫ୍‌ ୱାର୍ଲ୍ଡ ରେକର୍ଡ ସୃଷ୍ଟି କରିବାକୁ ପ୍ରୟାସ କରିବେ। ମାନୁଆଲ ହ୍ୱିଲ ଚେୟାରରେ ସେ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ଦୂରତା ଅତିକ୍ରମ କରି ରେକର୍ଡ କରିବା ଲକ୍ଷ୍ୟରେ ରହିଛନ୍ତି। ପୁରୀ ଜିଲାର ୨୮ ବର୍ଷୀୟ କମଳାକାନ୍ତ ଆସନ୍ତା ୧୫ ତାରିଖ ଅପରାହ୍ନ ୩ଟାରେ ତାଙ୍କର ଏହି ଚ୍ୟାଲେଞ୍ଜ ପୂରଣ କରିବା ପାଇଁ ଅଭିଯାନ ଆରମ୍ଭ କରିବେ। ସେ ମାଷ୍ଟରକ୍ୟାଣ୍ଟିନ ଛକରୁ ରାଜମହଲ ଛକ ପର୍ଯ୍ୟନ୍ତ (ଆଗକୁ-ପଛକୁ ୬୮୦ ମିଟର ଭିତ୍ତିରେ) ସାଇକେଲ ଟ୍ରାକ୍‌ ପଏଣ୍ଟରେ ଯାତ୍ରା କରିବେ।

ବିଶ୍ୱ ରେକର୍ଡ ସ୍ଥାପନ କରିବାକୁ କମଳାକାନ୍ତଙ୍କୁ ଓଡ଼ିଶା ହ୍ୱିଲଚେୟାର ବାସ୍କେଟବଲ ଆସୋସିଏଶନ ଓ ତା'ର ଦଳ ବେଟରଲାଇଫ୍‌ ଫାଉଣ୍ଡେଶନ ସହାୟତା ପ୍ରଦାନ କରୁଛି। ଏହି ସଂସ୍ଥା ପୂରା ଦିବ୍ୟାଙ୍ଗ ସମାଜକୁ ଏକ ସକାରାତ୍ମକ ବାର୍ତ୍ତା 'ଲାଇଫ୍‌ ଇଜ୍‌ ପସିବୁଲ' ଦେବାକୁ ଚାହୁଁଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଓ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ ସ୍ୱତଃପ୍ରବୃତ୍ତ ଭାବେ ଏହି ଅଭିନବ ପ୍ରୟାସ ପାଇଁ କମଳାକାନ୍ତଙ୍କୁ ସାହାଯ୍ୟର ହାତ ବଢ଼ାଇଛି।

ମେରୁଦଣ୍ଡରେ ଆଘାତ ପାଇବା ପରେ କମଳାକାନ୍ତ ଅଣ୍ଟା ତଳକୁ ପକ୍ଷାଘାତର ଶିକାର ହୋଇଥିଲେ। ତେବେ ସେ ଏଥିରେ ହାର ମାନିଯାଇ ନ ଥିଲେ। ସେ ପ୍ରଥମେ ଜଣେ ମାରାଥନ ହେବାର ଅଭିଳାଷ ରଖିଥିଲେ ମଧ୍ୟ ଏହି କାରଣରୁ ତାଙ୍କ ସ୍ୱପ୍ନ ଧୂଳିସାତ୍‌ ହୋଇଥିଲା। କିନ୍ତୁ ସେ ହତୋତ୍ସାହ ହୋଇ ନ ଥିଲେ। ଓଲଟପୁରସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍‌ ରିହାବିଲିଟେଶନ ଟ୍ରେନିଂ ଓ ରିସର୍ଚ୍ଚରେ ପି.ପି. ମହାନ୍ତି ତାଙ୍କୁ ସହାୟତା ପ୍ରଦାନ କରିଥିଲେ। ଏହିଠାରେ ନୂଆ କରି ଜନ୍ମ ନେଇଥିଲେ ପାରା- ସ୍ପୋର୍ଟ୍ସ ପର୍ସନ କମଳାକାନ୍ତ। ଏହାପରଠାରୁ ସେ ପଛକୁ ଫେରି ଚାହିଁନାହାନ୍ତି ଓ ଗୋଟିଏ ପରେ ଗୋଟିଏ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି।

ଓଡ଼ିଶା ସରକାରଙ୍କ ସୋସିଆଲ ସିକ୍ୟୁରିଟି ଆଣ୍ଡ ଏମ୍‌ପାୱାରମେଣ୍ଟ ଅଫ୍‌ ପର୍ସନ୍ସ (ଏସ୍‌ଏସ୍‌ଇପିଡି) ବିଭାଗ ଦ୍ୱାରା କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଆବିଲିଟି ମାରାଥନରେ କମଳାକାନ୍ତ ପ୍ରଥମେ ଅଂଶଗ୍ରହଣ କରିଥିଲେ। ଏହାପରଠାରୁ ସେ ଦେଶର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ମାରାଥନରେ ଅଂଶଗ୍ରହଣ କରିଆସୁଛନ୍ତି। ସେ ଏକମାତ୍ର ଭାରତୀୟ ଭାବେ ୧୫ ଘଣ୍ଟା ମଧ୍ୟରେ ୧୩୯.୫୭ କି.ମି. ବିଶିଷ୍ଟ ହ୍ୱିଲଚେୟାର ଅଲଟ୍ରା ମାରାଥନକୁ ଅତିକ୍ରମ କରିଥିଲେ। ସେ ମଧ୍ୟ ୧୬ ଥର ହାଫ୍‌ ମାରାଥନ (୨୧ କି.ମି.) ରନର ରହିଛନ୍ତି। ସେ ୧୩ ଥର ଫୁଲ୍‌ ମାରାଥନ (୪୨ କି.ମି.) ରନର ଭାବେ ପ୍ରସିଦ୍ଧି ହାସଲ କରିଛନ୍ତି। ସେ ଓଡ଼ିଶା ହ୍ୱିଲଚେୟାର ବାସ୍କେଟବଲ ଦଳର ଅଧିନାୟକ ରହିଛନ୍ତି। ୨୦୨୦ରେ ସେ ହ୍ୱିଲଚେୟାରରେ ୪୨୦୦ କି.ମି. ଯାତ୍ରା କରିବାର ରେକର୍ଡ କରିଛନ୍ତି।

ସେ ମଧ୍ୟ ଜାତୀୟ ପାରା ଆଥଲେଟିକ ଚାମ୍ପିୟନଶିପ୍‌ ଓ ଜାତୀୟ ହ୍ୱିଲଚେୟାର ଫେନ୍ସିଂ ଚାମ୍ପିୟନଶିପ୍‌ରେ ଦୁଇଥର ଲେଖାଏ ଭାଗ ନେଇଛନ୍ତି। ସ୍ୱାଇନାଲ ଫାଉଣ୍ଡେଶନ ପ୍ରତିଷ୍ଠାତା ଏସ୍‌. ବୈଦନାଥନ ତାଙ୍କ ପ୍ରତିଭାକୁ ଚିହ୍ନି ପାରିଥିଲେ ଓ ତାଙ୍କୁ ଗିନିଜବୁକ ଅଫ୍‌ ୱାର୍ଲ୍ଡ ରେକର୍ଡ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ।



କମଳାକାନ୍ତ ନାୟକ




E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in

**SKY AUTOMOBILES**
BHUBANESWAR: 9776645711. CUTTACK: 9776677771, 7381873818. DHENKANAL: 9776900005. NARSHINGPUR: 9776900005. KAMAKHYANAGAR: 9776900005. JAJPUR: 9776900777. SALEPUR: 9583544555. CHANDIKHOL: 9583544555.

**ODYSSEY MOTORS**
ANGUL: 7752076136. 9776901481. PALLAHARA: 7873565435. 9437831123.

**TUSHI MOTORS**
CUTTACK: 9078076450.

**JYOTE MOTORS**
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950.

**NARAYANI MOTORS**
BHUBANESHWAR: 9583022019,9583022012, 9583022013. JAGATSINGHPUR: 9583022090. PURI: 9583022035. NIMAPARA: 7381093626. PARADEEP: 9583022034/48.

*Offer includes consumer offer, exchange bonus and institutional offer (wherever applicable) on selected models/ variants. Above mentioned savings amount is the value of maximum savings on selected models. Terms and conditions apply. Terms and conditions are subject to change without any prior notice. ##As certified by Test Agency Under Rule 115 (G) of CMVR 1989. ^Claim supported by independent research agency-JATO Dynamics Limited and is applicable in the petrol category. #Gold Voucher is applicable on select models/variants only. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st January, 2022.



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

পৃষ্ঠা–৮+৪

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୧୩/୨୦୨୨ (୮+୪=୧୨ ପୃଷ୍ଠା)
Bhubaneswar, Thursday, January 13/2022



**ପିଓକେ ଲଞ୍ଚପ୍ୟାଡ୍‌ରେ ୪୦୦ ଆତଙ୍କବାଦୀ**
ଭାରତରେ ଅନୁପ୍ରବେଶ ଲାଗି ପିଓକେର ବିଭିନ୍ନ ଲଞ୍ଚପ୍ୟାଡ୍‌ରେ ପ୍ରାୟ ୪୦୦ ଆତଙ୍କବାଦୀ ଅପେକ୍ଷାରେ ଥିବା ସ୍ଥଳସେନା ମୁଖ୍ୟ ଜେନେରାଲ ମନୋଜ ମୁକୁନ୍ଦ ନରୱଣେ କହିଛନ୍ତି। ୦୨

୦୪ **ଦୀପ୍‌ଗ୍ରେସ ଉପ ଅଧିନାୟିକା**
ମସ୍କାଟରେ ହେବାକୁ ଥିବା ଏସିଆ କପ୍ ମହିଳା ହକି ପାଇଁ ଓଡ଼ିଶାର ଦୀପ୍‌ଗ୍ରେସ ଏକ୍କାଙ୍କୁ ଭାରତୀୟ ଦଳର ଉପ ଅଧିନାୟିକା କରାଯାଇଛି।






ଆର୍ଟ ଭିଜନ ଡ୍ୟାନ୍ସ ଏକାଡେମୀର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ବୁଧବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଉଦ୍‌ଘାଟିତ ଓଡ଼ିଶୀନୃତ୍ୟ ମହୋତ୍ସବ 'ଏକ୍ସପ୍ଲୋରେଶନ୍ସ'ରେ ଶିଳ୍ପୀ ଉପାସନା ଓ ଅନ୍ୱେଷା ନୃତ୍ୟ ପରିବେଷଣ କରୁଛନ୍ତି।

# ଘୃଣା ମହାମାରୀ: ଶୀର୍ଷରେ ଭାଜପା

**ଏବେ ଆଉ ଏକ ନିର୍ବାଚନ ଋତୁ ଉପନୀତ। ୫ ରାଜ୍ୟ ବିଧାନସଭା ଭୋଟ ଯେତିକି ପାଖେଇ ଆସୁଛି ରାଜନେତାଙ୍କ ଘୃଣା ମନ୍ତବ୍ୟ ସେତିକି ବଢ଼ିବାରେ ଲାଗିଛି। ତେବେ କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା)ର ଦ୍ୱିତୀୟ ପାଳି ତୁଳନାରେ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର କ୍ଷମତାସୀନ ହେବା ପରଠାରୁ ଭିଆଇପି ନେତାଙ୍କ ଘୃଣା ମନ୍ତବ୍ୟ ୧,୧୩୦ ପ୍ରତିଶତ ବୃଦ୍ଧି ପାଇଛି। ଜାତୀୟସ୍ତରୀୟ ମିଡିଆ ହାଉସ୍ ଏନ୍‌ଡିଟିଭି ପକ୍ଷରୁ କରାଯାଇଥିବା ଏକ ବିଶ୍ଳେଷଣରୁ ଏହା ସ୍ପଷ୍ଟ ହୋଇଛି। ବିଶେଷକରି ବିଗତ ସାଢ଼େ ୩ ବର୍ଷରେ 'ଭିଆଇପି' ଘୃଣା ମନ୍ତବ୍ୟ ହାରାହାରିଠାରୁ ୧୬୦% ବୃଦ୍ଧି ଘଟିଛି। ଭାଜପା ୮୦%ରୁ ଅଧିକ ଘୃଣା ମହାମାରୀ ବିସ୍ତାର କରିଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।**

**ନୂଆଦିଲ୍ଲୀ,୧୨।୧**

ଏନ୍‌ଡିଟିଭିର 'ଭିଆଇପି' ହେଟ୍ ସ୍ପିଚ୍ ଟ୍ରାକର୍ ୨୦୦୯ରୁ ଘୃଣା ମନ୍ତବ୍ୟଗୁଡ଼ିକୁ ନେଇ ଅନୁକ୍ରମରେ ଲିପିବଦ୍ଧ କରିଆସିଛି। ରାଜନୈତିକ ଉଚ୍ଚ ପଦପଦବୀରେ ଥିବା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଏମ୍‌ପି, ବିଧାୟକ, ରାଜ୍ୟପାଳ ଓ ଦଳୀୟ ହାଇକମାଣ୍ଡ ସାମ୍ପ୍ରଦାୟିକ, ଜାତିଗତ ଅଥବା ହିଂସା ଉସୁକାଇବା ଉଦ୍ଦେଶ୍ୟରେ ମନ୍ତବ୍ୟ ଦେଇଥିବା ଏଥିରୁ ଜଣାପଡ଼ିଛି। କେତେକ ମନ୍ତବ୍ୟ ପ୍ରତ୍ୟକ୍ଷ ଭାବେ ସାମ୍ପ୍ରଦାୟିକ ହୋଇ ନ ଥିଲେ ହେଁ 'କୁକୁରକୁ ସିଟି ମାରିବା' ଭଳି ଏକ ସମ୍ପ୍ରଦାୟ ବା ଧର୍ମ ବିରୋଧରେ ପରୋକ୍ଷରେ ଉସୁକାଇଛି। ମହିଳାମାନଙ୍କ ପ୍ରତି ଆପତ୍ତିଜନକ ବା ଯୌନ ଉତ୍ପୀଡ଼ନ ସୂଚକ ମନ୍ତବ୍ୟକୁ ଏଥିରେ ସାମିଲ କରାଯାଇନାହିଁ। ଟ୍ରାକର ଦର୍ଶାଉଛି ଯେ, ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ଉପା ସରକାରର ଦ୍ୱିତୀୟ ପାଳି ଚାଲିଥିବାବେଳେ 'ଭିଆଇପି' ଘୃଣା ମନ୍ତବ୍ୟର ୧୯ ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା, ଯାହାକି ମାସକୁ ହାରାହାରି ୦.୩। କିନ୍ତୁ ୨୦୧୪ରେ ମୋଦି ସରକାର ଆସିବା ପରଠାରୁ ଏହା ୩୪୮ରେ ପହଞ୍ଚିଛି, ଯାହାକି ମାସକୁ ହାରାହାରି ୩.୭। ଅର୍ଥାତ୍ 'ଭିଆଇପି' ଘୃଣା ମନ୍ତବ୍ୟ ୧,୧୩୦% ବୃଦ୍ଧି ପାଇଛି।

ଉକ୍ତ ତାଲିକାରେ ବିଭିନ୍ନ ଦଳର ନେତାଙ୍କ ନାମ ଥିବାବେଳେ ଭାଜପା ଏଥିରେ ଶୀର୍ଷରେ ରହିଥିବା ତଥ୍ୟ ଦର୍ଶାଉଛି। ଭାଜପା ନେତାମାନେ ଏଭଳି ୨୯୭ ମନ୍ତବ୍ୟ ଦେଇଛନ୍ତି। କଂଗ୍ରେସ ନେତାମାନେ ୧୦ ଘୃଣା ମନ୍ତବ୍ୟ ଦେଇ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଆଗକୁ ଉତ୍ତର ପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, ଗୋଆ ଓ ମଣିପୁର ବିଧାନସଭା ନିର୍ବାଚନ ଥିବାରୁ କିଛି ମାସ ହେଲା ଏହି ଧାରା ଚିନ୍ତାଜନକ ଭାବେ ବଢ଼ିବାରେ ଲାଗିଛି। ଗତ ଅକ୍ଟୋବର ପରଠାରୁ ଭିଆଇପିଙ୍କ ହେଟ୍ ସ୍ପିଚ୍ ଦୃଷ୍ଟାନ୍ତ ୩୪ ଥର ଦେଖିବାକୁ ମିଳିଛି, ଯାହାକି ମାସକୁ ହାରାହାରି ପ୍ରାୟ ୧୦। ମୋଦିଙ୍କ ଶାସନରେ ହାରାହାରି ଘୃଣା ମନ୍ତବ୍ୟ ତୁଳନାରେ ୧୬୦%ରୁ ଅଧିକ।

ଉଦାହରଣ ସ୍ୱରୂପ ନିକଟରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ତେଲଙ୍ଗାନାର ଏକ ସଭାରେ କହିଥିଲେ, ଭାଜପା ସରକାର ଜମ୍ମୁ-କଶ୍ମୀରରେ ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ ଏବଂ ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ କରିବା ଭଳି ହାଇଦ୍ରାବାଦ ଏମ୍‌ପି ଅସାଦୁଦ୍ଦିନ୍ ଓୱାଇସିଙ୍କ ନାମ ଲିଭାଇଦେବ। ସେହି ସମୟ ବେଶି ଦିନ ନାହିଁ। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଗତ ନଭେମ୍ବରରେ ୟୁପିର ଏକ ସଭାରେ କହିଥିଲେ, ଭାଜପା ସରକାର 'ଜେଏଏମ୍' ଅର୍ଥାତ୍ ଜନଧନ ବ୍ୟାଙ୍କ ଆକାଉଣ୍ଟ, ଆଧାର କାର୍ଡ ଏବଂ ମୋବାଇଲ ଆଣିଛି। କିନ୍ତୁ ସମାଜବାଦୀ ପାର୍ଟିର 'ଜେଏଏମ୍' ହେଉଛି ଜିନ୍ନା, ଆଜମ୍ ଖାନ୍ ଓ ମୁଖ୍‌ତାର। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏସ୍‌ପି ସରକାର ଅମଳରେ ସରକାରୀ ଯୋଜନାର ସୁବିଧା ନେବା ପ୍ରସଙ୍ଗରେ ମୁସଲମାନ ସମ୍ପ୍ରଦାୟ ପ୍ରତି ନିଜ ବକ୍ତବ୍ୟରେ ଲଗାତର ଭାବେ 'ଅବ୍ବା ଜାନ୍' ଶବ୍ଦ ବ୍ୟବହାର କରିଥିଲେ। ଗତ ଡିସେମ୍ବରରେ ୟୁପିର ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ମୁସଲମାନ ସମୁଦାୟକୁ ଟାର୍ଗେଟ କରି କହିଥିଲେ, ଗୁଣ୍ଡାମାନେ ଲୁଙ୍ଗି ଓ ଟୋପି ପିନ୍ଧୁଥିଲେ। ୨୦୧୭ରେ ଭାଜପା ଆସିବା ପରେ ଏଭଳି ଗୁଣ୍ଡାଙ୍କୁ ଦେଖିବାକୁ ପାଉଛ କି ବୋଲି ଲୋକଙ୍କୁ ପ୍ରଶ୍ନ କରିଥିଲେ। କର୍ନାଟକରେ ଭାଜପାର ଯୁବନେତା ତେଜସ୍ୱୀ ସୂର୍ଯ୍ୟା ଡିସେମ୍ବରରେ କହିଥିଲେ, ପାକିସ୍ତାନରୁ ଆସିଥିବା ମୁସଲମାନମାନଙ୍କ ଧର୍ମ ପରିବର୍ତ୍ତନ କରି ସେମାନଙ୍କୁ ହିନ୍ଦୁ କରାଯିବା ଉଚିତ। ଏହାକୁ ନେଇ ବିବାଦ ହେବା ପରେ ସେ ନିଜ ମନ୍ତବ୍ୟ ଫେରାଇ ନେଇଥିଲେ।



ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ

ଏହି ରିପୋର୍ଟ ଏଭଳି ସମୟରେ ପ୍ରକାଶ ପାଇଛି, ଯେତେବେଳେ କି ହରିଦ୍ୱାର ଧର୍ମ ସଂସଦରେ ମୁସଲମାନ ସମ୍ପ୍ରଦାୟର ଲୋକଙ୍କ ଗଣହତ୍ୟା ଉପରେ ଧର୍ମୀୟ ନେତାମାନେ ମନ୍ତବ୍ୟ ଦେବା ଅଭିଯୋଗରେ ବୁଧବାର ସୁପ୍ରିମକୋର୍ଟ ଭାଜପା ଶାସନାଧୀନ ଉତ୍ତରାଖଣ୍ଡ ସରକାରଙ୍କୁ ନୋଟିସ କରିଛନ୍ତି। ଘୃଣା ମନ୍ତବ୍ୟ ଦିଆଯିବାକୁ ୩ ମାସ ବିତିଲାଣି କିନ୍ତୁ ଜଣଙ୍କୁ ମଧ୍ୟ ଗିରଫ କରାଯାଇନାହିଁ। ଭାରତୀୟ ଆଇନ ଅନୁସାରେ ଘୃଣା ମନ୍ତବ୍ୟ ଏକ ଦଣ୍ଡନୀୟ ଅପରାଧ, ଯହିଁରେ ଦୋଷୀଙ୍କୁ ୩ ବର୍ଷ ଜେଲ ସହ ଜରିମାନା ଆଦେଶର ଦଣ୍ଡବିଧାନ ରହିଛି। କିନ୍ତୁ କ୍ଷମତାରେ ଥିବା ନେତାମାନେ ବିଷ ଓକାଳୁଥିବାବେଳେ କ୍ୱଚିତ ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୁଅନ୍ତି। ଏପରି କି ସେମାନଙ୍କ ଦଳ ମଧ୍ୟ ତାଗିଦ୍ କରିବା ଜରୁରୀ ମନେକରି ନ ଥାଏ।

## ତଦନ୍ତ କରିବ ଇନ୍ଦୁ ମାଲ୍‌ହୋତ୍ରାଙ୍କ କମିଟି

**ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ତ୍ରୁଟି**



**ନୂଆଦିଲ୍ଲୀ,୧୨।୧(ପି.ଟି.):** ପଞ୍ଜାବ ଗସ୍ତ ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁରକ୍ଷାରେ ତ୍ରୁଟି ଅଭିଯୋଗର ତଦନ୍ତ ଲାଗି ସୁପ୍ରିମକୋର୍ଟ ଏକ ୫ ଜଣିଆ କମିଟି ଗଠନ କରିଛନ୍ତି। ସର୍ବୋଚ୍ଚ ଅଦାଲତର ପୂର୍ବତନ ବିଚାରପତି ଜଷ୍ଟିସ ଇନ୍ଦୁ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ତତ୍ତ୍ୱାବଧାନରେ ତଦନ୍ତ ହେବ ବୋଲି ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଖଣ୍ଡପୀଠ କହିଛନ୍ତି। କମିଟିରେ ଜାତୀୟ ତଦନ୍ତ ସଂସ୍ଥା (ଏନ୍‌ଆଇଏ)ର ଆଇଜି, ଚଣ୍ଡିଗଡ଼ ପୋଲିସ ଡିଜି, ପଞ୍ଜାବ ହରିୟାଣା ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲ ଏବଂ ପଞ୍ଜାବ ଅତିରିକ୍ତ ଡିଜିପି (ସୁରକ୍ଷା) ସଦସ୍ୟ ରହିଛନ୍ତି। ଗତ ୫ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ପଞ୍ଜାବ ଗସ୍ତ ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ସୁରକ୍ଷା ସମ୍ପର୍କିତ ସମସ୍ତ ଦସ୍ତାବିଜ୍ କମିଟିକୁ ହସ୍ତାନ୍ତର ଲାଗି ସର୍ବୋଚ୍ଚ ଅଦାଲତ ପଞ୍ଜାବ ହରିୟାଣା ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ତ୍ରୁଟି ପାଇଁ କେଉଁମାନେ ଦାୟୀ ଏବଂ କ'ଣ ପଦକ୍ଷେପ ନେବାର ଆବଶ୍ୟକତା ଥିଲା ତାହା କମିଟି ତଦନ୍ତ କରି ଜଣାଇବେ। ଭବିଷ୍ୟତରେ ଯେପରି ଏଭଳି ଘଟଣା ନ ଘଟେ ସେଥିପାଇଁ ସୁରକ୍ଷା ସମ୍ପର୍କିତ ସାମ୍ବିଧାନିକ କର୍ତ୍ତୃପକ୍ଷଙ୍କୁ କମିଟି ପରାମର୍ଶ ଦେବେ।

## ଆଜିଠୁ ହାଇକୋର୍ଟ ୫ ଦିନ ବନ୍ଦ

**କଟକ ଅଫିସ,୧୨।୧:** କରୋନା ସଂକ୍ରମଣ ବଢୁଥିବାରୁ ଗୁରୁବାରଠାରୁ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ୫ ଦିନ ହାଇକୋର୍ଟ ସମ୍ପୂର୍ଣ୍ଣ ବନ୍ଦ ରହିବ। ଗୁରୁବାର ହେବାକୁ ଥିବା କାର୍ଯ୍ୟ ଆସନ୍ତା ୧୮ ତାରିଖ ଅପରାହ୍ନ ୨ଟାରେ ଭର୍ଚୁଆଲ ମୋଡ୍‌ରେ ହେବ। ତେବେ ହାଇକୋର୍ଟର ସମସ୍ତ କାର୍ଯ୍ୟ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ହେବ ବୋଲି ହାଇକୋର୍ଟ ରେଜିଷ୍ଟ୍ରାର(ଜୁଡିସିଆଲ) ଏସ୍.କେ. ମିଶ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି।

# ୨ ଘଣ୍ଟାରେ ଧରାପଡ଼ିଲେ ଡକାୟତ

**ଢେଙ୍କାନାଳ ଅଫିସ/ ରାସୋଲ(ଡି.ଏନ୍.ଏ.), ୧୨।୧**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ରାସୋଳ ବଜାର ନିକଟରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ବୁଧବାର ଅପରାହ୍ନରେ ସଂଗଠିତ ସଶସ୍ତ୍ର ଡକାୟତି ଘଟଣାରେ ସମ୍ପୃକ୍ତ ଡକାୟତ ମାତ୍ର ୨ ଘଣ୍ଟାରେ ଧରାପଡ଼ିଛନ୍ତି। ଅପରାହ୍ନ ପ୍ରାୟ ୩ଟାରୁ ୩ଟା ୧୫ ମଧ୍ୟରେ ଦୁର୍ବୃତ୍ତମାନେ ବ୍ୟାଙ୍କ ଲକର ଓ ଡ୍ରୟାରରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଏବଂ ଟଙ୍କା ନେଇ ଚମ୍ପଟ ମାରିଥିଲେ। ସନ୍ଧ୍ୟା ପ୍ରାୟ ସାଢ଼େ ୫ଟା ବେଳକୁ ଗୋବିନ୍ଦପୁର ଫାଣ୍ଡି ଅନ୍ତର୍ଗତ ୫୫ନଂ. ଜାତୀୟ ରାଜପଥ ଦେଇ ଫେରାର ହୋଇଯାଉଥିବାବେଳେ ଘଟଣାରେ ସମ୍ପୃକ୍ତ ୫ ଅଭିଯୁକ୍ତଙ୍କୁ ସଦର ଥାନାଧିକାରୀ ଅଭିନବ ଡାଲୁଆ, ଗୋବିନ୍ଦପୁର ଫାଣ୍ଡି ଅଧିକାରୀ ବବିତା ଦେହୁରୀ ଚଢ଼ାଉ କରି ଧରିବାରେ ସଫଳ ହୋଇଛନ୍ତି। ସେମାନଙ୍କ ନିକଟରୁ ୨ଟି ବାଇକ୍ ଏବଂ ଗୋଟିଏ ଭଡ଼ା କାର୍ ଜବତ ହୋଇଛି। ଉକ୍ତ କାର୍‌ରୁ ବ୍ୟାଙ୍କରୁ ଲୁଟ୍ ହୋଇଥିବା ଟଙ୍କା, ସୁନା ମିଳିଛି। ଅଭିଯୁକ୍ତମାନେ ଟଙ୍କାସୁନା ହେରଫେର କରିଛନ୍ତି କି ନାହିଁ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଗୋବିନ୍ଦପୁର ଫାଣ୍ଡିରେ ଏସ୍‌ପି ଲୋଗାନୟାଗି ଦିବ୍ୟା ଭି, ସଦର ଏସ୍‌ଡିପିଓ ବିକାଶ ବେଉରା, ହିନ୍ଦୋଳ ଏସ୍‌ଡିପିଓ ମଳୟ ନାୟକ ଅଭିଯୁକ୍ତଙ୍କୁ ଜେରା କରୁଛନ୍ତି। ବ୍ୟାଙ୍କ ମ୍ୟାନେଜର ମୋନିକା ଓରାମ୍ ଏବଂ କ୍ୟାଶିୟର ରୋଶନ କୁମାରଙ୍କ ସମେତ ଅନ୍ୟ ପଦାଧିକାରୀ ଫାଣ୍ଡିରେ ପହଞ୍ଚି ଟଙ୍କାସୁନା ଯାଞ୍ଚ କରିଛନ୍ତି।

ବ୍ୟାଙ୍କ ମ୍ୟାନେଜରଙ୍କ କହିବା କଥା, ମଧ୍ୟାହ୍ନରେ ଝିପିଝିପି ବର୍ଷା ହେଉଥିବାରୁ କେହି ଗ୍ରାହକ ନ ଥିଲେ। ଅପରାହ୍ନ ପାଖାପାଖି ୨ଟା ୪୦ ବେଳକୁ ୨ଜଣ ଟଙ୍କା ଜମା କରିବାକୁ ଆସିଥିଲେ। ଉଭୟେ କାମ ସାରି ବାହାରିଯିବା ପରେ ୩ଟାରେ ହଠାତ୍ ୪ଜଣ ମୁଖାଧାରୀ ବ୍ୟାଙ୍କ ଭିତରକୁ ପଶିଆସିଥିଲେ। ସେମାନେ ଶଟର ବନ୍ଦ କରିଦେଇ ଉପସ୍ଥିତ କର୍ମଚାରୀଙ୍କୁ ଭୁଜାଲି ଦେଖାଇ ନିସ୍ତୁକ ମାଡ଼ ମାରି ଷ୍ଟ୍ରଙ୍ଗ୍‌ରୁମ୍‌ରେ ସମସ୍ତଙ୍କୁ ବନ୍ଦ କରିଦେଇଥିଲେ। କ୍ୟାଶିୟରଙ୍କ ବେକକୁ ଭୁଜାଲିରେ ଆକ୍ରମଣ କରି ଚାବି ଛଡ଼ାଇ ନେଇ ସୁନାଅଳଙ୍କାର ଏବଂ ଟଙ୍କା ନେଇ ଚମ୍ପଟ ମାରିଥିଲେ। ଉକ୍ତ ରାସ୍ତାରେ ଯାଉଥିବା ଏସ୍‌ଡିପିଓ ମଳୟ ନାୟକ ସାଇରନ୍ ଶବ୍ଦ ଶୁଣି ଅଘଟଣ ଆଶଙ୍କାରେ ବ୍ୟାଙ୍କକୁ ଆସିଥିଲେ ଏବଂ ଷ୍ଟ୍ରଙ୍ଗ୍ ରୁମ୍‌ରେ ବନ୍ଦ କର୍ମଚାରୀଙ୍କୁ ଉଦ୍ଧାର କରି ଚିକିତ୍ସା କରାଇଥିଲେ। ସୂଚନା ପାଇ ଅତିରିକ୍ତ ଏସ୍‌ପି ଶିଶୁରଞ୍ଜନ ମହାପାତ୍ର, ରିଜିଓନାଲ ମ୍ୟାନେଜର ଆଶିଷ ରଞ୍ଜନ ନାୟକଙ୍କ ସମେତ ଅନ୍ୟ ପଦସ୍ଥ ଅଧିକାରୀ ପହଞ୍ଚି ତଦନ୍ତ କରିଛନ୍ତି। ସନ୍ଧ୍ୟାରେ ଥାନାରେ ଏତଲା ଦିଆଯାଇଛି। ଭୁଜାଲି ଆକ୍ରମଣରେ କ୍ୟାଶିୟର, ମହିଳା କର୍ମଚାରୀ ମୋନାଲିସା ସାହୁ ଆହତ ହୋଇଛନ୍ତି। ଏକ ଲୁଗା ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ୍‌ରୁ ୨ଟି ବୁଲେଟ୍‌ରେ ଦୁର୍ବୃତ୍ତମାନେ ଆସିଥିବା ସ୍ପଷ୍ଟ ହୋଇଥିଲା। ଏହାପରେ ଜିଲା ପୋଲିସକୁ ଆଲର୍ଟ କରି ଦିଆଯାଇଥିଲା। ୫୫ନଂ. ଜାତୀୟ ରାଜପଥରେ ନାକାବନ୍ଦୀ ଚାଲିଥିବାବେଳେ ଏକ କାର୍‌ରେ ଆସୁଥିବା ୪ ଅଭିଯୁକ୍ତଙ୍କୁ ସନ୍ଦେହରେ ପୋଲିସ ଅଟକାଇଥିଲା। ୩ ଅଭିଯୁକ୍ତ ଡେଇଁ ପଳାଇଥିବା ବେଳେ ଅନ୍ୟ ଜଣେ ଧରାପଡ଼ିଥିଲେ। ତାଙ୍କ ସୂଚନା ଆଧାରରେ ଅନ୍ୟ ୪ ଜଣଙ୍କୁ ପୋଲିସ ଉଠାଇ ଆଣିଛି।




ଡକାୟତି ପରେ ବ୍ୟାଙ୍କରେ ଭୟର ବାତାବରଣ।

- **ରାସୋଳ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ସଶସ୍ତ୍ର ଡକାୟତି**
- **ଲୁଟି ନେଇଥିଲେ କୋଟିଏ ଟଙ୍କାର ସୁନାଗହଣା, ଟଙ୍କା**

## ଆଜି ୧୪ ଜିଲାକୁ କୁଆପଥର ବର୍ଷା

**ଭୁବନେଶ୍ୱର, ୧୨।୧(ବ୍ୟୁରୋ)**

ପଶ୍ଚିମା ଝଡ଼ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଏଥିସହ କୁଆପଥର ମାଡ଼ ହେଉଛି। ୧୫ ତାରିଖ ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆକଳନ କରିଛି। ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କନ୍ଧମାଳ, ବଲାଙ୍ଗୀର ଓ ନବରଙ୍ଗପୁରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ସେହିପରି ଆଭ୍ୟନ୍ତରୀଣ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାର ଅଧିକାଂଶ ସ୍ଥାନ ଏବଂ ଉତ୍ତର ଓଡ଼ିଶା ଉପକୂଳରେ କିଛି ସ୍ଥାନରେ ମଧ୍ୟମ ଧରଣର ବର୍ଷା ହୋଇଛି। ମଙ୍ଗଳବାର ରାତିରୁ ବୁଧବାର ସକାଳ ସାଢ଼େ ୮ ଭିତରେ କନ୍ଧମାଳର ଜି ଉଦୟଗିରିରେ ସର୍ବାଧିକ ୭୨.୪ମିମି ବର୍ଷା ରେକର୍ଡ କରାଯାଇଛି। ଗୁରୁବାର କନ୍ଧମାଳ, ବୌଦ୍ଧ, ନୟାଗଡ଼, କଳାହାଣ୍ଡି, ରାୟଗଡ଼ା, ଗଞ୍ଜାମ ଆଦି ୬ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏଥିସହିତ କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ସୋନପୁର, ଅନୁଗୋଳ, ଢେଙ୍କାନାଳ, ବଲାଙ୍ଗୀର, ନୂଆପଡ଼ା, ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ନୟାଗଡ଼, କଟକ ଓ ଗଞ୍ଜାମ ଆଦି ୧୪ ଜିଲାରେ କୁଆପଥର ବର୍ଷା ହେବାର ଆଶଙ୍କା ରହିଛି। ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି।



ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆ ସମ୍ମୁଖ ରାସ୍ତାରେ ବୁଧବାର ବର୍ଷା ସମୟର ଦୃଶ୍ୟ।

## ରକେଟ ବୈଜ୍ଞାନିକ ସୋମନାଥ ଇସ୍ରୋର ନୂଆ ଅଧ୍ୟକ୍ଷ

ବେଙ୍ଗାଲୁରୁ,୧୨।୧: ବରିଷ୍ଠ ରକେଟ ବୈଜ୍ଞାନିକ ଏସ୍. ସୋମନାଥଙ୍କୁ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର ଦଶମ ଅଧ୍ୟକ୍ଷ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ସେ ମହାକାଶ ବିଭାଗର ସଚିବ ଭାବେ ମଧ୍ୟ କାର୍ଯ୍ୟ କରିବେ। ବର୍ତ୍ତମାନର ଇସ୍ରୋ ଅଧ୍ୟକ୍ଷ କେ. ସିବନଙ୍କ ବର୍ଦ୍ଧିତ କାର୍ଯ୍ୟକାଳ ଆସନ୍ତା ୧୪ରେ ଶେଷ ହେଉଛି। ତାଙ୍କ ସ୍ଥାନରେ ବର୍ତ୍ତମାନର ବିକ୍ରମ ସରାଭାଇ ସ୍ପେସ୍ ସେଣ୍ଟର (ଭିଏସ୍‌ଏସ୍‌ଏସି) ନିର୍ଦ୍ଦେଶକ ସୋମନାଥ ଦାୟିତ୍ୱ ଗ୍ରହଣ କରିବେ। ଭାରତର ମହାକାଶ କାର୍ଯ୍ୟକ୍ରମ ବଢ଼ାଇବା ତାଙ୍କର ଲକ୍ଷ୍ୟ। ସେଥିପାଇଁ ସେ ଭାରତରେ ମହାକାଶ ଉଦ୍ୟୋଗ ସ୍ଥାପନ ଉପରେ ଗୁରୁତ୍ୱ ଦେଇଛନ୍ତି, ଯେଉଁଥିରେ ମହାକାଶ ବିଭାଗ, ଇସ୍ରୋ, ଆଇଏନ୍-ସ୍ପେସ୍, ଷ୍ଟାର୍ଟଅପ୍ ଏବଂ ଶିଳ୍ପସଂସ୍ଥା ସମେତ ସମସ୍ତ ଷ୍ଟେକ୍ ହୋଲ୍ଡର ଭାଗନେଇପାରିବେ। ଭିଏସ୍‌ଏସ୍‌ସି ନିର୍ଦ୍ଦେଶକ ହେବା ପୂର୍ବରୁ ସୋମନାଥ ଲିକ୍ୱିଡ୍ ପ୍ରପଲଶନ ସିଷ୍ଟମ୍ସ ସେଣ୍ଟରର ନିର୍ଦ୍ଦେଶକ ଥିଲେ। ଚନ୍ଦ୍ରୟାନ-୨ର ଲ୍ୟାଣ୍ଡର ଇଞ୍ଜିନ୍ ଏବଂ ଜିସାଟ୍-୯ର ଇଲେକ୍ଟ୍ରିକ୍ ପ୍ରପଲ୍‌ଶନ ସିଷ୍ଟମ ପ୍ରସ୍ତୁତିରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା।



ଏସ୍. ସୋମନାଥ

# ୨୦ ମିନିଟ୍ ବାୟୁରେ କରୋନା ଦୁର୍ବଳ

**ନୂଆଦିଲ୍ଲୀ,୧୨।୧**

କରୋନା ଭୂତାଣୁ ବାୟୁରେ ୨୦ ମିନିଟ ରହିବା ପରେ ଏହା ୯୦ ପ୍ରତିଶତ ସଂକ୍ରମଣ କ୍ଷମତା ହରାଇଥାଏ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। ନିଃଶ୍ୱାସରେ ଛଡ଼ାଯାଉଥିବା ବାୟୁରେ ଭୂତାଣୁ କେତେ ସମୟ ତିଷ୍ଠି ରହେ ତାହା ଆକଳନ କରିବା ଲାଗି ବ୍ରିଷ୍ଟୋଲ୍‌ର ଏରୋସୋଲ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଏହି ଅଧ୍ୟୟନ କରାଯାଇଥିଲା। ବାୟୁମଣ୍ଡଳକୁ ଯିବାର ପ୍ରଥମ ୫ ମିନିଟ ମଧ୍ୟରେ ଭୂତାଣୁ ଏହାର ଅଧିକାଂଶ ସଂକ୍ରମଣ କ୍ଷମତା ହରାଇଥାଏ। ଜଣେ ସଂକ୍ରମିତଙ୍କ ଶରୀରରୁ ନିଃଶ୍ୱାସ ବାୟୁ ଦ୍ୱାରା ଏହା ବାହାରକୁ ଆସିବା ପରେ ଖୁବ୍ କମ୍ ସମୟ ପାଇଁ ସକ୍ରିୟ ରହୁଥିବାରୁ ଏଥିରୁ ରକ୍ଷା ପାଇବା ପାଇଁ ସାମାଜିକ ଦୂରତ୍ୱ ରକ୍ଷା କରିବା ଏବଂ ମାସ୍କ ପରିଧାନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି।

ବାୟୁ ଚଳାଚଳ ଯୋଗୁ ଭୂତାଣୁ ସଂକ୍ରମଣ ଆଶଙ୍କା କରି ଲୋକେ କମ୍ ଭେଣ୍ଟିଲେଶନ ହେଉଥିବା ଘର ଉପରେ ଗୁରୁତ୍ୱ ଦେଇଥାନ୍ତି। ଏହା ଭୁଲ୍ ଧାରଣା। ତେବେ ଲୋକଙ୍କ ନିକଟତର ହେବା ସଂକ୍ରମଣ ଆଶଙ୍କା ବଢ଼ାଇଥାଏ ବୋଲି ଏରୋସୋଲ ରିସର୍ଚ୍ଚ ସେଣ୍ଟରର ନିର୍ଦ୍ଦେଶକ ପ୍ରଫେସର ଜୋନାଥନ ରେଇଡ୍ କହିଛନ୍ତି। ତେଣୁ ଲୋକଙ୍କଠାରୁ ଯେତେ ଦୂରେଇ ରହିବ ସେତେ ସୁରକ୍ଷିତ ରହିବ ବୋଲି ସେ ପରାମର୍ଶ ଦେଇଛନ୍ତି। ଭୂତାଣୁର ପ୍ରକୃତରେ କେତେ ସମୟ ବାୟୁରେ ସକ୍ରିୟ ରହୁଛି, ତାହା ଜାଣିବା ଲାଗି ବ୍ରିଷ୍ଟୋଲ ବିଶ୍ୱବିଦ୍ୟାଳୟର ଜୈବବିଜ୍ଞାନୀମାନେ ଏକ ମେକାନିଜିମ୍ ପ୍ରସ୍ତୁତ କରିଥିଲେ। ଅଧ୍ୟୟନରୁ ଜଣାପଡ଼ିଥିଲା ଭୂତାଣୁ କଣିକାଗୁଡ଼ିକ ଫୁସ୍‌ଫୁସ୍‌ର ଉଷ୍ମ ଆର୍ଦ୍ର ଓ ଅଙ୍ଗାରକାମ୍ଳ ପରିବେଶରେ ରହିଥାନ୍ତି। ନିଃଶ୍ୱାସ ବାୟୁରେ ସେମାନେ ବାହାରକୁ ଆସିବା ପରେ ବାୟୁମଣ୍ଡଳରେ ଶୀଘ୍ର ଆର୍ଦ୍ରତା ହରାଇଥାନ୍ତି ଓ ଅଧିକ ଅମ୍ଳଜାନ ସଂସ୍ପର୍ଶରେ ଆସିଥାନ୍ତି। ଆର୍ଦ୍ରତା ହରାଇବା ଯୋଗୁ ଏହା ମାନବ କୋଷରେ ସଂକ୍ରମଣ କରିବା କ୍ଷମତା ହରାଇଥାଏ ବୋଲି ବୈଜ୍ଞାନିକମାନେ କହିଛନ୍ତି।



# ଋଣ ଜାଲରେ ଶ୍ରୀଲଙ୍କା

‘ଦେଶ ସମ୍ପୂର୍ଣ୍ଣ ଦେବାଳିଆ ହୋଇଯିବା ଲୋକଙ୍କୁ ଭୟଭୀତ କରିବାକୁ ଉଦ୍ଦେଶ୍ୟ ନାହିଁ। କିନ୍ତୁ ଏଭଳି ଆର୍ଥିକ ସଙ୍କଟ ଜାରି ରହିଲେ ଆମଦାନୀ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ। ଆଇଟି ସିଷ୍ଟମ ଠପ୍ ହୋଇଯିବ। ଏପରି କି ଗୁଗଲ ମ୍ୟାପ୍ ବ୍ୟବହାର କରିବା ସମ୍ଭବ ହେବନାହିଁ। କାରଣ ଏଥିପାଇଁ ଅର୍ଥ ଖର୍ଚ୍ଚ କରିବା ସ୍ଥିତିରେ ମଧ୍ୟ ରହିବୁ ନାହିଁ’। ଏହା ହେଉଛି ଶ୍ରୀଲଙ୍କାର ବିରୋଧୀ ଦଳ ନେତା ତଥା ଅର୍ଥନୀତିଜ୍ଞ ହର୍ଷ ଡେ ସିଲ୍‌ଭା ପାର୍ଲାମେଣ୍ଟ ଅଧିବେଶନରେ ଦେଇଥିବା ବିବୃତିର କିଛି ଅଂଶ। ଶ୍ରୀଲଙ୍କାରେ ଦେଖାଦେଇଥିବା ମୁଦ୍ରାସ୍ଫୀତି ତଥା ଆର୍ଥିକ ସଙ୍କଟ କେତେ ଗମ୍ଭୀର ତାହା ତାଙ୍କ ମନ୍ତବ୍ୟରୁ ସ୍ପଷ୍ଟ ଅନୁମେୟ। ରାଜନୈତିକ ଦୁର୍ନୀତି ସହ ଋଣଜାଲରେ ଫସିଥିବା ଶ୍ରୀଲଙ୍କା ଚଳିତ ବର୍ଷ ଦେବାଳିଆ ହେବାର ଦ୍ୱାରଦେଶରେ ରହିଛି। ଆଗାମୀ ଦିନରେ ସେଠାରେ ମାନବୀୟ ସଙ୍କଟ ଗମ୍ଭୀର ହୋଇପାରେ ବୋଲି ଆଶଙ୍କା ଦେଖାଦେଇଛି।



ଶି ଜିନ୍‌ପିଙ୍ଗ୍ | ଗୋଟାବାୟା ରାଜପାକ୍ସେ

**କଲମ୍ବୋ, ୧୨।୧**

ଶ୍ରୀଲଙ୍କାରେ ଗମ୍ଭୀର ହୋଇଛି ଆର୍ଥିକ ସଙ୍କଟ। କିଛି ମାସ ହେଲା ଦେଶରେ ଦରଦାମ୍ ଦ୍ରୁତଗତିରେ ବଢ଼ି ଚାଲିଥିଲେ ହେଁ ତାହାକୁ ନିୟନ୍ତ୍ରଣ କରିବାରେ ସରକାର ବିଫଳ ହୋଇଛନ୍ତି। ଆକାଶ ଛୁଆଁ ହୋଇଛି ଖାଦ୍ୟ ସାମଗ୍ରୀ ଦର। ଲୋକଙ୍କୁ ଲଙ୍କା କିଲୋ ୭ ଶହ, ଆଳୁ କିଲୋ ୨ ଶହ ଟଙ୍କାରେ କିଣିବାକୁ ପଡୁଛି। ଆଗାମୀ ୨ ମାସ ଭିତରେ ଦେଶରେ ଖାଦ୍ୟ ସଙ୍କଟ ସ୍ଥିତି ଉପୁଜିବ ବୋଲି କୃଷିବିତ୍‌ମାନେ ଚେତାଇଛନ୍ତି। ଦେଶ ଚଳାଇବାକୁ ବଜେଟ ନିଅଣ୍ଟ ପଡୁଥିବାବେଳେ ବୋଝ ଉପରେ ନଳିତା ବିଡ଼ା ହୋଇଛି ଋଣ। ଏଥିରୁ ମୁକୁଳିବାକୁ ସରକାର ଅଧିକରୁ ଅଧିକ ମୁଦ୍ରା ଛାପିବାରେ ଲାଗିଛନ୍ତି। ସେପଟେ ମୁଦ୍ରାସ୍ଫୀତି ଯୋଗୁ ଶ୍ରୀଲଙ୍କା ମୁଦ୍ରା ମୂଲ୍ୟ ହ୍ରାସ ପାଉଛି। ପ୍ରାୟ ୧୦ ବର୍ଷ ହେଲାଣି ଦେଶରେ ଅର୍ଥ ଏବଂ ବାଣିଜ୍ୟ କାରବାରର ଅଭାବ ଲାଗି ରହିଛି। ପର୍ଯ୍ୟଟନ ଶିଳ୍ପ ଉପରେ ଦେଶର ୫ ଲକ୍ଷ ଲୋକ ସିଧାସଳଖ ନିର୍ଭର କରୁଥିବାବେଳେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ପରୋକ୍ଷ ଭାବେ ଏଥିରୁ ଉପକୃତ ହୋଇଥାନ୍ତି। ହେଲେ କରୋନା ଯୋଗୁ ଏହି ସେକ୍ଟର ଗମ୍ଭୀର ଭାବେ ପ୍ରଭାବିତ ହୋଇଛି। ଏଥିଯୋଗୁ ଦେଶର ପ୍ରମୁଖ ଆୟ ଉତ୍ସ ଏକ ପ୍ରକାର ବନ୍ଦ ହୋଇଯାଇଛି। ଫଳରେ ଦେଶ ଚଳାଇବା ପାଇଁ ଶ୍ରୀଲଙ୍କା ଚାଇନା ସମେତ ବିଭିନ୍ନ ଦେଶରୁ ଋଣ ଆଣିବା ଜାରି ରଖିଛି। ୨୦୧୪ ପରଠାରୁ ଏହା ଉପରେ ବିଦେଶୀ ଋଣ ହାର ବଢ଼ି ଚାଲିଛି। ଏ ପର୍ଯ୍ୟନ୍ତ ଶ୍ରୀଲଙ୍କା କରିଥିବା ଋଣ ଜିଡିପିର ପ୍ରାୟ ଅର୍ଦ୍ଧାଧିକ ଭାଗ ହୋଇଥିବାରୁ ତାହାକୁ ଶୁଝିବା ଏବେ କାଠିକର ପାଠ ହୋଇଛି। ଫଳରେ ୨୦୨୨ରେ ହିଁ ଦେଶ ସମ୍ପୂର୍ଣ୍ଣ ଦେବାଳିଆ ହୋଇଯାଇପାରେ ବୋଲି ଅର୍ଥନୀତିଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି।

- ■ଦେଶରେ ଗମ୍ଭୀର ଆର୍ଥିକ ସଙ୍କଟ
- ■ବର୍ଷକରେ ଶୁଝିବାକୁ ହେବ ୫୪ ହଜାର କୋଟି ଟଙ୍କା
- ■୩୭ ହଜାର କୋଟି ଚାଇନା ନେବ

ବିଭିନ୍ନ ଦେଶକୁ ଋଣ ଜାଲରେ ଫସାଇ ନିଜର ସ୍ୱାର୍ଥ ହାସଲ ନିମନ୍ତେ ଚାଇନା କରୁଥିବା ଫାନ୍ଦରେ ଫସିଛି ଶ୍ରୀଲଙ୍କା। କୌଣସି ଦେଶ ଋଣ ଶୁଝି ନ ପାରିଲେ ସେଠାରେ ଆଧିପତ୍ୟ ବିସ୍ତାର କରି ଚାଇନା ନିଜ ମନ୍ଦ ଉଦ୍ଦେଶ୍ୟ ସାଧିତ କରିବାକୁ ଚକ୍ରାନ୍ତ କରୁଥିବାବେଳେ ଏବେ ଏଥିରେ ଶ୍ରୀଲଙ୍କାର ପାଳି ପଡ଼ିଛି। ରିପୋର୍ଟ ଅନୁସାରେ, ଗତ ନଭେମ୍ବର ସୁଦ୍ଧା ଶ୍ରୀଲଙ୍କାରେ ବିଦେଶୀ ମୁଦ୍ରାଭଣ୍ଡାର ମାତ୍ର ୧.୬ ବିଲିୟନ ଡଲାର (ପ୍ରାୟ ୧୨ ହଜାର କୋଟି ଟଙ୍କା) ରହିଥିଲା। କିନ୍ତୁ ଦେଶକୁ ଆସନ୍ତା ୧୨ ମାସ ଭିତରେ ୭.୩ ବିଲିୟନ ଡଲାର (ପ୍ରାୟ ୫୪ ହଜାର କୋଟି ଟଙ୍କା) ଋଣ ଶୁଝିବାକୁ ପଡ଼ିବ। ଏହା ମଧ୍ୟରେ ୫ ଶହ ମିଲିୟନ ଇଣ୍ଟରନ୍ୟାଶନାଲ ସୋଭେରିନ୍ ବଣ୍ଡ୍ ପେମେଣ୍ଟ ମଧ୍ୟ ଅନ୍ତର୍ଭୁକ୍ତ। ଋଣର ପ୍ରାୟ ୬୮ ପ୍ରତିଶତ ବା ୫ ବିଲିୟନ ଡଲାର (ପ୍ରାୟ ୩୭ ହଜାର କୋଟି ଟଙ୍କା) କେବଳ ଚାଇନାକୁ ଦେବାକୁ ପଡ଼ିବ। ପୂର୍ବରୁ ଚାଇନାର ଋଣ ଶୁଝି ପାରି ନ ଥିବାବେଳେ ଗତ ବର୍ଷ ଶ୍ରୀଲଙ୍କା ପୁଣି ଏହି ଦେଶଠାରୁ ଅତିରିକ୍ତ ୧ ବିଲିୟନ ଡଲାର (ପ୍ରାୟ ୭ ହଜାର କୋଟି ଟଙ୍କା) ନେଇଥିଲା, ଯାହା ଶ୍ରୀଲଙ୍କାର ସ୍ଥିତିକୁ ଆହୁରି ଗମ୍ଭୀର କରିଛି। ସେପଟେ ଦେଶର ୫୪% ଗଚ୍ଛିତ ସୁନା ବିକ୍ରି ସରିଛି। ଜାନୁୟାରୀ ଶେଷ ସୁଦ୍ଧା ବଳକା ସୁନା ମଧ୍ୟ ଶେଷ ହୋଇଯିବ ବୋଲି ଡେ ସିଲ୍‌ଭା କହିଛନ୍ତି। ୨୦୨୨ ଫେବୃୟାରୀରୁ ଅକ୍ଟୋବର ମଧ୍ୟରେ ଶ୍ରୀଲଙ୍କା କିପରି ପ୍ରାୟ ୪.୮ ବିଲିୟନ ଡଲାର ବିଦେଶୀ ଋଣ ଶୁଝିବ ତାହା ଏବେ ଏହି ଦେଶ ପାଇଁ ଚିନ୍ତାର ବିଷୟ ପାଲଟିଛି।



## ଭାରତକୁ ମାଗିଲା ୧ ବିଲିୟନ ଡଲାର

ଆର୍ଥିକ ସଙ୍କଟର ମୁକାବିଲା ପାଇଁ ଶ୍ରୀଲଙ୍କା ପୁଣି ପଡ଼ୋଶୀଙ୍କଠାରୁ ସହାୟତା ଆଶା କରିଛି। ସାମଗ୍ରୀ ଆମଦାନୀ ପାଇଁ ଶ୍ରୀଲଙ୍କା ଭାରତକୁ ୧ ବିଲିୟନ ଡଲାର ଋଣ ମାଗିଛି। ଏ ନେଇ ଶ୍ରୀଲଙ୍କା କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ନର ଅଜିତ ନିବାର୍ଡ କାବ୍ରାଲ୍ ବୁଧବାର ସୂଚନା ଦେଇଛନ୍ତି। ଏଥିସହ ପଡ଼ୋଶୀ ଚାଇନାକୁ ମଧ୍ୟ ଶ୍ରୀଲଙ୍କା ପୁଣି ଋଣ ମାଗିଛି। ତେବେ କେତେମାତ୍ରାରେ ଋଣ ଶ୍ରୀଲଙ୍କା ଚାଇନାଠାରୁ ଆଣିବ ତାହା ସ୍ଥିର ହୋଇନାହିଁ। ଗତ ସପ୍ତାହରେ ଶ୍ରୀଲଙ୍କା ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟିଙ୍କୁ ଭେଟି ଋଣ ପରିଶୋଧରେ କୋହଳ ନୀତି ଆପଣାଇବା ପାଇଁ ଅନୁରୋଧ କରିଛନ୍ତି। ଏହା ଭିତରେ ସରକାର ୧.୨ ବିଲିୟନ ଡଲାରର ଆର୍ଥିକ ରିଲିଫ ପ୍ୟାକେଜ ଘୋଷଣା କରିଛନ୍ତି।

## ଖାଇବା କମାଇଛନ୍ତି ଲୋକେ

ନଭେମ୍ବରରେ ଶ୍ରୀଲଙ୍କାରେ ମୁଦ୍ରାସ୍ଫୀତି ରେକର୍ଡ ସ୍ତରରେ ପହଞ୍ଚିବା ପରେ ରାଷ୍ଟ୍ରପତି ରାଜପାକ୍ସେ ଦେଶରେ ଆର୍ଥିକ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି। ଏହା ପରେ ଖାଦ୍ୟ ସମେତ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦରଦାମ୍ ଆକାଶଛୁଆଁ ହୋଇଛି। ଦ୍ୱୀପ ଦେଶ ହୋଇଥିବାରୁ ଖାଦ୍ୟ ଆବଶ୍ୟକତା ପୂରଣ ପାଇଁ ଶ୍ରୀଲଙ୍କା ମୁଖ୍ୟତଃ ଆମଦାନୀ ଉପରେ ନିର୍ଭରଶୀଳ। ଏବେ ଆମଦାନୀ ପ୍ରଭାବିତ ହୋଇଥିବାରୁ ଏବେ ଖାଦ୍ୟ ସାମଗ୍ରୀ ଦର ବଢ଼ିଛି। ଫଳରେ ୨.୨ କୋଟି ଜନସଂଖ୍ୟାର ଏହି ଦେଶର ଅଧିକାଂଶ ଲୋକ ୩ ଓଳି ଖାଇବା ଯୋଗାଡ଼ କରିପାରୁନାହାନ୍ତି। ବାଧ୍ୟ ହୋଇ ସେମାନେ ଗୋଟିଏ ଓଳିର ଖାଦ୍ୟ କମାଇଛନ୍ତି। ରନ୍ଧନ ଗ୍ୟାସ୍ ମୂଲ୍ୟ ୮୫ ପ୍ରତିଶତ ବଢ଼ିଛି। ମାସକ ମଧ୍ୟରେ ଶ୍ରୀଲଙ୍କାରେ ଖାଦ୍ୟ ସାମଗ୍ରୀର ମୂଲ୍ୟ ପ୍ରାୟ ୨୨ ପ୍ରତିଶତ ବୃଦ୍ଧି ପାଇଛି।

## ସଂକ୍ଷେପରେ

### ପିଓକେ ଲଞ୍ଚପ୍ୟାଡ୍‌ରେ ୪୦୦ ଆତଙ୍କବାଦୀ



ଜେନେରାଲ ମନୋଜ ମୁକୁନ୍ଦ ନରୱଣେ

**ନୂଆଦିଲ୍ଲୀ,୧୨।୧(ଆଇଏଏନ୍‌ଏସ୍):** ଭାରତରେ ଅନୁପ୍ରବେଶ ଲାଗି ପାକ୍ ଅଧିକୃତ କଶ୍ମୀର (ପିଓକେ)ର ବିଭିନ୍ନ ଲଞ୍ଚପ୍ୟାଡ୍ ଓ ପ୍ରଶିକ୍ଷଣ ଶିବିରରେ ୩୫୦ରୁ ୪୦୦ ଆତଙ୍କବାଦୀ ଉପସ୍ଥିତ ଥିବା ସ୍ଥଳସେନା ମୁଖ୍ୟ ଜେନେରାଲ ମନୋଜ ମୁକୁନ୍ଦ ନରୱଣେ ବୁଧବାର କହିଛନ୍ତି। ଭାରତୀୟ ସେନାର ବାର୍ଷିକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଜେନେରାଲ ନରୱଣେ କହିଛନ୍ତି, ପାକିସ୍ତାନ ପଟୁ ନିୟନ୍ତ୍ରଣ ରେଖା ପ୍ରତି ବିପଦକୁ ଅଣଦେଖା କରାଯାଇପାରିବ ନାହିଁ। ଗତବର୍ଷ ଫେବୃୟାରୀରେ ଦୁଇଦେଶର ସାମରିକ କାର୍ଯ୍ୟାନୁଷ୍ଠାନର ମହାନିର୍ଦ୍ଦେଶକ (ଡିଜିଏମ୍‌ଓ)ଙ୍କ ମଧ୍ୟରେ ବୈଠକ ବସି ସୀମାରେ ସ୍ଥାୟୀ ଶାନ୍ତି ବଜାୟ ରଖିବା ପାଇଁ ସମସ୍ତ ରାଜିନାମା କଡ଼ାକଡ଼ି ପାଳନ କରିବା ସହ ଏଲ୍‌ଓସିରେ ଅସ୍ତ୍ରବିରତି ବୁଝାମଣାକୁ କାର୍ଯ୍ୟକାରୀ କରିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା। ଏହା ପରେ ସୀମାରେ ଅସ୍ତ୍ରବିରତି ଉଲ୍ଲଂଘନ ହ୍ରାସ ପାଇବା ସହ ସ୍ଥିତିରେ ଉନ୍ନତି ଆସିଥିଲା। ଏବେ ନିୟନ୍ତ୍ରଣ ରେଖା ନିକଟବର୍ତ୍ତୀ ଲଞ୍ଚପ୍ୟାଡ୍‌ରେ ଆତଙ୍କବାଦୀ ସଂଖ୍ୟା ବଢ଼ିବା ସହ ସେମାନେ ବାରମ୍ବାର ଅନୁପ୍ରବେଶ ଉଦ୍ୟମ ଚଳାଉଥିବାରୁ ପାକିସ୍ତାନର କୁତ୍ସିତ ଉଦ୍ଦେଶ୍ୟ ପଦାରେ ପଡ଼ିଯାଇଛି ବୋଲି ନରୱଣେ କହିଛନ୍ତି। ତେବେ ଆତଙ୍କବାଦକୁ କଦାପି ବରଦାସ୍ତ କରାଯିବନି ବୋଲି ସେ ଚେତାବନୀ ଦେଇଛନ୍ତି।

### ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଟୁଇଟର ଆକାଉଣ୍ଟ ହ୍ୟାକ୍

**ନୂଆଦିଲ୍ଲୀ, ୧୨।୧:** ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଟୁଇଟର ଆକାଉଣ୍ଟକୁ ବୁଧବାର ହ୍ୟାକ୍ କରାଯାଇଛି। ହ୍ୟାକର୍ସମାନେ ଏହାର ପ୍ରୋଫାଇଲରେ ଟେସଲା ମାଲିକ ଏଲନ ମସ୍କଙ୍କ ନାଁ ଲେଖିବା ସହ ଏକ ମାଛ ଫଟୋ ଲଗାଇ ଦେଇଥିଲେ। ଏଥିସହ ଉକ୍ତ ଆକାଉଣ୍ଟରୁ କେତେକ ପୋଷ୍ଟ କରିଥିଲେ। ଏକ ପୋଷ୍ଟରେ ‘ଗ୍ରେଟ୍ ଜବ୍, ନ୍ୟୁ ଇୟର ଇଭେଣ୍ଟ’ ଲେଖା ଯାଇଥିବା ଦେଖାଯାଇଥିଲା। କାଲିଫର୍ନିଆରେ ସୋଲାର ଟାକ୍ସକୁ ସମାଲୋଚନା କରି ମସ୍କ କରିଥିବା ଏକ ପୋଷ୍ଟକୁ ଏଥିରେ ରିଟୁଇଟ୍ କରାଯାଇଥିଲା। ପରେ ଉକ୍ତ ଟୁଇଟର ଆକାଉଣ୍ଟକୁ ରିଷ୍ଟୋର କରାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହାସହ ହ୍ୟାକର୍ସ କରିଥିବା ପୋଷ୍ଟକୁ ହଟାଇ ଦିଆଯାଇଛି। ହ୍ୟାକିଂ ସହ ଜଡ଼ିତ କୌଣସି ଲିଙ୍କ୍ ଉପରେ କ୍ଲିକ୍ ହେବା ଦ୍ୱାରା କିମ୍ବା ଆକାଉଣ୍ଟ ପରିଚାଳନା କରୁଥିବା ବ୍ୟକ୍ତିଙ୍କ ଦ୍ୱାରା ପାସ୍‌ୱାର୍ଡ ଲିକ୍ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ପ୍ରାୟ ମାସକ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଟୁଇଟର ଆକାଉଣ୍ଟ ହ୍ୟାକ୍ କରିଥିବା ଗୋଷ୍ଠୀ ଏପରି କରିଥାଇପାରନ୍ତି ବୋଲି କୁହାଯାଉଛି।

## ବିବାହ ବୟସ ବୃଦ୍ଧି ଝିଅଙ୍କୁ ଆତ୍ମନିର୍ଭରଶୀଳ କରାଇବ: ମୋଦି

**ନୂଆଦିଲ୍ଲୀ,୧୨।୧**

ଦେଶର ଝିଅମାନଙ୍କୁ ସଶକ୍ତ କରାଇବା ଉଦ୍ଦେଶ୍ୟରେ ସେମାନଙ୍କ ବିବାହ ବୟସ ୧୮ରୁ ୨୧ ବର୍ଷକୁ ବଢ଼ାଇବା ଲାଗି ପ୍ରସ୍ତାବ ଅଣାଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର କହିଛନ୍ତି। ଏହାଦ୍ୱାରା ସେମାନେ ଶିକ୍ଷା ସମାପ୍ତ କରିବା ପାଇଁ ଅଧିକ ସମୟ ପାଇବା ସହିତ କ୍ୟାରିୟର ଗଢ଼ିପାରିବେ ଓ ଆତ୍ମନିର୍ଭରଶୀଳ ହୋଇପାରିବେ। ପୁଅ ଝିଅ ସମାନ ବୋଲି ଆମେ ବିଶ୍ୱାସ କରୁଛୁ। ସେଥିପାଇଁ ଝିଅମାନଙ୍କ ବିବାହ ବୟସ ବଢ଼ାଇବାକୁ ସରକାର ଚାହୁଁଥିବା ପ୍ରଧାନମନ୍ତ୍ରୀ ପଣ୍ଡିଚେରୀରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ଏକ ଟେକ୍ନୋଲୋଜି ସେଣ୍ଟର ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି। ସବୁ ପିଢ଼ିଙ୍କୁ ଅନୁପ୍ରାଣିତ କଲା ଭଳି ‘କରିପାରିବା’ ବିଚାରଧାରା ବର୍ତ୍ତମାନର ଯୁବପିଢ଼ିଙ୍କ ପାଖରେ ରହିଛି। ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିବସ ଅବସରରେ ପଣ୍ଡିଚେରୀଠାରେ ୨୫ତମ ଜାତୀୟ ଯୁବ ଉତ୍ସବକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି।

## ଜେଲରେ କିନ୍ନରଙ୍କ ପାଇଁ ହେବ ସ୍ୱତନ୍ତ୍ର ପ୍ରକୋଷ୍ଠ

**ନୂଆଦିଲ୍ଲୀ,୧୨।୧:** କିନ୍ନରମାନଙ୍କ ଅଧିକାରକୁ ସ୍ୱୀକୃତି ସ୍ୱରୂପ ସେମାନଙ୍କ ଲାଗି ଜେଲରେ ସ୍ୱତନ୍ତ୍ର ୱାର୍ଡର ବ୍ୟବସ୍ଥା କରିବା ଲାଗି କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ପତ୍ର ଲେଖି ଜଣାଇଛନ୍ତି। ଶୋଷଣରୁ ସେମାନଙ୍କୁ ସୁରକ୍ଷା ଲାଗି କିନ୍ନର ବନ୍ଦୀଙ୍କ ନିମନ୍ତେ ସ୍ୱତନ୍ତ୍ର ପ୍ରକୋଷ୍ଠ ବ୍ୟବସ୍ଥା ରହିବା ଆବଶ୍ୟକ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି। ସେହିପରି କିନ୍ନର ବନ୍ଦୀମାନଙ୍କୁ ସେମାନେ ପସନ୍ଦ କରୁଥିବା ଲିଙ୍ଗର ବ୍ୟକ୍ତି କିମ୍ବା ତାଲିମପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଦ୍ୱାରା ଯାଞ୍ଚ କରାଯିବାକୁ ମଧ୍ୟ କୁହାଯାଇଛି। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବ ଓ ପୋଲିସ ମୁଖ୍ୟଙ୍କୁ ପତ୍ର ଲେଖି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଟ୍ରାନ୍ସ ମେନ୍ ଏବଂ ଟ୍ରାନ୍ସ ୱିମେନ୍ ବନ୍ଦୀଙ୍କ ପାଇଁ ଅଲଗା ଅଲଗା ପ୍ରକୋଷ୍ଠ କରିବା ଲାଗି କହିଛି। କିନ୍ନରମାନଙ୍କ ଗୋପନୀୟତା ଅଧିକାର ଓ ମର୍ଯ୍ୟାଦାର ସୁରକ୍ଷା ପାଇଁ ସେମାନଙ୍କ ନିମନ୍ତେ ସ୍ୱତନ୍ତ୍ର ପାଇଖାନା ଓ ଗାଧୁଆଘର ସୁବିଧା କରାଇବାକୁ ମନ୍ତ୍ରଣାଳୟ କହିଛି।



ଜମ୍ମୁ-କଶ୍ମୀରରେ ଘର ଘର ବୁଲି ଟିକାକରଣ ଚାଲିଥିବାବେଳେ ବଡ଼ଗାମ୍ ଜିଲାର ଏକ ଗାଁରେ ପିଲାମାନେ ସ୍ୱାସ୍ଥ୍ୟକର୍ମୀଙ୍କୁ ଅନେଇଛନ୍ତି।

## ଭାଇରାଲ ୱାର୍ଡ ଗେମ୍ ‘ୱାର୍ଡଲେ’

**ନ୍ୟୁୟର୍କ,୧୨।୧**




ମହାମାରୀବେଳେ ଲୋକେ ଅଧିକ ସମୟ ଘରେ ବିତାଉଥିବାବେଳେ ଏକ ମଜାଦାର ଗେମ୍ ଅନଲାଇନରେ ବେଶ୍ ଲୋକପ୍ରିୟ ହୋଇଛି। ସହଜ ଏବଂ କୌତୂହଳପୂର୍ଣ୍ଣ ହୋଇଥିବାରୁ ବହୁ ସଂଖ୍ୟାରେ ୟୁଜର୍ସ ଏବେ ଏହି ଖେଳରେ ମାତିଛନ୍ତି। ଏହାର ନାମ ହେଉଛି ‘ୱାର୍ଡଲେ’। ନିଜ ପାର୍ଟନରଙ୍କୁ ଉପହାର ଦେବାକୁ ନ୍ୟୁୟର୍କ ବାସିନ୍ଦା ଜୋଶ୍ ୱାର୍ଡଲେ ଏହି ଗେମ୍ ପ୍ରସ୍ତୁତ କରିଥିଲେ। ଗତ ନଭେମ୍ବରରୁ ଚଳିତ ଜାନୁୟାରୀ ମଧ୍ୟରେ ୱାର୍ଡଲେ ଗେମ୍‌ର ୟୁଜର୍ସ ୯୦ରୁ ୩ ଲକ୍ଷକୁ ବୃଦ୍ଧି ପାଇଥିବା ଜୋଶ୍ କହିଛନ୍ତି। କୋଭିଡ୍-୧୯ରେ ଲୋକେ ଘର ଭିତରେ ରହୁଥିବାବେଳେ ସେମାନଙ୍କୁ ମନୋରଞ୍ଜନ ଯୋଗାଇ ଦେଇପାରିଥିବାରୁ ସେ ଖୁସି ବୋଲି ଜୋଶ୍ ପ୍ରକାଶ କରିଛନ୍ତି।

ୱାର୍ଡଲେ ଏକ ଅନ୍‌ଲାଇନ ଶବ୍ଦ ଖେଳ। ଜଣେ ଏହାକୁ ପ୍ରତିଦିନ ଖେଳିପାରିବେ। ଦିନକୁ ମାତ୍ର ଗୋଟିଏ ପଜଲ୍ ଏଥିରେ ସମାଧାନ କରିବାକୁ ରହିଛି। ଏହାର କୌଣସି ଆପ୍ଲିକେଶନ ନାହିଁ। ଗେମ୍‌ର ଅଫିସିଆଲ ୱେବ୍‌ସାଇଟ୍ ମାଧ୍ୟମରେ ଏହାକୁ ଅନ୍‌ଲାଇନ ଖେଳିହେବ। ଏହି ପଜଲରେ ୫ଟି ବର୍ଣ୍ଣର ଶବ୍ଦ ରହିଛି, ଯାହାକୁ ୬ଟି ଉଦ୍ୟମରେ ବାହାର କରିବାକୁ ହେବ। ପ୍ରତି ଉଦ୍ୟମରେ ବୈଧ ୫ ବର୍ଣ୍ଣ ବିଶିଷ୍ଟ ଶବ୍ଦ ବାହାରିବା ଆବଶ୍ୟକ। ପ୍ରତ୍ୟେକ ଥରରେ ବର୍ଣ୍ଣ ପାଇଁ ଥିବା ବକ୍ସଗୁଡ଼ିକର ରଙ୍ଗ ବଦଳିବ। ଯଦି ସେଗୁଡ଼ିକ ସବୁଜ ରଙ୍ଗ ହୋଇଯାଏ ତେବେ ଆପଣଙ୍କ ଶବ୍ଦ ଠିକ୍ ଅଛି ଏବଂ ବର୍ଣ୍ଣଗୁଡ଼ିକ ଠିକ୍ ସ୍ଥାନରେ ରହିଛି ବୋଲି ଜଣାପଡ଼ିବ। ଯଦି ତାହା ହଳଦିଆ ହୁଏ ତେବେ ବର୍ଣ୍ଣଗୁଡ଼ିକ ଠିକ୍ ଅଛି କିନ୍ତୁ ତାହା ଉପଯୁକ୍ତ ସ୍ଥାନରେ ରହିନାହିଁ ବୋଲି ଧରାଯିବ।

## କେନ୍ଦ୍ର, ଦିଲ୍ଲୀ, ଉତ୍ତରାଖଣ୍ଡ ପୋଲିସକୁ ନୋଟିସ

**ନୂଆଦିଲ୍ଲୀ,୧୨।୧(ପି.ଟି.)**

### ସୁପ୍ରିମକୋର୍ଟରେ ଧର୍ମସଂସଦ ଘୃଣିତ ବକ୍ତବ୍ୟ ମାମଲା



ହରିଦ୍ୱାର ଓ ଦିଲ୍ଲୀରେ ଗତ ମାସରେ ଅନୁଷ୍ଠିତ ଧର୍ମସଂସଦରେ ଏକ ନିର୍ଦ୍ଦିଷ୍ଟ ଧର୍ମକୁ ଆକ୍ଷେପ କରି ବକ୍ତାମାନେ ଘୃଣିତ ବକ୍ତବ୍ୟ ଦେଇଥିଲେ। ଏହାର ତଦନ୍ତ କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ନିର୍ଦ୍ଦେଶ ଦେବା ପାଇଁ ସୁପ୍ରିମକୋର୍ଟରେ ଦାଏର ପିଟିଶନ ଉପରେ ସର୍ବୋଚ୍ଚ ଅଦାଲତ ବୁଧବାର କେନ୍ଦ୍ର ସରକାର, ଦିଲ୍ଲୀ ଓ ଉତ୍ତରାଖଣ୍ଡ ପୋଲିସଠାରୁ ଜବାବ ମାଗିଛନ୍ତି। ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ସୂର୍ଯ୍ୟ କାନ୍ତ ଏବଂ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ପିଟିଶନକୁ ଶୁଣାଣି ପାଇଁ ଗ୍ରହଣ କରିବା ସହ ନୋଟିସ ଜାରି କରିଛନ୍ତି। ଭବିଷ୍ୟତରେ ଏଭଳି ଧର୍ମ ସଂସଦ କାର୍ଯ୍ୟକ୍ରମ ହେଲେ ଏହା ବିରୋଧରେ ସମ୍ପୃକ୍ତ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ଜଣାଇବା ଲାଗି ସୁପ୍ରିମକୋର୍ଟ ଆବେଦନକାରୀମାନଙ୍କୁ ଅନୁମତି ଦେଇଛନ୍ତି। ପିଟିଶନର ପରବର୍ତ୍ତୀ ଶୁଣାଣି ୧୦ ଦିନ ପରେ କରିବାକୁ ଖଣ୍ଡପୀଠ ସମୟ ଧାର୍ଯ୍ୟ କରିଛନ୍ତି। ଖବରଦାତା କୁର୍ବାନ ଅଲି ଏବଂ ପାଟନା ହାଇକୋର୍ଟର ପୂର୍ବତନ ବିଚାରପତି ତଥା ବରିଷ୍ଠ ଆଇନଜୀବୀ ଅଞ୍ଜନା ପ୍ରକାଶ ଘୃଣିତ ବକ୍ତବ୍ୟ ଘଟଣାର ନିରପେକ୍ଷ ଓ ବିଶ୍ୱସନୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବାକୁ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ଆସନ୍ତା ୨୩ରେ ଆଲିଗଡ଼ରେ ଆଉ ଏକ ଧର୍ମସଂସଦ ଅନୁଷ୍ଠିତ ହେବାକୁ ଥିବାରୁ ଏହା ପୂର୍ବରୁ ଜାନୁୟାରୀ ୧୭ରେ ପିଟିଶନର ଶୁଣାଣି ପାଇଁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଖଣ୍ଡପୀଠଙ୍କୁ ଅନୁରୋଧ କରିଥିଲେ। ସମ୍ପୃକ୍ତ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜଣାଇବାକୁ ଅନୁମତି ଦେଉଛୁ ବୋଲି ଖଣ୍ଡପୀଠ କହିଥିଲେ।

## ୧୨ ଦିନରେ ୧୦% ବଢ଼ିଛି ପଜିଟିଭିଟି

**ନୂଆଦିଲ୍ଲୀ,୧୨।୧(ପି.ଟି.)**

ଭାରତରେ କରୋନା ସଂକ୍ରମଣ ଦ୍ରୁତ ବେଗରେ ବଢ଼ିବାରେ ଲାଗିଛି। ଡିସେମ୍ବର ୩୦ରେ ଦେଶରେ ପଜିଟିଭିଟି ହାର ୧.୧ ପ୍ରତିଶତ ରହିଥିବାବେଳେ ଜାନୁୟାରୀ ୧୨ରେ ତାହା ୧୧.୦୫ ପ୍ରତିଶତରେ ପହଞ୍ଚିଛି। ଅର୍ଥାତ୍ ୧୨ ଦିନ ମଧ୍ୟରେ ସଂକ୍ରମଣ ହାର ୧୦ ପ୍ରତିଶତ ବୃଦ୍ଧି ପାଇଛି। ବୁଧବାର ୧,୯୪,୭୨୦ ନୂଆ ମାମଲା ଚିହ୍ନଟ ହୋଇଛନ୍ତି ଓ ୨୪ ଘଣ୍ଟା ମଧ୍ୟରେ କୋଭିଡ୍‌ରେ ୪୪୨ ଜଣଙ୍କ ଜୀବନ ଯାଇଛି। ବୁଧବାର ସକାଳ ୮ଟା ସୁଦ୍ଧା ଦେଶରେ ସକ୍ରିୟ ମାମଲା ସଂଖ୍ୟା ୯,୫୫,୩୧୯ରେ ପହଞ୍ଚିଛି। ଗତ ୨୧୧ ଦିନ ମଧ୍ୟରେ ଏହା ସର୍ବାଧିକ ସକ୍ରିୟ ମାମଲା। ଦେଶର ୩୦୦ ଜିଲାରେ ସଂକ୍ରମଣ ହାର ୫ ପ୍ରତିଶତରୁ ଅଧିକ ରହିଥିବା କେନ୍ଦ୍ର ସରକାର ବୁଧବାର ସୂଚନା ଦେଇଛନ୍ତି। ଓମିକ୍ରନ୍ ଭାରିଆଣ୍ଟର ଲକ୍ଷଣକୁ ସାଧାରଣ ଥଣ୍ଡା ନ ଭାବି ଏହାର ଚିକିତ୍ସା କରାଇବା ଓ ଟିକା ନେବା ପାଇଁ ସରକାର ପରାମର୍ଶ ଦେଇଛନ୍ତି। ସଂକ୍ରମଣ ବଢୁଥିବା ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଦିଲ୍ଲୀ, ତାମିଲନାଡୁ, କର୍ଣାଟକ, ଉତ୍ତରପ୍ରଦେଶ, କେରଳ ଓ ଗୁଜରାଟର ସ୍ଥିତି ଚିନ୍ତାଜନକ ରହିଛି। ୧୦ ରାଜ୍ୟରେ ସକ୍ରିୟ ମାମଲା ସଂଖ୍ୟା ୧୦ ହଜାରରୁ ଅଧିକ ରହିଛି। ଟିକା ନେବା ଦ୍ୱାରା ରୋଗୀ ହସ୍ପିଟାଲରେ ଭର୍ତ୍ତି ହେବା ହାର କମିଥାଏ। ତେଣୁ ତୁରନ୍ତ ସମସ୍ତେ ଟିକା ନେବା ଉପରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଯୁଗ୍ମ ସଚିବ ଲବ ଅଗ୍ରୱାଲ ଗୁରୁତ୍ୱ ଦେଇଛନ୍ତି। ସେହିପରି ନୀତି ଆୟୋଗ ସଦସ୍ୟ (ସ୍ୱାସ୍ଥ୍ୟ) ଭି.କେ. ପଲ୍ କହିଛନ୍ତି, ଓମିକ୍ରନ୍ ସାଧାରଣ ଥଣ୍ଡା ନୁହେଁ, ତେଣୁ ଏହାକୁ କେହି ହାଲୁକା ଭାବେ ନିଅନ୍ତୁ ନାହିଁ। ସତର୍କ ରହିବା ସହ ଟିକା ନେବା ଓ କୋଭିଡ୍ ନିୟମାବଳୀ ପାଳନ କରିବା ଲାଗି ସେ ପରାମର୍ଶ ଦେଇଛନ୍ତି।

- ■୩୦୦ ଜିଲାରେ ୫%ରୁ ଅଧିକ
- ■ଦିନକରେ ୧.୯୪ ଲକ୍ଷ ସଂକ୍ରମିତ

## ରାଜ୍ୟଗୁଡ଼ିକୁ କେନ୍ଦ୍ରର ପରାମର୍ଶ: ପର୍ଯ୍ୟାପ୍ତ ଅକ୍ସିଜେନ୍ ଗଚ୍ଛିତ ରଖ

**ନୂଆଦିଲ୍ଲୀ,୧୨।୧(ପି.ଟି.)**



ଦେଶରେ କୋଭିଡ୍ ସଂକ୍ରମଣ ଦ୍ରୁତ ବୃଦ୍ଧି ପାଉଥିବାବେଳେ ପର୍ଯ୍ୟାପ୍ତ ପରିମାଣରେ ମେଡିକାଲ ଅକ୍ସିଜେନ୍ ଗଚ୍ଛିତ ରଖିବା ଲାଗି କେନ୍ଦ୍ର ସରକାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ବୁଧବାର ଚିଠି ଲେଖି ପରାମର୍ଶ ଦେଇଛନ୍ତି। ଅନ୍ୟୁନ ୪୮ ଘଣ୍ଟା ପାଇଁ ପର୍ଯ୍ୟାପ୍ତ କରିମାଣର ଅକ୍ସିଜେନ୍ ବଫର ଷ୍ଟକ୍ ସୁନିଶ୍ଚିତ କରିବା ଏବଂ ଅକ୍ସିଜେନ୍ କଣ୍ଟ୍ରୋଲ ରୁମ୍‌ଗୁଡ଼ିକୁ ପୁନର୍ବାର କାର୍ଯ୍ୟକ୍ଷମ କରିବା ଲାଗି ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେବା ଲାଗି ରାଜ୍ୟ ସରକାରଙ୍କୁ କୁହାଯାଇଛି। ସଂକ୍ରମଣ ଯେଉଁ ହାରରେ ବଢୁଛି, ଏବେଠୁ ସତର୍କ ହେବା ଜରୁରୀ ବୋଲି ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନକୁ କହିଛନ୍ତି। ଅକ୍ସିଜେନ୍ ଚିକିତ୍ସା ସେବା ଯୋଗାଉଥିବା ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ମଧ୍ୟ କୋଭିଡ୍ ଚିକିତ୍ସାରେ ସାମିଲ କରି ସେମାନଙ୍କ ଅକ୍ସିଜେନ୍ ଭିତ୍ତିଭୂମି ସାମର୍ଥ୍ୟର ସହାୟତା ନେବାକୁ ସେ ପରାମର୍ଶ ଦେଇଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ରହିଥିବା ଏଲ୍‌ଏମ୍‌ଓ ଟ୍ୟାଙ୍କଗୁଡ଼ିକୁ ପର୍ଯ୍ୟାପ୍ତ ପରିମାଣରେ ଭରି ରଖିବା ସହ ରିଫିଲିଂ ପାଇଁ ନିରବଚ୍ଛିନ୍ନ ଯୋଗାଣ ଶୃଙ୍ଖଳ ଉପରେ ସ୍ୱାସ୍ଥ୍ୟ ସଚିବ ଗୁରୁତ୍ୱ ଦେଇଛନ୍ତି।

**ନର୍ସିଂ କଲେଜର ୩୪ ଶିକ୍ଷାର୍ଥୀ ସଂକ୍ରମିତ**

ଜଟଣୀ,(ଡି.ଏନ୍.ଏ.): ଜଟଣୀ ବ୍ଲକ ଅଧୀନ ଛତାବର ପଞ୍ଚାୟତର ନର୍ସିଂ କଲେଜରୁ ୩୪ଜଣ ଶିକ୍ଷାର୍ଥୀ କୋଭିଡ୍ ପଜିଟିଭ ଚିହ୍ନଟ ହୋଇଛନ୍ତି। ବୁଧବାର ପରୀକ୍ଷା ଥିବାରୁ ଛାତ୍ରୀଛାତ୍ରମାନେ ଶିକ୍ଷାନୁଷ୍ଠାନକୁ ଆସିଥିଲେ। କଲେଜ ପକ୍ଷରୁ ସେମାନଙ୍କର କୋଭିଡ୍ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩୪ଜଣଙ୍କ ରିପୋର୍ଟ ପଜିଟିଭ ଆସିଥିଲା। କଲେଜ କର୍ତ୍ତୃପକ୍ଷ ପଜିଟିଭ ଚିହ୍ନଟଙ୍କ ଅଭିଭାବକଙ୍କୁ ଡାକି ଘରକୁ ପଠାଇବା ସହ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦେଇଛନ୍ତି। ଖବର ପାଇ ଜଟଣୀ ତହସିଲଦାର ତପନ କୁମାର ମହାପାତ୍ର କଲେଜକୁ ୧୭ ତାରିଖ ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଘୋଷଣା କରିବା ସହ ସାନିଟାଇଜ କରିବାର ବ୍ୟବସ୍ଥା କରିଛନ୍ତି।



# ମଣ୍ଡି ଖୋଲିଲା, ଧାନ ଉଠିଲାନି

ଖୋର୍ଦ୍ଧା ଅଫିସ,୧୨।୧

ଖୋର୍ଦ୍ଧା ଜିଲାରେ ବହୁ ବିଳମ୍ବରେ ବୁଧବାର ଧାନମଣ୍ଡିର ଶୁଭାରମ୍ଭ ହୋଇଛି। ତେବେ ଆରମ୍ଭରୁ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ମଣ୍ଡି ଖୋଲିଲା, କିନ୍ତୁ ଧାନ ଉଠି ପାରିଲା ନାହିଁ। ଧାନର ମାନକୁ ନେଇ ପ୍ରଶ୍ନ ଉଠାଇଥିଲେ ମିଲର୍ସ। ଫଳରେ ଚାଷୀ ଧାନ ବିକ୍ରି କରିପାରି ନ ଥିଲେ। ଏଣୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଭିନ୍ନ ଚାଷୀ ସଙ୍ଗଠନ ଏହାକୁ ବିରୋଧ କରିଛନ୍ତି। ଅନ୍ୟପକ୍ଷରେ ଖରିଫ ଧାନକିଣା ଲକ୍ଷ୍ୟ ପୂରଣ ନେଇ ଆଶଙ୍କା ଦେଖାଦେଇଛି।

ସୂଚନା ଅନୁଯାୟୀ, ଖୋର୍ଦ୍ଧା ବ୍ଲକ ମଳିପଡ଼ା କମ୍ପୁର ପ୍ରାଥମିକ ସେବା ସମବାୟ ସମିତି (ପ୍ୟାକ୍ସ)ରେ ୨୦୨୧-୨୨ ଖରିଫ ଧାନକ୍ରୟ କାର୍ଯ୍ୟକ୍ରମକୁ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଡିଆର୍‌ସିଏସ୍ ଅଳକାନନ୍ଦା ଜେନା, ଏଆରସିଏସ୍ ଅନନ୍ତ କୁମାର ନାୟକ, ଏସ୍ଏଆର୍‌ସିଏସ୍ ବିଷ୍ଣୁ

### ଅବ୍ୟବସ୍ଥା ନେଇ ଚାଷୀଙ୍କ ଅସନ୍ତୋଷ

ପ୍ରସାଦ ମିଶ୍ର, ଆର୍‌ଏମ୍‌ସି ସମ୍ପାଦକ ପ୍ରବୋଧ କୁମାର ସାହୁ, ଖୋର୍ଦ୍ଧା ସମବାୟ କେନ୍ଦ୍ର ବ୍ୟାଙ୍କର ଲଳିତ କୁମାର କର, ପ୍ୟାକ୍ସ ଜିଲା ସଭାପତି ବିଶ୍ୱନାଥ ମହାରଣା, ବ୍ଲକ ସମ୍ପାଦକ ଧଜ ସାମନ୍ତରାୟ, ଚାଷୀ ନେତା ଶୈଳେଶ ବଳିଆରସିଂ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶ ଯେ, ୨୦୨୧-୨୨ ଆର୍ଥିକ ବର୍ଷରେ ଖୋର୍ଦ୍ଧା ଜିଲାରେ ୧୫ ଲକ୍ଷ କୁଇଣ୍ଟାଲ ଖରିଫ ଧାନ କ୍ରୟ ଲାଗି ଜିଲା ଯୋଗାଣ ବିଭାଗ ଲକ୍ଷ୍ୟ ରଖିଛି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୧୨ଲକ୍ଷ କୁଇଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ମିଳିଛି। ୧୩୯ଟି ପ୍ୟାକ୍ସରେ ଧାନ କିଣାଯିବ। ଧାନ ବିକ୍ରି ଲାଗି ଜିଲାରେ ପ୍ରାୟ ୪୬ହଜାର ଚାଷୀ ପଞ୍ଜୀକୃତ କରିଛନ୍ତି। ଜିଲାରେ ଧାନକ୍ରୟ ଲାଗି ୧୬ ମିଲରଙ୍କୁ ପ୍ରଶାସନ ଚିହ୍ନଟ କରିଛି। ତେବେ ଏପର୍ଯ୍ୟନ୍ତ ମାତ୍ର ୬ ମିଲର ପଞ୍ଜୀକରଣ କରିଛନ୍ତି। ମିଲର୍ସ ଓ ଜିଲା ଯୋଗାଣ ବିଭାଗ ମଧ୍ୟରେ ବୁଝାମଣା ଅଭାବରୁ ପୂର୍ବ ନିର୍ଦ୍ଧାରିତ ତାରିଖରେ ଧାନ ଉଠିପାରିଲା ନାହିଁ।

### ନିରାଶ ହୋଇ ଫେରିଲେ ଚାଷୀ

ପ୍ରଥମ ଦିନରେ କମ୍ପୁର ପ୍ୟାକ୍ସକୁ ଜଗନ୍ନାଥ ସିଂ ୧୦ କୁଇଣ୍ଟାଲ ଏବଂ କୃଷ୍ଣଚନ୍ଦ୍ର ମୁଦୁଲି ୧୭ କୁଇଣ୍ଟାଲ ଧାନ ଆଣିଥିଲେ। ସେଠାରେ ଉପସ୍ଥିତ ଥିବା ମିଲରମାନେ ହଠାତ୍ ଧାନର ମାନ ଠିକ ନ ଥିବା କହି ଧାନ ଉଠାଇବାକୁ ମନା କରିଥିଲେ। ଏନେଇ ଚାଷୀମାନେ ଯୋଗାଣ ଅଧିକାରୀ ଓ ଜିଲାପାଳଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସୁଫଳ ପାଇ ନ ଥିଲେ। ଫଳରେ ଚାଷୀ ନିରାଶ ହୋଇ ଫେରିଥିଲେ। ଚାଷୀ ଦ୍ୱୟ କହିଛନ୍ତି, ଧାନବିକ୍ରି ଲାଗି ଖଳାରୁ ମଣ୍ଡିକୁ ଆଣିବା ପାଇଁ ମୂଲମଜୁରି ଓ ଟ୍ରାକ୍ଟର ଭଡ଼ା ବାବଦକୁ ପ୍ରାୟ ୨ହଜାର ଟଙ୍କା ଲେଖାଏ ଖର୍ଚ୍ଚ କରିଥିଲେ।

### ଅଭାବୀ ବିକ୍ରି ସମସ୍ୟା ଉପୁଜିପାରେ

ଏ ନେଇ ଚାଷୀ ନେତା ଶୈଳେଶ ବଳିଆରସିଂ କହିଛନ୍ତି, ଅନାବୃଷ୍ଟି, ଅଦିନିଆ ବର୍ଷା, ବନ୍ୟା ପରେ ବାତ୍ୟା ଯୋଗୁ ଚାଷୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ ଧାନ ଅମଳ କରିଛନ୍ତି। ଧାନର ମାନ ଭଲ ନ ଥିବା କହି ଯଦି କିଣାଯିବ ନାହିଁ ତେବେ ଚାଷୀ କ'ଣ କରିବେ। ଗତବର୍ଷ ପରି ଚଳିତ ବର୍ଷ ମଧ୍ୟ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେବା ଦେଖାଗଲାଣି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ସେହିପରି ଭାଜପା କୃଷକ ମୋର୍ଚ୍ଚା ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ କହିଛନ୍ତି, ମଣ୍ଡିରେ ମିଲରଙ୍କ ରାଜ୍ ଚାଲିଛି। କେଉଁ ଧାନ ଓ କେତେ ପରିମାଣ ଉଠାଯିବ, ତାହା ମିଲର ସ୍ଥିର କରୁଛନ୍ତି। ଚାଷୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ଦରଦ ନାହିଁ। ପଞ୍ଚାୟତ ନିର୍ବାଚନ ତାରିଖ ଘୋଷଣା ହୋଇଗଲା, ତେଣୁ ସରକାର ସେଥିରେ ବ୍ୟସ୍ତ। ତେବେ ଚାଷୀଙ୍କ ସ୍ୱାର୍ଥ ପାଇଁ ଭାଜପା ରାସ୍ତାକୁ ଓହ୍ଲାଇବ।

## ସଂକ୍ଷେପରେ

### ବନ୍ଦ ଘରୁ ଯୁବକଙ୍କ ମୃତଦେହ ଜବତ

ନିରାକାରପୁର,୧୨।୧(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଧୀନ କାଶିପୁର ଗୋପୀନାଥପୁର ପାଟଣା ଗ୍ରାମର ଏକ ବନ୍ଦ ଘରୁ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ବୁଧବାର ଜବତ କରିଛି। ମୃତକ ହେଲେ ବେଗୁନିଆ ଥାନା ଅନ୍ତର୍ଗତ ଦେଉଳୀ ଗ୍ରାମର ନିରଞ୍ଜନ ଛୋଟରାୟ(୩୪)। ଏ ନେଇ ପୋଲିସ ଏକ ମାମଲା(ନଂ.୧/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ନିରଞ୍ଜନ ଦୀର୍ଘଦିନ ହେଲା ତାଙ୍କ ମାମୁଘର ଉକ୍ତ ଥାନା ଅନ୍ତର୍ଗତ ଡିଆ ପଞ୍ଚାୟତ କାଶିପୁର ଗୋପୀନାଥପୁର ପାଟଣାରେ ଘର କରି ରହି ଆସୁଥିଲେ। ତେବେ ତାଙ୍କ ଭଉଣୀ କେନ୍ଦ୍ରାପଡାରୁ ବୁଧବାର ଘରକୁ ଆସି ଦୀର୍ଘ ସମୟ ଧରି କବାଟ ବାଡ଼େଇ ଥିବାବେଳେ କେହି ଖୋଲି ନ ଥିଲେ। ସନ୍ଦେହରେ ସେ ଆଖପାଖ ପଡୋଶୀଙ୍କୁ ଡାକି ଝରକା ଭାଙ୍ଗି ଦେଖିଲା ବେଳକୁ ନିରଞ୍ଜନ ମରିପଡିଥିଲେ। ଖବରପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିବା ବେଳେ ପରେ ସାଇଣ୍ଟିଫିକ ଟିମ୍ ମଧ୍ୟ ଆସି ଛାନ୍‌ଭିନ କରିଛି। ରାତି ହୋଇଯାଇଥିବାରୁ ଗୁରୁବାର ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ପୋଲିସ କହିଛି। ପରେ ତାଙ୍କ ଭଉଣୀଙ୍କ ଅଭିଯୋଗକ୍ରମେ ମାମଲା ରୁଜୁ କରାଯାଇଛି ବୋଲି ସ୍ଥାନୀୟ ଥାନା ଅଧିକାରିଣୀ ଗୀତାଞ୍ଜଳି ନାୟକ କହିଛନ୍ତି।

### ସ୍କୁଲ ରୂପାନ୍ତର କାର୍ଯ୍ୟ ପାଇଁ ବିଡିଓଙ୍କ ପରିଦର୍ଶନ

ନିରାକାରପୁର,୧୨।୧(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା ବହୁ ପୁରାତନ କ୍ଷେତ୍ରବାସୀ ଏକାଡେମୀ ସ୍କୁଲର ରୂପାନ୍ତର କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ବୁଧବାର ଅପରାହ୍ଣରେ ଟାଙ୍ଗୀ ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ ଅଚାନକ ଉକ୍ତ ସ୍କୁଲ ପରିଦର୍ଶନ କରିବାକୁ ପହଞ୍ଚିଥିଲେ। ସ୍କୁଲ ରୂପାନ୍ତର କାର୍ଯ୍ୟ ଉନ୍ନତମାନର କରିବାକୁ କହିବା ସହ ଶୀଘ୍ର ସାରିବା ପାଇଁ ସେଠାରେ ଉପସ୍ଥିତ ବ୍ଲକ୍ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟ କିଭଳି ସୁନ୍ଦର ହେବ ସେନେଇ ଉପସ୍ଥିତ ଥିବା ସ୍କୁଲ ପୁରାତନ ଛାତ୍ର ସଭାପତି ରବୀନ୍ଦ୍ର କୁମାର ରାଉତରାୟ, ସମ୍ପାଦକ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ସମେତ ଅନ୍ୟ ସଭ୍ୟମାନଙ୍କ ପରାମର୍ଶ ଲୋଡିଥିଲେ। ଏହି କାର୍ଯ୍ୟକ୍ରମରେ ଅନେକ ପୁରାତନ ଛାତ୍ରଙ୍କ ସମେତ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ।

### ଚଣ୍ଡିଗଡ଼ରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ନିରାକାରପୁର,୧୨।୧(ଡି.ଏନ୍.ଏ.): ପଞ୍ଜାବ ରାଜ୍ୟର ଚଣ୍ଡିଗଡ଼ର ଏକ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ଯାଇଥିବା ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ଲେଣ୍ଡୋ ପଞ୍ଚାୟତ ଆସେଲି ଗ୍ରାମର ଦୁଃଖୀଶ୍ୟାମ ଶ୍ରୀଚନ୍ଦନ(୨୪)। ସୂଚନା ଅନୁଯାୟୀ, ଦୁଃଖୀଶ୍ୟାମ କମ୍ପାନୀରେ କାର୍ଯ୍ୟ କରୁଥିବା ସମୟରେ କିଛି ସମୟ ବାହରକୁ ଆସିଥିବା ବେଳେ ହଠାତ୍ ତଳେ ପଡ଼ିଯାଇଥିଲେ। କମ୍ପାନୀର ଅନ୍ୟ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ସେଠାକାର ସରକାରୀ ମେଡିକାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ କୌଣସି କାରଣରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନାହିଁ। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପାଖରେ ଥିବା ତାଙ୍କ ଗ୍ରାମର କେତେଜଣ ବ୍ୟକ୍ତି ସୂଚନା ଦେଇଛନ୍ତି। ଦୁଃଖୀଶ୍ୟାମ ଘରର ରୋଜଗାରିଆ ପୁଅ ହୋଇଥିବାରୁ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି।



ଭୁବନେଶ୍ୱରସ୍ଥିତ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଉତ୍କଳ ସମ୍ମିଳନୀ ସମାଚାର ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ଗ୍ରାମ୍ୟ ଉନ୍ନୟନ ବିଭାଗର ତ୍ରୁଟିଯୁକ୍ତ ସୂଚନାଫଳକ

ବେଗୁନିଆ,୧୨।୧(ଡି.ଏନ୍.ଏ.)

ଗ୍ରାମ୍ୟ ସଡ଼କ ପଥରେ ପଥଚାରୀଙ୍କ ସୁରକ୍ଷିତ ଯାତ୍ରା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏପରି କି ଦିଗ ନିର୍ଣ୍ଣୟ ପାଇଁ ରାସ୍ତାର ବିଭିନ୍ନ ସ୍ଥାନରେ ଫଳକ ଲଗାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟବରାଦରେ ଏହି ସୂଚନାଫଳକ ତିଆରି କରାଯାଇଛି। ହେଲେ ବେଗୁନିଆ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଲଗାଯାଇଥିବା ଫଳକରେ ଅନେକ ତ୍ରୁଟି ପରିଲକ୍ଷିତ ହୋଇଛି। କେତେକ ସ୍ଥାନରେ ଗ୍ରାମର ନାମ ଭୁଲ ଲେଖାଯାଇଛି, ଆଉ କେତେକ ସ୍ଥାନରେ ଦିଗର ନାମ ଉଲ୍ଲେଖରେ ତ୍ରୁଟି ରହିଥିବା ଦେଖିବାକୁ ମିଳିଛି। ହଜ- ନିଧିପୁର ରାସ୍ତାରେ ବୋତଲମା-ନିଧିପୁର ରାସ୍ତାର ସୂଚନାଫଳକ ଲାଗିଛି। ଏଥିଯୋଗୁ ବାହାର ସ୍ଥାନରୁ ଆସୁଥିବା ପର୍ଯ୍ୟଟକ ଓ ପଥଚାରୀ ଅନେକ ସମୟରେ ଦିଗହରା ହେଉଛନ୍ତି। ବୋତଲମା-ନିଧିପୁର ରାସ୍ତା, ହଜ-ନିଧିପୁର ରାସ୍ତା, ପାଟଣାହାଟ-ଛତ୍ରପଡା ରାସ୍ତା ମଧ୍ୟରେ ନିର୍ମାଣ କରାଯାଇଥିବା ଫଳକରେ ବିଭ୍ରାନ୍ତି କର ସୂଚନା ଉଲ୍ଲେଖ ରହିଛି। ସେହିପରି ଗଡ଼ମାଣତୀରରୁ ଡିଙ୍ଗର ଯାଇଥିବା ରାସ୍ତାର ଗଡମାଣତୀର ଗାଁ ମୁଣ୍ଡରେ ଲଗାଯାଇଥିବା ଫଳକରେ ଡିଙ୍ଗରକୁ ରାସ୍ତା ବଦଳରେ କେବଳ ଗଡ଼ମାଣତୀର ଉଲ୍ଲେଖ ରହିଛି। ବିଭାଗୀୟ କର୍ତ୍ତୃପକ୍ଷ ନିର୍ଭୁଲ ସୂଚନାଫଳକ ଲଗାଇବାକୁ ଦାବି ହେଉଛି।

# ୬୦ କେଜି ଗଞ୍ଜେଇ ଜବତ

ଖୋର୍ଦ୍ଧା ଅଫିସ/ନିରାକାରପୁର/ ଟାଙ୍ଗୀ(ଖୋର୍ଦ୍ଧା)/ ଜଟଣୀ, ୧୨।୧(ଡି.ଏନ୍.ଏ.)

ଖୋର୍ଦ୍ଧା ପୋଲିସ ଓ ଟାଙ୍ଗୀ ଅବକାରୀ ବିଭାଗ ନୂଆ ବସ୍‌ଷ୍ଟାଣ୍ଡ ଏବଂ ରାମେଶ୍ୱର ଛକରେ ଚଢାଉ କରି ୩୬କେଜି ଗଞ୍ଜେଇ ଜବତ ସହ ଏହି ଘଟଣାରେ ଜଣେ ମହିଳାଙ୍କ ସମେତ ୪ଜଣଙ୍କୁ ଗିରଫ କରିଛନ୍ତି । ସେମାନେ ହେଲେ କନ୍ଧମାଳ ଜିଲା ଗୁଛାପଡା ଥାନା ଅନ୍ତର୍ଗତ ମୁସେଲିପଙ୍ଗା ଗ୍ରାମର ଯଶୋଦା ଦିଗାଲ ଓ କାଳିମୁଣ୍ଡ ଗ୍ରାମର ଜନେକ ଦିଗଲ, ପଶ୍ଚିମବଙ୍ଗ ମୁର୍ଶିଦାବାଦ ଥାନା ଚୋରଖୁଦାବାଡିର ସୁରଜ ମଣ୍ଡଳ ଏବଂ ଆଜାଦହିନ୍ଦ୍‌ବାଗର ଶୀମନ୍ତ ମଣ୍ଡଳ। ଜବତ ଗଞ୍ଜେଇର ମୂଲ୍ୟ ୧ଲକ୍ଷ ୮୦ହଜାର ହେବ

### ମହିଳାଙ୍କ ସମେତ ୪ ଗିରଫ

ବୋଲି ଅବକାରୀ ଇନ୍ସପେକ୍ଟର ଭୈରବ ସାହୁ କହିଛନ୍ତି। ଏହି ଅଭିଯୋଗରେ ୨ଟି ପୃଥକ ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ, ଯଶୋଦା, ସୁରଜ ଓ ଶୀମନ୍ତ କନ୍ଧମାଳରୁ ଗଞ୍ଜେଇ ଆଣି ପଶ୍ଚିମବଙ୍ଗ ଅଭିମୁଖେ ବସ୍ ଯୋଗେ ଯାଉଥିଲେ। ସ୍ଥାନୀୟ ନୂଆ ବସ୍‌ଷ୍ଟାଣ୍ଡରେ ବସ୍‌ରୁ ଓହ୍ଲାଇ ଅନ୍ୟ ଏକ ବସ୍‌କୁ ଅପେକ୍ଷା କରିଥିଲେ। ଖବର ପାଇ ଅବକାରୀ ଇନ୍ସପେକ୍ଟର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉ କରିଥିଲେ। ପୋଲିସ ତାଙ୍କଠାରୁ ୨୮କେଜି ଶହେ ଗ୍ରାମ ଓଜନର ଗଞ୍ଜେଇ ଜବତ କରିଥିଲେ । ସେହିପରି ଜନେକ ରାମେଶ୍ୱର ଛକରୁ ଓହ୍ଲାଇ ଟାଙ୍ଗି ଯିବାକୁ ଅପେକ୍ଷା କରିଥିଲେ। ଖବରପାଇ ଟାଙ୍ଗି ଅବକାରୀ ପୋଲିସ ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୮କେଜି ଗଞ୍ଜେଇ ଜବତ କରିଛି।

ଖୋର୍ଦ୍ଧାରୋଡ ରେଳ ସୁରକ୍ଷାବଳ ଓ ଜିଆର୍‌ପିର ମିଳିତ ଉଦ୍ୟମରେ ୨ଟି ବ୍ୟାଗରୁ ୨୪ କେଜି ୯୦୦ ଗ୍ରାମର ଗଞ୍ଜେଇ ଜବତ ହୋଇଛି। ଏ ନେଇ ଖୋର୍ଦ୍ଧାରୋଡ ଜିଆର୍‌ପି କେସ ନଂ.୫/୨୨ରେ ମାମଲା ରୁଜୁ କରିଛି। ବୁଧବାର ଭୋର ୩.୪୫ରେ ଖୋର୍ଦ୍ଧାରୋଡ ଷ୍ଟେଶନରେ ଜଣେ ଲୋକ ଦୁଇଟି ଟ୍ରଲି ବ୍ୟାଗ ଧରି ବୁଲୁଥିବାର ଦେଖି ଏସ୍‌ଟିଏଫ୍‌ର ଯବାନ ସନ୍ଦେହ କରି ଧରିଥିଲେ। ଜବତ ଗଞ୍ଜେଇ ବ୍ୟାଗକୁ ଜିଆରପିକୁ ହସ୍ତାନ୍ତର କରାଯାଇଛି।

### ପାହାଡ଼ ବ୍ଲାଷ୍ଟିଂ ବେଳେ ମହିଳା ଗୁରୁତର

ବେଗୁନିଆ,୧୨।୧(ଡି.ଏନ୍.ଏ)

ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅଞ୍ଚଳରେ ବୁଧବାର ମାଫିଆମାନେ ପାହାଡ଼ରେ ବେଆଇନ ବ୍ଲାଷ୍ଟିଂ କରୁଥିବା ସମୟରେ ପଥର ଖଣ୍ଡ ପଡି ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ଆହତ ମହିଳା ହେଲେ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଜାମୁସାହି ଗ୍ରାମର ଶୋଭାସିନୀ ବେହେରା। ପ୍ରକାଶ ଯେ, ପରିଛଳ ମୌଜାରେ ଥିବା ଶ୍ରୀଜଗନ୍ନାଥଙ୍କ ପାହାଡ଼କୁ ଏକ ଘରୋଇ ସଂସ୍ଥା ଖନନ ପାଇଁ ନିଲାମ ନେଇଛି। ପାହାଡକୁ ବ୍ଲାଷ୍ଟିଂ କରାଯାଇ କଳା ମୁଗୁନି ପଥର କାଟି ଦୈନିକ ବାହାରକୁ ଚାଲାଣ କରୁଛି। ତେବେ ବୁଧବାର ଅପରାହ୍ନ ପ୍ରାୟ ୩ଟା ବେଳେ ପଥର ବ୍ଲାଷ୍ଟିଂ କରୁଥିଲେ। ହଠାତ୍ ପ୍ରଚଣ୍ଡ ଶବ୍ଦ ଶୁଣି ଜାମୁସାହି, ଦଳକ, ଡଙ୍ଗରପଡା, ପରିଛଳ ଆଦି ମୌଜାରେ ବାସ କରୁଥିବା ବାସିନ୍ଦା ସ୍ତବ୍ଧ ହୋଇଯାଇଥିଲେ। ସେହି ସମୟରେ ଶୋଭାସିନୀ ନିଜ ଗୋରୁଙ୍କୁ ଗୁହାଳକୁ ନେଉଥିଲେ। ତାଙ୍କ ଶରୀରରେ ଏକ ପଥର ଖଣ୍ଡ ଆସି ବାଜିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ବେଗୁନିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଉପରେ ଦୃଷ୍ଟି ରଖିଛି।

### ୮ ନାବାଳକ ଶ୍ରମିକ ଉଦ୍ଧାର

ଜଟଣୀ, ୧୨।୧(ଡି.ଏନ୍.ଏ.)

ଖୋର୍ଦ୍ଧାରୋଡ ରେଳ ଷ୍ଟେଶନରୁ ରେଳ ସୁରକ୍ଷା ବଳଙ୍କ ଦ୍ୱାରା ୮ ଶିଶୁ ଶ୍ରମିକ ବୁଧବାର ଉଦ୍ଧାର ହୋଇଛନ୍ତି। ଆରପିଏଫର ଏସ୍‌ଟିଏଫ୍ ଟିମ୍ ବିହାର ମୁଜାଫରପୁରରୁ ଯଶବନ୍ତପୁରକୁ ଯାଉଥିବା ମୁଜାଫରପୁର ଯଶବନ୍ତପୁର ଏକ୍ସପ୍ରେସ୍‌ରେ ୮ଜଣ ନାବାଳକ ଶ୍ରମିକ ଯାଉଥିବା ଖବର ପାଇଥିଲା। ସୂଚନା ପରେ ଏସ୍‌ଟିଏଫ୍ ଟିମ୍ କଟକ ଷ୍ଟେଶନରୁ ନଜର ରଖି ଜଟଣୀ ଖୋର୍ଦ୍ଧାରୋଡ୍ ଷ୍ଟେଶନରେ ଆର୍‌ପିଏଫ୍ ଓ ଜିଆର୍‌ପି ମିଳିତ ଭାବେ ସେହି ୮ଜଣ ନାବାଳକଙ୍କୁ ପଚାରିବାରୁ ଶ୍ରମିକ କାମ କରିବାକୁ ଟ୍ରେନ୍‌ରେ ଯାଉଥିବା ସ୍ୱୀକାର କରିଥିଲେ। ତେବେ ସେହି ୮ ଜଣଙ୍କୁ ଆର୍‌ପିଏଫ ଓ ଜିଆର୍‌ପି ଉଦ୍ଧାର କରି ଖୋର୍ଦ୍ଧା ସିଡବ୍ଲୁସିଙ୍କୁ ହସ୍ତାନ୍ତର କରିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୌମ୍ୟକାନ୍ତ



@ ପ୍ରଭାତ



@ ସୁବ୍ରତ



@ ମୋନାଲିସା



@ ଅର୍ପିତା



@ ମନୁଶ୍ରୀ

# ମିଶନାରି ସଂସ୍ଥାକୁ ଆର୍ଥିକ ପ୍ରୋତ୍ସାହନକୁ ବିରୋଧ

ଖୋର୍ଦ୍ଧା ଅଫିସ,୧୨।୧

ଓଡ଼ିଶାର ବିଭିନ୍ନ ମିଶନାରି ସଂସ୍ଥାକୁ ଆର୍ଥିକ ପ୍ରୋତ୍ସାହନ ସହ ସୁରକ୍ଷା ଦେବା ପାଇଁ ରାଜ୍ୟ ସରକାର ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ପ୍ରତିବାଦରେ ବୁଧବାର ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ଖୋର୍ଦ୍ଧା ଜିଲା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଅନୁଜ ଦାସପଟ୍ଟନାୟକଙ୍କୁ ଅଭିଯୋଗପତ୍ର ଦିଆଯାଇଛି। ଏଥିରେ ଦର୍ଶାଯାଇଛି, ଓଡ଼ିଶା ଏକ ହିନ୍ଦୁବହୁଳ ରାଜ୍ୟ। ଏଠାରେ ବିଭିନ୍ନ ଭାଷାଭାଷୀ

### ରାଜ୍ୟପାଳଙ୍କ ହସ୍ତକ୍ଷେପ ପାଇଁ ଦାବିପତ୍ର

ସମ୍ପ୍ରଦାୟର ଲୋକେ ବାସ କରୁଛନ୍ତି। ତେବେ ରାଜ୍ୟ ସରକାର ଖ୍ରୀଷ୍ଟିଆନ ସଂସ୍ଥାଗୁଡ଼ିକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି (ସିଏମ୍‌ଆର୍‌ଏଫ୍)ରୁ ୭୮ ଲକ୍ଷ ୭୬ହଜାର ଟଙ୍କା ଅନୁଦାନ ଦେଇଛନ୍ତି। ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦାବିପତ୍ର ଦେବା ବେଳେ ସମ୍ପାଦକ ପ୍ରଦୀପ ସ୍ୱାଇଁ, ନରେନ୍ଦ୍ର ସାହୁ, ଉପଦେଷ୍ଟା ଗୁଣନିଧି ମହାପାତ୍ର, ଅଜିତ ସିଂ ଉପସ୍ଥିତ ଥିଲେ।



ପୁରୀଠାରେ ବୁଧବାର ମହାନ ସଂଗ୍ରାମୀ ଚାଖି ଖୁଣ୍ଟିଆଙ୍କ ୨୦୦ତମ ଜୟନ୍ତୀ ପାଳନ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।




ସୁର ସମ୍ରାଜ୍ଞୀ ଲତା ମଙ୍ଗେସକରଙ୍କ ସୁସ୍ଥତା କାମନା କରି ବୁଧବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।



ଭୁବନେଶ୍ୱର ସୂଚନା ଓ ଲୋକସମ୍ପର୍କ ବିଭାଗ ସମ୍ମିଳନୀ କକ୍ଷରେ ବୁଧବାର ବିପ୍ଳବୀ ଚକରା ବିଷୋୟୀଙ୍କ ୧୯୯ତମ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୧୩/୨୦୨୨ Bhubaneswar, Thursday, January 13/ 2022

# ଓଡ଼ିଶାର ଦୀପ୍‌ଗ୍ରେସ୍, ମାରିଆନା ସାମିଲ

## ଏସିଆ କପ୍ ମହିଳା ହକି ପାଇଁ ଭାରତୀୟ ଦଳ ଘୋଷିତ

**ନୂଆଦିଲ୍ଲୀ, ୧୨।୧(ପି.ଟି.)**

ମସ୍କଟରେ ହେବାକୁଥିବା ଏସିଆ କପ୍ ମହିଳା ହକି ପାଇଁ ବୁଧବାର ୧୮ ଜଣିଆ ଶକ୍ତିଶାଳୀ ଭାରତୀୟ ଦଳ ଘୋଷିତ ହୋଇଛି। ଏହି ଦଳରେ ଓଡ଼ିଶାର ୨ ଖେଳାଳି ଦୀପ୍‌ଗ୍ରେସ୍ ଏକ୍କା ଓ ମାରିଆନା କୁଜୁର ସାମିଲ ଅଛନ୍ତି। ଗୋଲକିପର ସବିତା ଅଧିନାୟିକା ମନୋନୀତ ହୋଇଥିବାବେଳେ ଦୀପ୍‌ଗ୍ରେସ୍‌ଙ୍କୁ ଉପଅଧିନାୟିକାର ଗୁରୁଦାୟିତ୍ୱ ଦିଆଯାଇଛି। ଟୋକିଓ ଅଲିମ୍ପିକ୍ସରେ ଖେଳିଥିବା ଦଳରୁ ୧୬ ଖେଳାଳି ଏସିଆ କପ୍ ପାଇଁ ମନୋନୀତ ହୋଇଛନ୍ତି। ଭାରତୀୟ ଦଳର ନିୟମିତ ଅଧିନାୟିକା ରାଣୀ ରାମପାଲ ଆହତ ସମସ୍ୟାରେ ଥିବାରୁ ସବିତାଙ୍କୁ ନେତୃତ୍ୱଭାର ପ୍ରଦାନ କରାଯାଇଛି। ମସ୍କଟର ସୁଲତାନ କାବୋସ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚଳିତ ମାସ ୨୧ରୁ ୨୮ ପର୍ଯ୍ୟନ୍ତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ମହିଳା ଏସିଆ କପ୍ ପାଇଁ ଭାରତ ପୁଲ୍ 'ଏ'ରେ ଜାପାନ, ମାଲେସିଆ ଓ ସିଙ୍ଗାପୁର ସହିତ ସ୍ଥାନ ପାଇଛି। ପୁଲ୍ 'ବି'ରେ



ଦୀପ୍‌ଗ୍ରେସ୍ ଏକ୍କା



ମାରିଆନା କୁଜୁର

ଚାଇନା, ଇଣ୍ଡୋନେସିଆ, ଦକ୍ଷିଣ କୋରିଆ ଓ ଥାଇଲାଣ୍ଡ ରହିଛି। ଡିଫେଣ୍ଡିଂ ଚାମ୍ପିୟନ ଭାରତ ଏହାର ପ୍ରଥମ ମ୍ୟାଚ ୨୧ରେ ମାଲେସିଆ, ୨୩ରେ ଜାପାନ ଓ ୨୪ରେ ସିଙ୍ଗାପୁର ବିପକ୍ଷରେ ଖେଳିବ। ଦୁଇ ସେମିଫାଇନାଲ ଜାନୁୟାରୀ ୨୬ରେ ଓ ଫାଇନାଲ ୨୮ ତାରିଖରେ ଖେଳାଯିବ। ଏହି ସମ୍ମାନଜନକ ପ୍ରତିଯୋଗିତାରୁ ଶ୍ରେଷ୍ଠ ୪ ଦଳ ୨୦୨୨ରେ ସ୍ପେନ ଓ ନେଦରଲାଣ୍ଡରେ ହେବାକୁଥିବା ମହିଳା ହକି ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିବେ। ପ୍ରତିଯୋଗିତାର ପୂର୍ବ ସଂସ୍କରଣ ୨୦୧୭ରେ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ଚାଇନାକୁ ୫-୪ ଗୋଲରେ ହରାଇ ଭାରତ ଚାମ୍ପିୟନ ହୋଇଥିଲା।

**ଭାରତୀୟ ଦଳ**

ଗୋଲକିପର: ସବିତା (ଅଧିନାୟିକା), ରଜନୀ ଇଟିମାରପୁ। **ଡିଫେଣ୍ଡର:** ଦୀପ୍‌ଗ୍ରେସ୍ ଏକ୍କା (ଉପ-ଅଧିନାୟିକା), ଗୁରଜିତ କୌର, ନିକ୍କି ପ୍ରଧାନ, ଉଦିତା। **ମିଡ୍‌ଫିଲ୍ଡର:** ନିଶା, ସୁଶିଳା ଚାନୁ, ମୋନିକା, ନେହା, ସାଲିମା ଟେଟେ, ଜ୍ୟୋତି, ନବଜୋତ କୌର। **ଫରୱାର୍ଡ:** ନବନୀତ କୌର, ଲାଲରେମସିଆମି, ବନ୍ଦନା କାଟରିଆ, ମାରିଆନା କୁଜୁର, ଶର୍ମିଳା ଦେବୀ।

# ଲଭଲିନା ହେଲେ ଡିଏସ୍‌ପି

**ନୂଆଦିଲ୍ଲୀ,୧୨।୧:** ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ ତଥା ମହିଳା ବକ୍ସର ଲଭଲିନା ବୋରଗୋହେନ ଆସାମ ପୋଲିସରେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ୍ (ଡିଏସ୍‌ପି) ଭାବେ ନିଯୁକ୍ତି ପାଇଛନ୍ତି। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ବୁଧବାର ତାଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଗୁଆହାଟୀସ୍ଥିତ ସଚିବାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ପୋଲିସ ବିଭାଗରେ ଏହି ଚାକିରି ପ୍ରଦାନ କରିବା ସହ ସମ୍ମାନିତ କରାଯାଇଥିଲା। ସମୟକ୍ରମେ ସେ ଇଣ୍ଡିଆନ ପୋଲିସ ସର୍ଭିସ (ଆଇପିଏସ୍) କ୍ୟାଡରରେ ସାମିଲ ହେବେ ବୋଲି ସରକାରଙ୍କ ତରଫରୁ କୁହାଯାଇଛି। ଲଭଲିନା ବେଶ୍ ଭାବପ୍ରବଣ ହୋଇ ଆସାମ ସରକାର ଓ ପୋଲିସ ବିଭାଗକୁ କୃତଜ୍ଞତା ଜଣାଇଥିଲେ। ସେ ପୂରା ନିଷ୍ଠାର ସହ ପୋଲିସ ବିଭାଗ ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଗତବର୍ଷ ଅନୁଷ୍ଠିତ ଟୋକିଓ ଅଲିମ୍ପିକ୍ସରେ ଲଭଲିନା ବ୍ରୋଞ୍ଜ ପଦକ ହାସଲ କରି କେବଳ ଆସାମ ନୁହେଁ ସାରା ଦେଶକୁ ଗର୍ବିତ କରିଥିଲେ। ମାସିକ ଦରମା ବ୍ୟତୀତ ସେ ପ୍ରତିମାସ ଅତିରିକ୍ତ ଏକ ଲକ୍ଷ ଟଙ୍କା ପ୍ରଶିକ୍ଷଣ ନେବା ପାଇଁ ପାଇବେ।

# କେରଳଠାରୁ ହାରିଲା ଓଡ଼ିଶା

**ଭାସ୍କୋ,୧୨।୧:**



ବିଜୟ ହାସଲ ପରେ କେରଳ ଦଳ

ଆଇଏସ୍‌ଏଲ୍‌ରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ଆଉଏକ ପରାଜୟ ବରଣ କରିଛି। ସ୍ଥାନୀୟ ତିଳକ ମଇଦାନରେ ଅନୁଷ୍ଠିତ ଏହି ଫୁଟବଲ ଲିଗ୍‌ର ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ କେରଳ ବ୍ଲାଷ୍ଟର୍ସ ୨-୦ ଗୋଲରେ ଓଡ଼ିଶାକୁ ପରାସ୍ତ କରିଛି। ନୀଶୁ କୁମାର ୨୮ତମ ମିନିଟ୍ ଗୋଲ ସ୍କୋର କରି କେରଳକୁ ଅଗ୍ରଣୀ କରାଇଥିଲେ। ସେହିପରି ୪୦ତମ ମିନିଟ୍‌ରେ ହରମନଜୋତ ଖାବ୍ରା ଆଉ ଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ସୁଦ୍ଧା କେରଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧରେ କେରଳ ପ୍ରଭାବ ବିସ୍ତାର କରି ଖେଳିଥିଲା। ଦ୍ୱିତୀୟାର୍ଦ୍ଧରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ଆଉ କୌଣସି ଗୋଲ ସମ୍ଭବ ନ ହେବା କାରଣରୁ କେରଳ ବିଜୟୀ ହୋଇଥିଲା।

ଏଥିସହି କେରଳ ୧୧ ମ୍ୟାଚ୍ ଖେଳି ୫ ବିଜୟ, ୫ ଡ୍ର ଓ ୧ ପରାଜୟ ସହ ୨୦ ପଏଣ୍ଟ ପାଇଁ ତା'ର ଶୀର୍ଷସ୍ଥାନକୁ ଆହୁରି ମଜବୁତ କରିଛି। ଅନ୍ୟପଟେ ଓଡ଼ିଶା ୧୦ ମ୍ୟାଚ୍ ଖେଳି ୪ ବିଜୟ, ୧ ଡ୍ର ଓ ୫ ପରାଜୟ ସହ ୧୩ ପଏଣ୍ଟ ହାସଲ କରି ତାଲିକାର ଅଷ୍ଟମ ସ୍ଥାନରେ ରହିଛି। ମ୍ୟାଚ ପୂର୍ବରୁ ଓଡ଼ିଶା ଏଫ୍‌ସିର ପ୍ରଥମ ପସନ୍ଦ ଗୋଲକିପର କମଲଜିତ ସିଂ କୋଭିଡ ପଜିଟିଭ୍ ଜଣା ପଡ଼ିଥିଲେ। ମାତ୍ର ଅନ୍ୟ ସମସ୍ତ ଖେଳାଳି ନେଗେଟିଭ୍ ଆସିଥିଲେ। ରିଜର୍ଭ ଗୋଲକିପର ଅର୍ଶଦୀପ ସିଂଙ୍କୁ ନେଇ ଓଡ଼ିଶା ଏଫ୍‌ସି ଖେଳିଥିଲା।

# ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିୟନ



ଚାମ୍ପିୟନ ରାମେଶ୍ୱର ସ୍ପୋର୍ଟିଂ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୧୨।୧ (କ୍ରୀଡ଼ା ପ୍ରତିନିଧି):** ପୁରୁଣା ଭୁବନେଶ୍ୱରସ୍ଥିତ ବିଏମ୍ ହାଇସ୍କୁଲ ପଡ଼ିଆରେ ୪ର୍ଥ ଅମରେନ୍ଦ୍ର ପ୍ରସାଦ ବଳ ସ୍ମାରକୀ ରାମେଶ୍ୱର କପ୍ (୧୫ ବର୍ଷରୁ କମ୍) କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ପାରାମାଉଣ୍ଟକୁ ହରାଇ ଆୟୋଜକ ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାରାମାଉଣ୍ଟ ୨୫ ଓଭରରେ ୬ ଉଇକେଟ ହରାଇ ୧୨୯ ରନ କରିଥିଲା। ଦଳ ପକ୍ଷରୁ ରୁଦ୍ର ମଲିକ ସର୍ବାଧିକ ୫୫ ଓ ଏସ୍. ତୌଫେଲ ୨୩ ରନ କରିଥିଲେ। ବିପକ୍ଷ ଦଳର ବିନୋଦ କୁମାର ୨ଟି ଉଇକେଟ ନେଇଥିଲେ। ଜବାବରେ ରାମେଶ୍ୱର ସ୍ପୋର୍ଟିଂ ୨୪ ଓଭରରେ ୬ ଉଇକେଟ ହରାଇ ୧୩୧ ରନ ସଂଗ୍ରହ କରି ନେଇଥିଲା। ଆକାଶ ମହାପାତ୍ର ୫୮ ବଲ୍‌ରୁ ୮୫ ରନରେ ଅପରାଜିତ ରହି ଦଳକୁ ବିଜୟୀ କରାଇଥିଲେ। ପାରାମାଉଣ୍ଟ ବୋଲର ଅନିକେତ ମହାନ୍ତି ୩ଟି ଉଇକେଟ ନେଇଥିଲେ। ଆକାଶ ମହାପାତ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ, ସ୍ୱୟମ ପଣ୍ଡା ମ୍ୟାନ୍ ଅଫ୍ ଦି ସିରିଜ, ଶୁଭାଶିଷ ମଲିକ ଶ୍ରେଷ୍ଠ ବ୍ୟାଟର, ଅନିକେତ ମହାନ୍ତି ଶ୍ରେଷ୍ଠ ବୋଲର, କୁମାର ଆର୍ଯ୍ୟନ ଶ୍ରେଷ୍ଠ ଫିଲ୍ଡର ଓ ଜଗଦୀଶ ମହାପାତ୍ର ଉଦୀୟମାନ ଖେଳାଳି ପୁରସ୍କାର ପାଇଥିଲେ। ରାମେଶ୍ୱର ସ୍ପୋର୍ଟିଂ କ୍ଲବ ସଭାପତି ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ରାମେଶ୍ୱର ସ୍ପୋର୍ଟିଂ ପରାମର୍ଶଦାତା ରାଧାନାଥ ମହାପାତ୍ର, ପୂର୍ବତନ କର୍ପୋରେଟର ବାବୁଲି ସମର୍ଥା, ସାମାଜିକ କର୍ମୀ ମଦନ ମୋହନ ପ୍ରଧାନ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାମେଶ୍ୱର ସ୍ପୋର୍ଟିଂ କ୍ଲବ ସମ୍ପାଦକ ଦୀପକ ମଙ୍ଗରାଜ ଅଧ୍ୟକ୍ଷତା କରିଥିଲେ। ଚାମ୍ପିୟନ ରାମେଶ୍ୱରକୁ ଟ୍ରଫି ସହ ୧୧,୧୧୧ ଟଙ୍କା, ରନର୍ସଅପ୍ ପାରାମାଉଣ୍ଟକୁ ଟ୍ରଫି ସହ ୬,୬୬୬ ଟଙ୍କା ପ୍ରଦାନ କରାଯାଇଥିଲା। ଓସିଏ ପ୍ୟାନେଲ ଅମ୍ପାୟର ନିର୍ମଳ ମିଶ୍ର ଓ ସତ୍ୟବ୍ରତ ମହାପାତ୍ର ମ୍ୟାଚ ପରିଚାଳନା କରିଥିଲେ।

# ଦୋଷ ସ୍ୱୀକାର କଲେ ଜୋକୋଭିଚ୍




**ମେଲବର୍ଣ୍ଣ,୧୨।୧:** ବିଶ୍ୱର ୧ ନମ୍ବର ଟେନିସ ଖେଳାଳି ସର୍ବିୟାର ନୋଭୋକ ଜୋକୋଭିଚ୍ ଅଷ୍ଟ୍ରେଲିଆନ ଓପନ୍‌ରେ ଅଂଶଗ୍ରହଣ କରିବା ସମ୍ଭାବନା ଆହୁରି କ୍ଷୀଣ ହେବାରେ ଲାଗିଛି। ଏବେ ସେ ନିଜର ତ୍ରୁଟି ସ୍ୱୀକାର କରିଛନ୍ତି ଓ ଏଥିପାଇଁ ସଫେଇ ଦେବାକୁ ପ୍ରୟାସ କରିଛନ୍ତି। ଗତ ସପ୍ତାହରେ ମେଲବର୍ଣ୍ଣରେ ପହଞ୍ଚିବା ପରେ ସେ ଦାଖଲ କରିଥିବା ଇମିଗ୍ରେଶନ ଦସ୍ତାବିଜ୍‌ରେ ଏକାଧିକ ତ୍ରୁଟି ରହିଥିବା କଥା ସ୍ୱୀକାର କରିଛନ୍ତି।

ବୁଧବାର ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଷ୍ଟେଟମେଣ୍ଟ ଜାରି କରି ଜୋକୋଭିଚ୍ ବୁଧବାର ଏହି ଦସ୍ତାବିଜରେ କେତୋଟି ଭୁଲଥିବା କଥା ଉଲ୍ଲେଖ କରିଛନ୍ତି। ସେ ୨୦ ବର୍ଷୀୟ ଅଷ୍ଟ୍ରେଲୀୟ ଟେନିସ ଖେଳାଳି କ୍ରିଷ୍ଟାନ ସ୍କୁଲକେଟ୍‌ଙ୍କ ସହ ରଡ ଲାଭର ଏରିନାରେ ମଧ୍ୟ ଅଭ୍ୟାସ କରୁଥିବାର ଦେଖାଯାଇଛି। ୯ଥର ଅଷ୍ଟ୍ରେଲିଆନ୍ ଓପନ୍ ଟାଇଟଲ ହାସଲ କରିଥିବା ଜୋକୋଭିଚ୍ ଏଥର ଖେଳିବା ନେଇ ସୋମବାରଠାରୁ ଆଶଙ୍କା ପ୍ରକଟ ହୋଇଥିଲା। କୋଭିଡ୍-୧୯ ଟିକା ନେଇ ନ ଥିବାରୁ ପ୍ରତ୍ୟର୍ପଣ କରାଯିବା ଭଳି ଅଭାବନୀୟ ସ୍ଥିତି ଦେଖା ଦେଇଥିଲା।

ଅଷ୍ଟ୍ରେଲିଆ ପ୍ରସ୍ଥାନ କରିବା ପୂର୍ବରୁ ୧୪ ଦିନ ମଧ୍ୟରେ ଜୋକୋଭିଚ୍ ଭ୍ରମଣ କରି ନ ଥିବା ଇମିଗ୍ରେଶନ ଦସ୍ତାବିଜ୍‌ରେ ଉଲ୍ଲେଖ କରିଥିଲେ। ତେବେ ମଣ୍ଟେ କାର୍ଲୋରେ ରହୁଥିବା ଏହି ତାରକା ଖେଳାଳି ଦୁଇ ସପ୍ତାହ ମଧ୍ୟରେ ସ୍ପେନ୍ ଓ ସର୍ବିୟାରେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଗତମାସରେ ସେ ନିଜ ଦେଶ ସର୍ବିୟାରେ ମଧ୍ୟ ବିଭିନ୍ନ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ଅଷ୍ଟ୍ରେଲିଆରେ ପ୍ରବେଶ କରିବା ପୂର୍ବରୁ ଦସ୍ତାବିଜରେ ସେ ଏକାଧିକ ତ୍ରୁଟି କରିଥିଲେ। ସେ ରାପିଡ ଟେଷ୍ଟ କରାଇଥିଲେ ଓ ଏହା ନେଗେଟିଭ ବୋଲି ଜଣାପଡିଥିଲା। ଏହାପରେ ଅନ୍ୟ ଏକ ଟେଷ୍ଟରେ ସେ ପଜିଟିଭ ବୋଲି ଜଣା ପଡ଼ିଥିଲା। ତେବେ ତାଙ୍କଠାରେ କୌଣସି ଲକ୍ଷଣ ଦେଖାଯାଇ ନ ଥିଲା। ରିପୋର୍ଟ ଅନୁସାରେ ସେ କରୋନା ସଂକ୍ରମିତ ହେବା ସତ୍ତ୍ୱେ ଜଣେ ଖବରଦାତାଙ୍କ ସହ ସାକ୍ଷାତ କରିଥିଲେ। ତେଣୁ ଦସ୍ତାବିଜ୍‌ରେ ଥିବା ତ୍ରୁଟି ପାଇଁ ତାଙ୍କର ଭିଜା ଏବେ ମଧ୍ୟ ରଦ୍ଦ ହେବାର ଆଶଙ୍କା ରହିଛି।

ସଂକ୍ରମିତ ହେବା ପରେ ନିଜକୁ ଆଇସୋଲେଟ୍ କରି ନ ଥିବା କଥା ସେ ସ୍ୱୀକାର କରିଛନ୍ତି। ପଜିଟିଭ ବୋଲି ଜାଣିବା ପରେ ନିଜକୁ ଆଇସୋଲେଟ୍ କରିବାର ଥିଲା। ଦସ୍ତାବିଜରେ ଭ୍ରମଣ ବିଷୟ ତାଙ୍କ ସପୋର୍ଟ ଟିମ୍ ଉଲ୍ଲେଖ ନ କରିବା ଏକ ମାନବୀୟ ତ୍ରୁଟି। ମୋ ଏଜେଣ୍ଟ ଭୁଲ ବକ୍ସରେ ଚିହ୍ନ ମାରି ତ୍ରୁଟି କରିଛନ୍ତି। ଜାଣିଶୁଣି ଏପରି ଭୁଲ କରାଯାଇ ନାହିଁ। ତେବେ ଏଥିପାଇଁ ମୋ ସପୋର୍ଟ ଟିମ୍ କ୍ଷମା ଚାହୁଁଛି ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ଭିଜା ମାମଲାରେ ଅଷ୍ଟ୍ରେଲିଆ ସରକାରଙ୍କ ବିପକ୍ଷରେ ଜୋକୋଭିଚ୍ କୋର୍ଟରେ କେସ୍ ଜିତିଥିଲେ। ଭିଜା ରଦ୍ଦ ନିଷ୍ପତ୍ତିକୁ କୋର୍ଟ ଭୁଲ ଥିଲା ବୋଲି କହିଥିଲେ। ତାଙ୍କୁ ଡିଟେନସନ ସେଣ୍ଟରରୁ ମୁକ୍ତ କରାଯାଇଥିଲା। ଭିଜା ସମେତ ଅନ୍ୟ ସାମଗ୍ରୀ ତାଙ୍କୁ ଫେରାଇ ଦେବାକୁ କୋର୍ଟ କହିଥିଲେ। ଏହା ପରେ ସେ ଅଭ୍ୟାସ କରିଥିଲେ।

# କୋହଲି, ରୋହିତ ଅପରିବର୍ତ୍ତିତ

## ଆଇସିସି ଟେଷ୍ଟ ର୍‍ୟାଙ୍କିଂ

**ଦୁବାଇ,୧୨।୧:** ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ର୍‍ୟାଙ୍କିଂରେ ଭାରତୀୟ ଅଧିନାୟକ ବିରାଟ କୋହଲି ଓ ଅଭିଜ୍ଞ ଓପନର ରୋହିତ ଶର୍ମା ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ରୋହିତ ଓ



କୋହଲି ପୂର୍ବପରି ଯଥାକ୍ରମେ ପଞ୍ଚମ ଓ ନବମ ସ୍ଥାନରେ ରହିଛନ୍ତି। ବୁଧବାର ପ୍ରକାଶିତ ଏହି ର୍‍ୟାଙ୍କିଂରେ ରୋହିତ ୭୮୧ ଓ କୋହଲି ୭୪୦ ରେଟିଂ ପଏଣ୍ଟ ପାଇ ଟପ୍-୧୦ରେ ସାମିଲ ରହିଛନ୍ତି। ବ୍ୟାଟିଂ ତାଲିକାରେ ଅଷ୍ଟ୍ରେଲିଆର ମାର୍ନସ ଲାବୁସେନ ୯୨୪ ପଏଣ୍ଟ ପାଇ ଶୀର୍ଷରେ ରହିଛନ୍ତି। ସେହିପରି ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ (୮୮୧) ଓ ଷ୍ଟିଭ୍ ସ୍ମିଥ୍ (୮୭୧) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ ୮୬୨ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଛନ୍ତି। ଭାରତୀୟ ଓପନର ମୟଙ୍କ ଅଗ୍ରୱାଲ ଗୋଟିଏ ସ୍ଥାନ ତଳକୁ ଖସି ୧୩ତମ ସ୍ଥାନରେ ରହିଛନ୍ତି।

ବୋଲିଂ ତାଲିକାରେ ଅଭିଜ୍ଞ ଭାରତୀୟ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ୮୬୧ ରେଟିଂ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ବଜାୟ ରଖିବାକୁ ସକ୍ଷମ ହୋଇଛନ୍ତି। ଅନ୍ୟ କୌଣସି ଭାରତୀୟ ବୋଲର ଶ୍ରେଷ୍ଠ-୧୦ରେ ସାମିଲ ହୋଇପାରିନାହାନ୍ତି। ଅଷ୍ଟ୍ରେଲୀୟ ଅଭିଜ୍ଞ ଦ୍ରୁତ ବୋଲର ତଥା ଅଧିନାୟକ ପ୍ୟାଟ୍ କମିନ୍ସ ବୋଲିଂ ତାଲିକାର ଶୀର୍ଷରେ ରହିଛନ୍ତି। ଅଶ୍ୱିନ ଦ୍ୱିତୀୟ ଓ ନ୍ୟୁଜିଲାଣ୍ଡର କାଏଲ ଜେମିସନ ୬ଟି ସ୍ଥାନ ଉପରକୁ ଉଠି ତୃତୀୟ ସ୍ଥାନରେ ରହିଛନ୍ତି। ଟେଷ୍ଟ ଅଲରାଉଣ୍ଡର ତାଲିକାରେ ଅଶ୍ୱିନ ମଧ୍ୟ ପୂର୍ବପରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର ଜାସନ ହୋଲ୍ଡର ଶୀର୍ଷରେ ରହିଛନ୍ତି।

# ଭାରତୀୟ ଦଳରେ ଜୟନ୍ତ, ସଇନୀ

## ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ

**ମୁମ୍ବାଇ, ୧୨।୧(ପି.ଟି.)**

ବେଙ୍ଗାଲୁରୁସ୍ଥିତ କ୍ୟାମ୍ପ ଅବସରରେ କୋଭିଡ୍-୧୯ ପଜିଟିଭ୍ ଜଣାପଡ଼ିବାରୁ ଭାରତୀୟ ଅଫ୍ ସ୍ପିନର ୱାଶିଂଟନ ସୁନ୍ଦର ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜରୁ ଓହରି ଯାଇଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ବୁଧବାର ଏକ ବିବୃତିରେ ଏହା ପ୍ରକାଶ କରାଯାଇଛି। ସୁନ୍ଦରଙ୍କ ସ୍ଥାନରେ ଜୟନ୍ତ ଯାଦବଙ୍କୁ ଦଳରେ ସାମିଲ କରାଯାଇଛି। ସେହିପରି ହାମ୍‌ଷ୍ଟ୍ରିଙ୍ଗ ଇଞ୍ଜୁରିରୁ ମୁକୁଳୁଥିବା ମହମ୍ମଦ ସିରାଜଙ୍କ ବ୍ୟାକ୍‌ଅପ୍ ଖେଳାଳିଭାବେ ନବଦୀପ ସଇନୀଙ୍କୁ ନିଆଯାଇଛି। ଚଳିତ ମାସ ୧୯ ତାରିଖରୁ ଦୁଇ ଦେଶ ମଧ୍ୟରେ ଦିନିକିଆ ସିରିଜ ଆରମ୍ଭ ହେବ।

ଉଭୟ ଜୟନ୍ତ ଓ ସଇନୀ ସମ୍ପ୍ରତି ଦକ୍ଷିଣ ଆଫ୍ରିକା ଗସ୍ତରେ ଥିବା ଭାରତୀୟ ପ୍ରତିନିଧି ଦଳରେ ସାମିଲ ଅଛନ୍ତି। ଜୟନ୍ତ ଟେଷ୍ଟ ଦଳରେ ଥିଲେ ହେଁ ଚୂଡ଼ାନ୍ତ



ଜୟନ୍ତ ଯାଦବ



ନବଦୀପ ସଇନୀ

ଏକାଦଶରେ ସ୍ଥାନ ପାଇନାହାନ୍ତି। ସେ ଅଫ୍‌ସ୍ପିନ ବୋଲିଂ ସହ ଉପଯୋଗୀ ବ୍ୟାଟିଂ କରିବାର ଦକ୍ଷତା ରଖିଛନ୍ତି। ତେଣୁ ତାଙ୍କୁ ସୁନ୍ଦରଙ୍କ ବଦଳ ଖେଳାଳିଭାବେ ଚୟନ କରାଯାଇଛି। ଅନ୍ୟପକ୍ଷରେ ସଇନୀ ଗତ ନଭେମ୍ବରରୁ ଦକ୍ଷିଣ ଆଫ୍ରିକା ଗସ୍ତରେ ଅଛନ୍ତି। ପ୍ରଥମେ ସେ ଭାରତୀୟ 'ଏ' ଦଳରେ ସାମିଲ ଥିଲେ। ପରେ ଟେଷ୍ଟ ଦଳର ରିଜର୍ଭ ଖେଳାଳିଭାବେ ସେଠାରେ ରହିଥିଲେ। ୩୨ ବର୍ଷୀୟ ଜୟନ୍ତ ଭାରତ ପକ୍ଷରୁ ୫ ଟେଷ୍ଟ ଏବଂ ଏକମାତ୍ର ଦିନିକିଆ ୨୦୧୬ରେ ବିଶାଖାପାଟଣାଠାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିଥିଲେ। ଅନ୍ତର୍ଜାତୀୟ କ୍ରିକେଟରେ ଏହା ତାଙ୍କର ପଦାର୍ପଣ ମ୍ୟାଚ ଥିଲା। ସେଠାରେ ସେ ୪ ଓଭର ବୋଲିଂ କରି ୮ ରନ ବିନିମୟରେ ଗୋଟିଏ ଉଇକେଟ ନେଇଥିଲେ। ଭାରତ ଏହି ମ୍ୟାଚକୁ ୧୯୦ ରନରେ ଜିତିଥିଲା। ସେହିପରି ୨୯ ବର୍ଷୀୟ ସଇନୀ ୮ଟି ଦିନିକିଆ ଖେଳି ୬ଟି ଉଇକେଟ ନେଇଛନ୍ତି। ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀରେ ଟ୍ରେନିଂ ବେଳେ ସୁନ୍ଦର କରୋନା ପରୀକ୍ଷାରେ ପଜିଟିଭ୍ ଆସିଥିଲେ। ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବାକୁଥିବା ଦିନିକିଆ ସିରିଜର ପ୍ରଥମ ୨ଟି ମ୍ୟାଚ ଯଥାକ୍ରମେ ଜାନୁୟାରୀ ୧୯ ଓ ୨୧ରେ ପାର୍ଲରେ ଏବଂ ତୃତୀୟ ମ୍ୟାଚ କେପ୍‌ଟାଉନ୍‌ରେ ୨୧ ତାରିଖରେ ଅନୁଷ୍ଠିତ ହେବ।

**ଭାରତୀୟ ଦଳ:** ଲୋକେଶ ରାହୁଲ (ଅଧିନାୟକ), ଯଶପ୍ରୀତ୍ ବୁମ୍ରା (ଉପ-ଅଧିନାୟକ), ଶିଖର ଧାୱନ, ଋତୁରାଜ ଗାଏକ୍ୱାଡ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଶ୍ରେୟାସ ଆୟାର, ଭେଙ୍କଟେଶ ଆୟାର, ଋଷଭ ପନ୍ତ, ଇଶାନ କିଶନ, ଯୁଜବେନ୍ଦ୍ର ଚହଲ, ରବିଚନ୍ଦ୍ରନ ଅଶ୍ୱିନ, ଭୁବନେଶ୍ୱର କୁମାର, ଦୀପକ ଚହର, ପ୍ରସିଦ୍ଧ କ୍ରିଷ୍ଣା, ଶାର୍ଦ୍ଦୁଳ ଠାକୁର, ମହମ୍ମଦ ସିରାଜ, ଜୟନ୍ତ ଯାଦବ, ନବଦୀପ ସଇନୀ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ଆଜି କ'ଣ କେଉଁଠି

କଟକ

- ସ୍ୱାସ୍ଥ୍ୟକର୍ମୀଙ୍କୁ କୋଭିଡ୍ ଟିକା ପ୍ରଦାନ, ଆଇଏମ୍ଏ ହାଉସ, ରାଣୀହାଟ, ସିଡିଏ, ସେକ୍ଟର-୧, କେନ୍ଦ୍ରୀୟ ବିଦ୍ୟାଳୟ, ସକାଳ ୯ଟାରୁ ଆରମ୍ଭ।
- ଭାଜପା ଜିଲା କାର୍ଯ୍ୟକାରିଣୀ ବୈଠକର ଦ୍ୱିତୀୟ ଦିବସ ଓ ପ୍ରଶିକ୍ଷଣ ଶିବିର, ସିଡିଏ ୱିଣ୍ଡସୋର ପ୍ଲେସ, ପୂର୍ବାହ୍ନ ୧୦ଟା ୩୦।

## ସାଧାରଣତନ୍ତ୍ର, ସ୍ୱାଧୀନତା ଦିବସରେ ସାମାଜିକ ସଙ୍ଗଠନକୁ ସମ୍ମାନିତ କରାଯାଉ

**କଟକ ଅଫିସ, ୧୨ା୧:** କଟକ ଜିଲା ସ୍ୱେଚ୍ଛାସେବୀ ସମନ୍ୱୟ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ଉତ୍କଳ ସେବକ ସମାଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସମିତିର ଆବାହକ ଅମିୟ ଭୂଷଣ ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥିଲେ। ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକୁ ଉପଯୁକ୍ତ ମାନ୍ୟତା ପୂର୍ବକ ଜିଲାସ୍ତରୀୟ କମିଟିରେ ସ୍ଥାନ ଦେବା, ପ୍ରତିବର୍ଷ ସାଧାରଣତନ୍ତ୍ର ଓ ସ୍ୱାଧୀନତା ଦିବସରେ ଗୋଟିଏ ସାମାଜିକ ସଙ୍ଗଠନକୁ ସମ୍ମାନିତ କରିବା, ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ସ୍ଥାନୀୟ ସଙ୍ଗଠନଗୁଡ଼ିକୁ ସାମିଲ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିରେ ଉଦ୍ଧାର ଫାଉଣ୍ଡେଶନର ସମ୍ପାଦକ ମନରୋମ ଦାସ, କମଳାକାନ୍ତ ମହାନ୍ତି, ଅନିଲ ମହାନ୍ତି, ଅସିତ୍ ସାହୁ, ବିଭୂତି ରାୟ, ଦୀପକ ସ୍ୱାଇଁ, ମିନତି ବିନ୍ଧାଣୀ ଓ ବିଜୟ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ମଳୟ କୁମାର ଷଡଙ୍ଗୀ କାର୍ଯ୍ୟକ୍ରମ ସଞ୍ଚାଳନା ଓ ଅନ୍ୱୟ ଅଭିନବ ଧନ୍ୟବାଦ ଦେଇଥିଲେ।

## ଢାକାରେ ଓଡ଼ିଶାର ସଂସ୍କୃତି ଉପସ୍ଥାପନ କଲେ ରିଆ

**କଟକ ଅଫିସ, ୧୨ା୧:** ଖ୍ରୀଷ୍ଟ କଲେଜର ଏନ୍‌ସିସି ଛାତ୍ରୀ ସିନିୟର ଅଣ୍ଡର୍ ଅଫିସର୍ ରିଆ ସାହୁ ବାଂଲାଦେଶର ରାଜଧାନୀ ଢ଼ାକାରେ ଅନୁଷ୍ଠିତ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମରେ ଓଡ଼ିଶାରୁ ଭାଗ ନେଇଥିଲେ। ସେ ସେଠାରେ ୧୨ଦିନ ରହି ଏବେ ଓଡ଼ିଶା ଫେରିଆସିଛନ୍ତି। ବିଭିନ୍ନ ଦେଶରୁ ଆସିଥିବା ଯୁବ ଏନ୍‌ସିସି କ୍ୟାଡେଟ୍‌ଙ୍କ ସହିତ ରିଆ ସାମାଜିକ ଓ ଆର୍ଥନୈତିକ ବିଚାର ବିମର୍ଷ କାର୍ଯ୍ୟକ୍ରମରେ ଭାଗନେଇଥିଲେ। ସେ ଓଡ଼ିଶୀ ନୃତ୍ୟ ପରିବେଷଣ କରିବା ସହ ଓଡ଼ିଶାର ସାଂସ୍କୃତିକ ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିଲାଗି ରିଆଙ୍କୁ କଲେଜ ପରିସରରେ ଅଧକ୍ଷା ମଧୁମିତା ପାତ୍ର, ଅଧାପିକା ଅଧାପକ ଏବଂ ପରିଚାଳନା ସମିତି କର୍ମକର୍ତ୍ତା ଅଭିନନ୍ଦନ ଜଣାଇବା ସହ ସମ୍ମାନିତ କରିଛନ୍ତି। ସୂଚନାଯୋଗ୍ୟ, ଖ୍ରୀଷ୍ଟ କଲେଜ ବାଣିଜ୍ୟ ବିଭାଗର ତୃତୀୟ ବର୍ଷ ଛାତ୍ରୀ ରିଆ ଲେଫ୍ଟନାଣ୍ଟ୍ ଡ. ଜ୍ଞାନେଶ୍ୱର ରଥଙ୍କ ତତ୍ତ୍ୱାବଧାନରେ ଏନ୍‌ସିସି ପ୍ରଶିକ୍ଷଣ ନେଇଛନ୍ତି। କଟକ ନିବାସୀ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଲଲାଟେନ୍ଦୁ ସାହୁ ଓ ଜ୍ୟୋସ୍ନାମୟୀ ସାହୁଙ୍କ କନ୍ୟା ରିଆ ପିଲାଦିନରୁ ଜଣେ ମେଧାବୀ ଛାତ୍ରୀ ଭାବେ ଅନେକ କୃତିତ୍ୱ ହାସଲ କରିଛନ୍ତି।

## ଆଦିବାସୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ବାରଙ୍ଗ,୧୨ା୧(ଡି.ଏନ୍.ଏ.):** ମେଣ୍ଢାଶାଳ ପଞ୍ଚାୟତର ହରିଡ଼ାମଡ଼ା ଗ୍ରାମରେ ୫ଦିନ ଧରି ଚାଲିଥିବା ଆଦିବାସୀ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଦୋରିହା ଓ ଗାଡକଣ ଟିମ୍ ମଧରେ ହୋଇଥିଲା। ଧାର୍ଯ୍ୟ ସମୟ ମଧରେ କେହି କାହାକୁ ଗୋଲ ଦେଇପାରି ନ ଥିବାରୁ ଟାଇବ୍ରେକର ସହାୟତାରେ ବିଜେତା ବଛାଯାଇଥିଲା। ଏଥିରେ ୫-୦ଗୋଲରେ ଗାଡକଣ ଦଳକୁ ଚଳିତବର୍ଷର ଚାମ୍ପିୟନ ଘୋଷଣା କରାଯାଇଥିଲା।

# ମେଳା, ମହୋତ୍ସବରେ ଲାଗିଲା କଟକଣା

**ଭୁବନେଶ୍ୱର, ୧୨ା୧(ବ୍ୟୁରୋ)**

କୋଭିଡ୍ ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ସ୍ଥାନୀୟ ମେଳା ଓ ମହୋତ୍ସବ ପାଳନ ଉପରେ ସରକାର କଟକଣା ଜାରି କରିଛନ୍ତି। ଏ ନେଇ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି) ବୁଧବାର ସମସ୍ତ ଜିଲାପାଳ, ଏସ୍‌ପି, ମହାନଗର ନିଗମ କମିଶନର, ପୋଲିସ କମିଶନରଙ୍କୁ ଚିଠି ଲେଖି ଜଣାଇଛନ୍ତି। ନଦୀଘାଟ, ପୁଷ୍କରିଣୀ ଏବଂ ସମୁଦ୍ରରେ ବୁଡ଼ ପକାଇବା ଏବଂ ସମାଗମକୁ ବାରଣ କରାଯାଇଛି। ସେହିପରି ମେଳା ଆୟୋଜନ ଓ ପାଳନ ହୋଇପାରିବ ନାହିଁ। ଧାର୍ମିକ ସମାବେଶକୁ ମଧ ମନା କରାଯାଇଛି। ପରମ୍ପରା ରକ୍ଷା ପାଇଁ ଧାର୍ମିକ ସ୍ଥଳରେ କମ୍ ସଂଖ୍ୟକ ସେବାୟତ ଓ କର୍ମଚାରୀଙ୍କୁ ଅନୁମତି ଦିଆଯାଇଛି। ନିଜ ଘରେ ପରିବାର ସଦସ୍ୟଙ୍କ ସହ କୋଭିଡ୍ ନିୟମ ମାନି ପୂଜା କରିବାକୁ ସରକାର ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ସ୍ଥାନୀୟ ସ୍ଥିତିକୁ ବିଚାର କରି ଆବଶ୍ୟକସ୍ଥଳେ ଧର୍ମାନୁଷ୍ଠାନକୁ ଶ୍ରଦ୍ଧାଳୁଙ୍କ ପ୍ରବେଶ ନେଇ ଉପଯୁକ୍ତ କଟକଣା ଜାରି କରାଯିବ। ପର୍ବପର୍ବାଣି ଓ ପୂଜାରେ କେତେ ସଂଖ୍ୟକ ଲୋକ ଯୋଗଦେବେ ତାହା ଜିଲାପାଳ ଓ ମହାନଗର ନିଗମ କମିଶନର ସ୍ଥିର କରିବେ। ନିୟମର ଉଲ୍ଲଂଘନ କରାଗଲେ ସ୍ଥାନୀୟ କର୍ତ୍ତୃପକ୍ଷ କଠୋର କାର୍ଯ୍ୟାନୁଷ୍ଠାନ ନେଇପାରିବେ ବୋଲି ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି।

## ୮ ଦିନରେ ୨୦୭୮ ସଂକ୍ରମିତ ଚିହ୍ନଟ

**ବଢ଼ୁଛି କରୋନା ସଂକ୍ରମଣ**

**■ମଦ ଦୋକାନ ସିଲ୍ କଲା ସିଏମ୍‌ସି**

**କଟକ ଅଫିସ, ୧୨ା୧**

କଟକ ଜିଲା ଓ ସହରରେ ଦିନକୁ ଦିନ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ବୁଧବାର ଜିଲାରୁ ୭୨୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ସହରରୁ ସର୍ବାଧିକ ୫୬୪, ଆଠଗଡ଼ରୁ ୧୨, ବଡ଼ମ୍ବାରୁ ୩, ବାଙ୍କୀରୁ ୪, ବାରଙ୍ଗରୁ ୨୬, କଟକ ସଦରରୁ ୧୯, ଡମପଡାରୁ ଜଣେ, କଣ୍ଟାପଡାରୁ ୮, ମାହାଙ୍ଗା ଓ ନରସିଂହପୁରରୁ ୯, ନିଆଳିରୁ ୧୩, ନିଶ୍ଚିନ୍ତକୋଇଲି ଓ ସାଲେପୁରରୁ ୫, ଟାଙ୍ଗୀରୁ ୩୧, ତିଗିରିଆରୁ ୬ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜଣାପଡିଛି। ଗତ ୫ ତାରିଖରେ ସଂକ୍ରମିତ ସଂଖ୍ୟା ୬୫ ଥିବାବେଳେ ଏବେ ତାହା ବୃଦ୍ଧି ପାଇ ୫୬୩ରେ ପହଞ୍ଚିଛି। ସେହିପରି ୮ ଦିନରେ ସହରରେ ମୋଟ୍ ୨୦୭୮ ସଂକ୍ରମିତ ଚିହ୍ନଟ ହେଲେଣି। ବୁଧବାର ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧରେ ସିଡିଏ ସେକ୍ଟର-୬ରୁ ୨୩, ମହାନଦୀବିହାରରୁ ୨୨, ବକ୍ସିବଜାରରୁ ୨୧, ଚାଉଳିଆଗଞ୍ଜରୁ ୧୭, ମଧୁପାଟଣାରୁ ୧୬ ଏବଂ ସିଡିଏ ସେକ୍ଟର ୭ରୁ ୧୬ ଜଣ ରହିଛନ୍ତି। ସଚେତନତା ଓ ସତର୍କତା ଅଭାବରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସହରରେ କରୋନା ସଂକ୍ରମଣ ବୃଦ୍ଧିକୁ ନେଇ କଟକ ମହାନଗର ନିଗମ(ସିଏମ୍‌ସି) କର୍ତ୍ତୃପକ୍ଷ ଚିନ୍ତାରେ ପଡିଛନ୍ତି। ତେବେ ଏହା ଉପରେ ରୋକ୍ ଲଗାଇବା ପାଇଁ ସିଏମ୍‌ସି କଡା ଆଭିମୁଖ୍ୟ ଗ୍ରହଣ କରିଛି। ଲୋକଙ୍କୁ ସତର୍କ କରିବା ସହ ନିୟମ ଉଲ୍ଲଂଘନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସିଏମ୍‌ସି ପକ୍ଷରୁ ଦୁଇଟି ଟିମ୍ ଗଠନ କରାଯାଇଛି। ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ବୁଧବାର କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ବାଦାମବାଡି ସ୍ଥିତ ଏକ ମଦ ଦୋକାନକୁ ସିଏମ୍‌ସି ପକ୍ଷରୁ ସିଲ କରାଯାଇଛି।



ଭୁବନେଶ୍ୱରସ୍ଥିତ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଉତ୍କଳ ସମ୍ମିଳନୀ ସମାଚାର ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ପୁନର୍ବାସ ଯୋଜନାରେ ଚାକିରି ଦିଆଯାଉ

**କଟକ ଅଫିସ,୧୨ା୧**

କଟକ ସୂତାହାଟ ନିବାସୀ ସତ୍ୟନାରାୟଣ ମୁଖୀଙ୍କୁ ପୁନର୍ବାସ ଯୋଜନାରେ ଚାକିରି ଦେବାକୁ ସିପିଆଇ ପକ୍ଷରୁ ଦାବି କରାଯାଇଛି। ଦଳ ପକ୍ଷରୁ ଏ ସମ୍ପର୍କିତ ଏକ ସ୍ମାରକପତ୍ର ବୁଧବାର ଜିଲାପାଳଙ୍କୁ ଦିଆଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି, ସୂତାହାଟ ନିବାସୀ ରାଜୁ ମୁଖୀ ରେଭେନ୍‌ଶା କଲିଜିଏଟ ସ୍କୁଲରେ ପିଅନ ଭାବେ କାର୍ଯ୍ୟ କରୁଥିଲେ। ୨୦୧୬ରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁନର୍ବାସ ଯୋଜନା ନିୟମ ଅନୁସାରେ ପିତାଙ୍କ ମୃତ୍ୟୁପରେ ପୁତ୍ର ସତ୍ୟନାରାୟଣଙ୍କୁ ଚାକିରି ମିଳିବା କଥା। ହେଲେ ତାଙ୍କୁ ଚାକିରି ମିଳି ନ ଥିଲା। ଏଥିପାଇଁ ସତ୍ୟନାରାୟଣ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ୨୦୨୧ ସେପ୍ଟେମ୍ବର ୧୫ ତାରିଖରେ କଟକ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ଦେଢ଼ମାସ ମଧ୍ୟରେ ଆଇନଗତ ନିଷ୍ପତ୍ତି ନେବାକୁ ଆଦେଶ ଦେଇଥିଲେ। ଇତିମଧ୍ୟରେ ଦେଢ଼ମାସ ଅତିକ୍ରମ ହୋଇଯାଇଥିଲେ ମଧ ଏ ଦିଗରେ ଡିଇଓ କୌଣସି ନିଷ୍ପତ୍ତି ନେଇନାହାନ୍ତି। ଚାକିରି ନ ମିଳିବାରୁ ଭୋକ ଉପାସରେ ମୁଖୀଙ୍କ ପରିବାର ଦିନ କାଟୁଛନ୍ତି ବୋଲି ସିପିଆଇ ନେତା ଉଦୟ କେଶରୀ ବର୍ମା କହିଛନ୍ତି। ବର୍ମାଙ୍କ ନେତୃତ୍ୱରେ ଦଳର ଜିଲା ସମ୍ପାଦକ ଅମରେନ୍ଦ୍ର ମହାନ୍ତି, ନଗର ସମ୍ପାଦକ ବିନୋଦ ବେହେରା, ବିଦ୍ୟାଧର ବେହେରା, ଝିଲି ବିଶୋଇ ଓ ମୁଖୀଙ୍କ ପରିବାରବର୍ଗ ଉକ୍ତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ଡିଇଓ କୃଷ୍ଣଚନ୍ଦ୍ର ନାୟକଙ୍କୁ ପଚାରିବାରୁ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ, ଜଳିଗଲା ସାମଗ୍ରୀ

**କଟକ ଅଫିସ,୧୨ା୧**

କଟକ ବାଦାମବାଡିସ୍ଥିତ ବିକାଶ ଭବନ ସମ୍ମୁଖ ସ୍ନେହଲତା ଆପାର୍ଟମେଣ୍ଟରେ ବୁଧବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡି ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଆପାର୍ଟମେଣ୍ଟର ଫେଜ୍-୧ ବ୍ଲକ ଚତୁର୍ଥ ମହଲାର ୩/୨ଏରେ ନମିତା ମିଶ୍ରଙ୍କ ପରିବାର ରହୁଛନ୍ତି। ପୂର୍ବାହ୍ନ ପ୍ରାୟ ୧୧ଟାରେ ହଠାତ୍ ଏକ ବଖରାରେ ନିଆଁ ଲାଗି ଯାଇଥିଲା। ପଡୋଶୀ ଏହାଦେଖି



ବକ୍ସିବଜାର ଓ ବିଡାନାସୀ ଅଗ୍ନିଶମ କେନ୍ଦ୍ରକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ପ୍ରାୟ ୧ ଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି।

## ଆଶ୍ରୟସ୍ଥଳୀ ନିର୍ମାଣକୁ ବିରୋଧ

**କଟକ ଅଫିସ,୧୨ା୧**

ଅରୁଣୋଦୟ ନଗରର ମଧଭାଗରେ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ତେବେ ଜନବସତି ଅଞ୍ଚଳରେ ଆଶ୍ରୟସ୍ଥଳୀ ନିର୍ମାଣକୁ ଅରୁଣୋଦୟ ନଗର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଆଶ୍ରୟସ୍ଥଳୀ ପରିବର୍ତ୍ତେ ପାର୍କ ନିର୍ମାଣ ପାଇଁ ଦାବି ହୋଇଛି।

ବରିଷ୍ଠ ନାଗରିକମାନେ କହିଛନ୍ତି, ଏଠାରେ ୨ହଜାରରୁ ଅଧିକ ପରିବାର ବାସ କରୁଛନ୍ତି। ଏହି ଅଞ୍ଚଳର ରାସ୍ତାଗୁଡ଼ିକ ଅଣଓସାରିଆ ଯୋଗୁ ଗାଡ଼ି ଚଳାଚଳରେ ସମସ୍ୟା ହୋଇଥାଏ। ଏଥିସହ ଅନେକ କୋଚିଂ ସେଣ୍ଟର ଓ ଘରୋଇ ଶିକ୍ଷାନୁଷ୍ଠାନ ଥିବାରୁ ଅଧିକ ଗହଳି ହୋଇଥାଏ। ତେବେ ଆଶ୍ରୟସ୍ଥଳ ନିର୍ମାଣ ହେବା ଦ୍ୱାରା ବାହାରୁ ଲୋକ ଆସି ରହିବେ। ଫଳରେ ଅସାମାଜିକ କାର୍ଯ୍ୟକଳାପ ହେବାର ଆଶଙ୍କା ରହିଛି। ତେଣୁ ପ୍ରସ୍ତାବିତ ଆଶ୍ରୟସ୍ଥଳୀ ନିର୍ମାଣ କାର୍ଯ୍ୟ ବନ୍ଦ କରାଯାଇ ଶିଶୁ ଓ ବୟସ୍କଙ୍କ ପାଇଁ ମିନି ପାର୍କ ନିର୍ମାଣ ନିମନ୍ତେ ସଂଘ ପକ୍ଷରୁ ଦାବି କରାଯାଇଛି। ଏ ନେଇ ସିଏମ୍‌ସି ନିର୍ବାହୀ ଯନ୍ତ୍ରୀ ଦିବ୍ୟ ରଞ୍ଜନ ତ୍ରିପାଠୀ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି।

## ଶିବିରରେ ନିର୍ବାଚନ ପରିଚାଳନାକୁ ଗୁରୁତ୍ୱ

**କଟକ ଅଫିସ, ୧୨ା୧**

କଟକ ସିଡିଏସ୍ଥିତ ୱିଣ୍ଡସୋର ପ୍ଲେସ୍‌ଠାରେ ଭାଜପାର ଜିଲା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶର ସୁରକ୍ଷା ଓ ସାମର୍ଥ୍ୟ ବିକାଶ, ଦଳୀୟ କର୍ମକର୍ତ୍ତାଙ୍କ ମଧରେ ନେତୃତ୍ୱର ବିକାଶ ଓ ନିର୍ବାଚନ ପରିଚାଳନା ଭଳି ଅନେକ ବିଷୟରେ ଆଲୋଚନା ହୋଇଥିଲା। ପ୍ରଶିକ୍ଷକ ଭାବେ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ମଲ୍ଲିକ, ପୂର୍ବତନ ଏମ୍‌ପି ବିଷ୍ଣୁ ପ୍ରସାଦ ତରାଇ, ରାଜ୍ୟ ସମବାୟ ପ୍ରକୋଷ୍ଠ ଆବାହକ ପବିତ୍ର ଦାଶ, ଶାରଦା ପ୍ରଧାନ, ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ସୁକାନ୍ତ ବିଶ୍ୱାଳ, ପ୍ରମୁଖ ଯୋଗଦେଇଥିଲେ। ଏହା ପୂର୍ବରୁ ଅଭିନେତା ମିହିର ଦାସଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଥିଲା।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୌମ୍ୟକାନ୍ତ



@ ପ୍ରଭାତ



@ ସୁବ୍ରତ



@ ମୋନାଲିସା



@ ଅର୍ପିତା



@ ମନୁଶ୍ରୀ

## ବର୍ଷାରେ ଭିଜୁଛି ଧାନ

**ଟୋକନ ଅବଧି ବୃଦ୍ଧି ପାଇଁ ଦାବି**

**କଟକ ସଦର, ୧୨ା୧(ଡି.ଏନ.ଏ.)**

କଟକ ସଦର ବ୍ଲକ ଅଞ୍ଚଳରେ ମଙ୍ଗଳବାର ରାତିରୁ ଝିପିଝିପି ବର୍ଷା ଲାଗିରହିଛି। ବିଲରେ କଟା ହୋଇଥିବା ଧାନ ବର୍ଷାପାଣିରେ ଭିଜୁଛି। ଫଳରେ ଅମଳ ବିଳମ୍ବ ଘଟିବା ନିଶ୍ଚିତ ହୋଇଯାଇଛି। ଇତିମଧ୍ୟରେ ବହୁ ଚାଷୀ ମଣ୍ଡିରେ ଧାନ ବିକିବା ପାଇଁ ମେସେଜ ପାଇସାରିଛନ୍ତି। ମେସେଜ ପାଇବା ତାରିଖଠାରୁ ୧ ମାସ ମଧ୍ୟରେ ମଣ୍ଡିରେ ଧାନ ନ ଦେଲେ ତାହା ଆପେଆପେ ଅକାମୀ ହୋଇଯିବ। ତେଣୁ ମେସେଜ ପାଇବା ଦିନଠାରୁ ଏହାର ଅବଧି ଦେଢ଼ମାସ କରିବା ପାଇଁ ବୁଧବାର କଟକ ସଦର ବ୍ଲକ ଅଞ୍ଚଳର ଅଗ୍ରଣୀ ଚାଷୀମାନେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅବଧି ବୃଦ୍ଧି କରା ନ ଗଲେ ବାଧ ହୋଇ ଚାଷୀମାନେ ଘରୋଇ ବ୍ୟବସାୟୀଙ୍କୁ ଧାନ ବିକିବେ ବୋଲି ଏଥିରେ ଉଲ୍ଲେଖ ରହିଛି।




ପୁରୀଠାରେ ବୁଧବାର ମହାନ୍ ସଂଗ୍ରାମୀ ଚାଖି ଖୁଣ୍ଟିଆଙ୍କ ୨୦୦ତମ ଜୟନ୍ତୀ ପାଳନ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।




ସୁର ସମ୍ରାଜ୍ଞୀ ଲତା ମଙ୍ଗେସକରଙ୍କ ସୁସ୍ଥତା କାମନା କରି ବୁଧବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।



ଭୁବନେଶ୍ୱର ସୂଚନା ଓ ଲୋକସମ୍ପର୍କ ବିଭାଗ ସମ୍ମିଳନୀ କକ୍ଷରେ ବୁଧବାର ବିପ୍ଳବୀ ଚକରା ବିଷୋୟୀଙ୍କ ୧୯୯ତମ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

## ୧୫ରେ ପୁରୀ ଆସିବ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମଶାଲ

**ପୁରୀ ଅଫିସ:** ବ୍ରିମିଙ୍ଗହମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା କୁଇନ ବ୍ୟାଟନ ରିଲେ (ମଶାଲ)କୁ ଆସନ୍ତା ୧୫ ତାରିଖରେ ପୁରୀରେ ସ୍ୱାଗତ କରାଯିବ। ପରେ ମଶାଲକୁ କୋଣାର୍କ ଓ ଭୁବନେଶ୍ୱର ନିଆଯିବ। ଆସନ୍ତା ଜୁଲାଇରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆରମ୍ଭ ପୂର୍ବରୁ ମଶାଲକୁ ରାଜ୍ୟଗୋଷ୍ଠୀର ସଦସ୍ୟଭୁକ୍ତ ରାଷ୍ଟ୍ରରେ ପରିକ୍ରମା କରାଯିବ। ପୁରୀରେ ମଶାଲକୁ ସ୍ୱାଗତ ଲାଗି ପ୍ରସ୍ତୁତି କରିବାକୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କୈଳାସ ଚନ୍ଦ୍ର ନାୟକ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିରଜା ଶଙ୍କର ରଥ, ରିଜର୍ଭ ଇନ୍ସପେକ୍ଟର ଚନ୍ଦ୍ରଶେଖର ଦାଶ, ଜିଲା କ୍ରୀଡ଼ାଧିକାରୀ ଚନ୍ଦନ କୁମାର ସାହୁ, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ପ୍ରମୁଖ ଏ ସଂକ୍ରାନ୍ତୀୟ ପ୍ରସ୍ତୁତିର ତଦାରଖ କରିବେ।




୧୨।୧।୨୦୨୨

| ୨୭୩୭ ଟଙ୍କା | |
|---|---|
| ସୁନା | ୮୦ ମିଲି ଗ୍ରାମ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ନାବାଳକ ସହ ମା' ନିଖୋଜ

**ଗୋପ,୧୨।୧(ଡି.ଏନ୍.ଏ.):** ଗୋପ ଥାନା ଅନ୍ତର୍ଗତ କୁଶୁପୁର ଗ୍ରାମର ଜଣେ ୯ ବର୍ଷୀୟ ନାବାଳକ ସହିତ ତାଙ୍କ ମା' ଗତ ଦୁଇଦିନ ହେବ ନିଖୋଜ ଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୭/୨୨) ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ କାଳନ୍ଦୀ ବେହେରା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ପାରିବାରିକ ବିବାଦକୁ ନେଇ କୁଶୁପୁର ଗ୍ରାମର ଶ୍ୟାମସୁନ୍ଦର ସାହୁଙ୍କ ଝିଅ(ଭାନୁମତୀ) ନିଜ ପୁଅକୁ ନେଇ ବାପଘରେ ରହୁଥିଲେ। କିନ୍ତୁ କୌଣସି କାମରେ ଭାନୁମତୀ ରବିବାର ଘରୁ ନାବାଳକ ପୁଅକୁ ସାଙ୍ଗରେ ଧରି ଗୋପ ବଜାରକୁ ଆସିଥିଲେ। ପରେ ଝିଅ ଓ ନାତି ଘରକୁ ନ ଫେରିବାରୁ ବାପା ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହେବା ପରେ ୧୦ତାରିଖରେ ଥାନାର ଦ୍ୱାରସ୍ଥ ହୋଇଥିଲେ।

### କୋଣାର୍କରେ ମିନି ମାରାଥନ୍

**କୋଣାର୍କ,୧୨।୧(ଡି.ଏନ୍.ଏ.):** କୋଣାର୍କସ୍ଥିତ ସୂର୍ଯ୍ୟ ମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ଭାରତ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ ଅବସରରେ ଏକ ମିନି ମାରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋପ ଅଞ୍ଚଳର ସାମାଜିକ ସଂଗଠନ ସମ୍ପର୍କ ଆନୁକୂଲ୍ୟରେ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ମନ୍ତ୍ରଣାଳୟ ସହଯୋଗରେ ଏହି ମିନି ମାରାଥନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। କାରିଗର ଓ ଯୁବ ସ୍ୱେଚ୍ଛାସେବୀଙ୍କୁ ନେଇ ବାହାରିଥିବା ମାରାଥନ କୋଣାର୍କ ବଜାର ପରିକ୍ରମା କରିବା ପରେ ଗୀତାଞ୍ଜଳି ରେଷ୍ଟୁରାଣ୍ଟଠାରେ ସମ୍ପନ୍ନ ହୋଇଥିଲା। କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ରଙ୍ଗୋଲି, ଗୁଡି ଉଡ଼ାଣ କାର୍ଯ୍ୟକ୍ରମ, ଚାରାରୋପଣ, ପଥର ଖୋଦେଇ କାରିଗରଙ୍କ ନିମନ୍ତେ କର୍ମଶାଳା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସଂଗଠନର ସମ୍ପାଦକ ହରିହର ସ୍ୱାଇଁ କହିଛନ୍ତି। କାର୍ଯ୍ୟକ୍ରମରେ ଅତିଥି ଭାବେ କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ର ନାଥ ବାହିନୀପତି, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।

### ଜିଲାରେ ଫାଷ୍ଟଏଡ୍ ଟ୍ରେନିଂ କାର୍ଯ୍ୟକ୍ରମ ହେବ

**ପୁରୀ ଅଫିସ,୧୨।୧:** ସେଣ୍ଟ ଜନ୍ ଆମ୍ବୁଲାନ୍ସ ପକ୍ଷରୁ ପୁରୀ ଜିଲାର ବିଭିନ୍ନ ବ୍ଲକ୍‌ରେ ଫାଷ୍ଟଏଡ୍ ଟ୍ରେନିଂ କାର୍ଯ୍ୟକ୍ରମ କରାଯିବ ବୋଲି ରାଜ୍ୟ ସମ୍ପାଦକ ତଥା କମିଶନର ସନତ୍ ପଟ୍ଟନାୟକ କହିଛନ୍ତି। ବୁଧବାର ଜାତୀୟ ଯୁବ ଦିବସରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୭୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶିବିରକୁ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଉପଜିଲାପାଳ ଭବତାରଣ ସାହୁ ଓ ମହାବିଦ୍ୟାଳୟ ଅଧକ୍ଷ ଡାକ୍ତର ସୁଦର୍ଶନ ବେହେରା ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସନତ ପଟ୍ଟନାୟକ, ବଦ୍ରି ମିଶ୍ର, ଅଟୋ ଚାଳକ ଶ୍ରବଣ ପ୍ରଧାନ, ଅନିରୁଦ୍ଧ ସାମନ୍ତରାୟ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।

# ୧୨ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ୫ ଗିରଫ

**ପୁରୀ ଅଫିସ, ୧୨।୧**

ପୁରୀ ଏସ୍‌ଟିଏଫ୍ ଏବଂ ବାସେଳିସାହି ଥାନା ପୋଲିସ ମିଳିତ ଭାବେ ଚଢ଼ାଉ କରି ୧୨୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିବା ସହ ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଦଳେଇପୁଟର ପ୍ରଦୀପ ବେହେରା, କାଳନ୍ଦୀ ବେହେରା, ଖୋର୍ଦ୍ଧା ତରୁମଲ ଅଞ୍ଚଳର ନିତ୍ୟାନନ୍ଦ ବିଶ୍ୱାଳ, ପୁରୀ ସଦର ଥାନା ଅନ୍ତର୍ଗତ ଖଣ୍ଡିଆବନ୍ଧ ଅଞ୍ଚଳର ରାଜେଶ ପ୍ରଧାନ ଏବଂ ସତ୍ୟବାଦୀ ଅଞ୍ଚଳର ପ୍ରଶାନ୍ତ ବେହେରା। ଏମାନଙ୍କଠାରୁ ବ୍ରାଉନସୁଗାର ସମେତ ନଗଦ ୪ହଜାର ଟଙ୍କା, ୪ଟି ମୋବାଇଲ ଫୋନ୍, ଦୁଇଟି ବାଇକ ଏବଂ ବିଦ୍ୟୁତ ଉପକରଣ ଜବତ ହୋଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୧୨ ଲକ୍ଷ ଟଙ୍କା ହେବ। ଏ ନେଇ କେସ୍ ନଂ. ୯/୨୨ ରୁଜୁ କରାଯାଇଛି ବୋଲି ବାସେଳିସାହି ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢୀ ସୂଚନା ଦେଇଛନ୍ତି। ଡିଏସ୍‌ପି ପାଢୀ କହିଛନ୍ତି, ଲୋକନାଥ ରୋଡ଼ ନିକଟ ଏକ କାଜୁ ଜଙ୍ଗଲରେ କେତେଜଣ ବ୍ୟକ୍ତି ବ୍ରାଉନସୁଗାର କାରବାର କରୁଥିବା ଖବର ମିଳିଥିଲା। ଏସ୍‌ଟିଏଫ୍ ଏବଂ ବାସେଳୀ ସାହି ଥାନା ପୋଲିସ ମିଳିତ ଭାବେ ସେଠାରେ ଚଢାଉ କରି ୫ଜଣଙ୍କୁ ଧରିଥିଲା। ବ୍ରାଉନସୁଗାର କାରବାରର ମୁଖ୍ୟ ହେଉଛନ୍ତି ପ୍ରଦୀପ। ଏମାନଙ୍କ ବ୍ୟତୀତ ଏହି କାରବାରରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି ସେ ନେଇ ଖୋଳତାଡ଼ ଚାଲିଛି।


ପୋଲିସ ଦ୍ୱାରା ଗିରଫ ହୋଇଥିବା ୫ ଅଭିଯୁକ୍ତ।


ଜବତ ଟଙ୍କା ଓ ମୋବାଇଲ ଫୋନ।


ଭୁବନେଶ୍ୱରସ୍ଥିତ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଉତ୍କଳ ସମ୍ମିଳନୀ ସମାଚାର ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଉପରେ ଆଲୋକପାତ

**ପୁରୀ ଅଫିସ, ୧୨।୧**

ପୁରୀସ୍ଥିତ ରାମକୃଷ୍ଣ ମିଶନ ଆଶ୍ରମ ପକ୍ଷରୁ ବୁଧବାର ଜାତୀୟ ଯୁବ ଦିବସ ଏବଂ ଆଜାଦୀ କା ଅମୃତ ମହୋତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସ୍ଥାନୀୟ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ୧୬୦ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଯୁବ ସମ୍ମିଳନୀ ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଡ. ବ୍ରଜକିଶୋର ସ୍ୱାଇଁ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନେହେରୁ ଯୁବକେନ୍ଦ୍ରର ଜିଲା ଯୁବ ଅଧିକାରୀ ଜୟଶଙ୍କର ଜୋଶୀ ଯୋଗଦେଇ ସ୍ୱାମୀଜୀଙ୍କ ବାଣୀ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରୀଛାତ୍ରମାନେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଆଶ୍ରମ ପରିଚାଳନା କମିଟି ସଦସ୍ୟ ଧନଞ୍ଜୟ ଦାସ ସଭା ସଞ୍ଚାଳନ କରିବା ସହ ଧନ୍ୟବାଦ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମ ଆଶ୍ରମର ମୁଖ୍ୟ ସ୍ୱାମୀ ଆପ୍ତେଶ୍ୱରାନନ୍ଦଜୀ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱାମୀ ଯୋଗପୂର୍ଣ୍ଣାନନ୍ଦ ଦ୍ୱାରା ପରିଚାଳିତ ହୋଇଥିଲା। ଆଶ୍ରମ ଅନ୍ତେବାସୀ, ସେବକ, ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଚାଖି ଖୁଣ୍ଟିଆଙ୍କ ତ୍ୟାଗ, ଦେଶପ୍ରେମ ଚିରସ୍ମରଣୀୟ

## ୨୦୦ତମ ଜୟନ୍ତୀ ପାଳିତ

**ପୁରୀ ଅଫିସ, ୧୨।୧**

ପୁରୀ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ଚାଖି ଖୁଣ୍ଟିଆ ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ ବୁଧବାର ମହାନ ସ୍ୱାଧୀନତା ସଂଗ୍ରାମୀ ଚନ୍ଦନ ହଜୁରୀ ତଥା ଚାଖି ଖୁଣ୍ଟିଆଙ୍କ ୨୦୦ତମ ଜୟନ୍ତୀ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସୁଭାଷ ଚନ୍ଦ୍ର ନାଥଶର୍ମା ଏବଂ ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ଭବତାରଣ ସାହୁ ଯୋଗଦେଇଥିଲେ। ଅତିଥିମାନେ ପିକେଡିଏ କାର୍ଯ୍ୟାଳୟ ପରିସରସ୍ଥ ଚାଖି ଖୁଣ୍ଟିଆଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କ ତ୍ୟାଗ ଓ ନିଷ୍ଠା ସମ୍ପର୍କରେ ଆଲୋକପାତ କରିଥିଲେ। ୧୮୫୭ ମସିହାରେ ଚାଖି ଖୁଣ୍ଟିଆ ଇଂରେଜଙ୍କ ବିରୋଧରେ ବିପ୍ଳବର ବହ୍ନିକୁ ପ୍ରଜ୍ୱଳିତ କରିଥିଲେ। ତାଙ୍କ ଦେଶପ୍ରେମର ପଟ୍ଟାନ୍ତର ନାହିଁ ଏବଂ ସେ ଚିରସ୍ମରଣୀୟ ରହିବେ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଚାଖି ଖୁଣ୍ଟିଆଙ୍କ ସମ୍ପର୍କୀୟ ଭୀମସେନ ଖୁଣ୍ଟିଆ, ଚାଖି ଖୁଣ୍ଟିଆ ସ୍ମୃତି ସଂସଦ ସମ୍ପାଦକ ଧ୍ରୁବ ଚରଣ କର, ଉପସଭାପତି ମାୟାଧର ମହାରଣା, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର, ରାଧାକାନ୍ତ ଦାଶ, ଶରତ ଜୟସିଂ, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ସୌମେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ମହାପ୍ରଭୁଙ୍କ ନବାଙ୍କ ବେଶ

**ପୁରୀ ଅଫିସ, ୧୨।୧**

ପରମ୍ପରା ଅନୁଯାୟୀ ମକର ସଂକ୍ରାନ୍ତି ପୂର୍ବଦିନ ଗୁରୁବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନବାଙ୍କ ବେଶ ସହ ଚାଉଳ ମେଲାଣ ଓ ଫୁଲ ମେଲାଣ ଉତ୍ସବ ଅନୁଷ୍ଠିତ ହେବ। ସନ୍ଧ୍ୟା ଆଳତି ବେଶରେ ମାଳଚୂଳମାନ ଖୁଣ୍ଟିଆ ଓ ପୁଷ୍ପାଳକ ସେବକଙ୍କ ସହାୟତାରେ ଠାକୁରମାନଙ୍କୁ ଲାଗି କରାଯିବ। ଏହି ବେଶରେ ଜଗନ୍ନାଥ ଓ ବଳଭଦ୍ର ଯଥାକ୍ରମେ ସୋଲ ନିର୍ମିତ ମକର କୁଣ୍ଡଳ ଓ ଶଙ୍ଖ, ଚକ୍ର, ହଳ, ମୂଷକ ଇତ୍ୟାଦି ଧାରଣ କରିବେ। ଏହି ବେଶ ନବାଙ୍କ ବେଶ ରୂପେ ପରିଚିତ। ଏହି ବେଶର ପ୍ରବର୍ତ୍ତକ ହେଉଛନ୍ତି ଚୈତନ୍ୟ ଦେବ। ବଡ଼ ସିଂହାର ଭୋଗ ପରେ ମଦନମୋହନ ଦକ୍ଷିଣ ଘରୁ ବିଜେ କରି ରତ୍ନସିଂହାସନକୁ ଆସିବେ। ସେଠାରୁ ଆଜ୍ଞାମାଳ ପାଇ ରତ୍ନସିଂହାସନକୁ ସାଢ଼େ ଚାରିଥର ପ୍ରଦକ୍ଷିଣ କରି ବଟମୂଳେ ଥିବା ପାଲିଙ୍କିରେ ବିଜେ କରି ଦେଉଳ ଚାରିପାଖ ସାଢ଼େ ଚାରିଥର ପ୍ରଦକ୍ଷିଣ କରିବେ।

# ଶ୍ରୀମନ୍ଦିରରେ ଦୁଗ୍ଧମେଲାଣ ନୀତି

**ପୁରୀ ଅଫିସ, ୧୨।୧**

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମକର ସଂକ୍ରାନ୍ତ ନୀତି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହା ପୂର୍ବରୁ ବୁଧବାର ଦୁଗ୍ଧମେଲାଣ ନୀତି ସମ୍ପନ୍ନ କରାଯାଇଛି। ଶ୍ରୀବିଗ୍ରହମାନଙ୍କ ମଧ୍ୟାହ୍ନ ଧୂପ ସମ୍ପନ୍ନ ହୋଇ ପାଣି ପଡ଼ି ଦକ୍ଷିଣୀ ଘର ଭୋଗ ହୋଇଥିଲା। ପରେ ମହାଜନ ସେବକମାନେ ଶ୍ରୀରାମକୃଷ୍ଣଙ୍କୁ ଧରି ରତ୍ନସିଂହାସନକୁ ବିଜେ କରିଥିଲେ। ସେଠାରେ ପାଳି ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ବାଡ଼ରୁ ଆଜ୍ଞାମାଳ ଆଣି ରାମକୃଷ୍ଣଙ୍କୁ ପ୍ରଦାନ କରିଥିଲେ। ମହାଜନ ସେବକମାନେ ଠାକୁରଙ୍କୁ ଆଣି ପଣ୍ଡା ଦୁଆର ନିକଟ ପାଲିଙ୍କିରେ ବିଜେ କରାଇଥିଲେ। ଘଣ୍ଟ, ଛତା ଓ କାହାଳି ସହ ମହାଭୋଇ ସେବକ ରୋଷଶାଳା ପରିସରକୁ ଯାଇ ଦୁଗ୍ଧଭାର ନେଇଆସିଥିଲେ। ପରେ ଠାକୁରଙ୍କୁ ବିମାନବଡୁ ସେବକମାନେ ପାଲିଙ୍କିରେ ଶ୍ରୀଜଗନ୍ନାଥ ବଲ୍ଲଭକୁ ବିଜେ କରାଇଥିଲେ। ମଠରେ ସମସ୍ତ ନୀତି ସମ୍ପାଦନ ପରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ିଥିଲେ। ଠାକୁରଙ୍କୁ ମହାଲକ୍ଷ୍ମୀ ମନ୍ଦିର ପରିସର ଖଟଶେଜରେ ବିଜେ କରାଯାଇଥିଲା। ସେଠାରେ ଠାକୁରଙ୍କୁ ଦୁଗ୍ଧ ମଣୋହି କରାଯିବା ସହ ବନ୍ଦାପନା ଏବଂ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ଠାକୁର ଦକ୍ଷିଣୀ ଘରକୁ ବିଜେ କରିଥିଲେ।

# ଜାତୀୟ ଯୁବ ଦିବସ

**ସାକ୍ଷୀଗୋପାଳ,୧୨।୧(ଡି.ଏନ୍.ଏ.)**

ସତ୍ୟବାଦୀ, ସିଂହାରୀ ଏଣ୍ଟରଟେନ୍‌ମେଣ୍ଟ ଯୁବ ସାଂସ୍କୃତିକ ଅନୁଷ୍ଠାନ ଏବଂ ନେହେରୁ ଯୁବକେନ୍ଦ୍ରର ମିଳିତ ସହଯୋଗରେ ବୁଧବାର ଜାତ୍ର ଯୁବ ଦିବସ ପାଳିତ ହୋଇଛି। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସ୍ୱେଚ୍ଛାସେବୀମାନେ ଶ୍ୟାମକୁଣ୍ଡ ପୋଖରୀ ଚତୁଃପାର୍ଶ୍ୱ ସଫେଇ କରିଥିଲେ। ସ୍ଥାନୀୟ ଯୁବକ ସଂଘଗୁଡ଼ିକୁ ନେଇ ଅନୁଷ୍ଠିତ ହେବାକୁ ଥିବା ଗ୍ରାମାଞ୍ଚଳ କ୍ରୀଡା ପ୍ରତିଯୋଗିତା ଓ ଲୋକକଳା ପ୍ରତିଯୋଗିତା କାର୍ଯ୍ୟକ୍ରମ ନିମନ୍ତେ ଏକ କାର୍ଯ୍ୟକାରୀ କମିଟି ଗଠନ ହୋଇଥିଲା। ଗୋପୀନାଥ ଯୁବ ପରିଷଦ, ମହାବୀର କ୍ଲବ, ୟୁଥ୍ କ୍ଲବ ବିଭିନ୍ନ ସଂଗଠନର କର୍ମକର୍ତ୍ତା ସାମିଲ ଥିଲେ। କ୍ଲବ ସତ୍ୟବାଦୀର ସମ୍ପାଦକ ସିଂହାରୀ ଆଲୋକ ଖୁଣ୍ଟିଆ, ସଦସ୍ୟ ବିକ୍ରମ ପାତ୍ର, ନିଶିକାନ୍ତ ପ୍ରଧାନ, ତୋଫାନ ବେହେରା, ଲକ୍ଷ୍ମୀଧର ସାହୁ, ସନ୍ଦୀପ ମହାପାତ୍ର, ବିଶ୍ୱଜିତ୍ ପରିଡା, ପ୍ରଭାକର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସୌମ୍ୟକାନ୍ତ


@ ପ୍ରଭାତ


@ ସୁବ୍ରତ


@ ମୋନାଲିସା


@ ଅର୍ପିତା


@ ମନୁଶ୍ରୀ

# ବିଶ୍ୱକଲ୍ୟାଣ ପାଇଁ ସୂର୍ଯ୍ୟମନ୍ଦିର ପରିକ୍ରମା

**କୋଣାର୍କ,୧୨।୧(ଡି.ଏନ୍.ଏ.)**

ଶାମ୍ବଦଶମୀରେ କୋଣାର୍କ ଜଗନ୍ନାଥ ମନ୍ଦିର ପରିସରରେ ବିଶ୍ୱକଲ୍ୟାଣ ସୌର ମହାଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଛି। ସୌର ମହାଯଜ୍ଞ ପରିଚାଳନା ସମିତି ଓ କୋଣାର୍କ ସୁରକ୍ଷା ସମିତି ପକ୍ଷରୁ ଏହି ମହାଯଜ୍ଞ ଚାଲିଥିଲା। ଶ୍ରଦ୍ଧାଳୁମାନେ ଚନ୍ଦ୍ରଭାଗାରେ ସ୍ନାନ ସାରି ସୂର୍ଯ୍ୟ ଦର୍ଶନ କରିଥିଲେ। ଅପରାହ୍ନରେ ଶ୍ରୀଜଗନ୍ନାଥ ମନ୍ଦିରରୁ ଆଧ୍ୟାତ୍ମିକ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରା ସୂର୍ଯ୍ୟ ମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରିବା ପରେ ଜଗମୋହନ ଦ୍ୱାରରେ ସୂର୍ଯ୍ୟ ପୂଜା କରାଯାଇଥିଲା। ଶାମ୍ବଦଶମୀରେ ସୂର୍ଯ୍ୟମନ୍ଦିର ପ୍ରବେଶ ଶୁଳ୍କ ଛାଡ଼ ହୋଇଥିବାରୁ ପର୍ଯ୍ୟଟକଙ୍କ ଭିଡ଼ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଭାଗୀରଥି ସ୍ୱାଇଁ, ରାମକୃଷ୍ଣ ମହାନ୍ତି, ରଘୁନାଥ ମହାପାତ୍ର, ନିରଞ୍ଜନ ତ୍ରିପାଠୀ, ପ୍ରତାପ କାଣ୍ଡି ପ୍ରମୁଖ ପରିଚାଳନା କରିଥିଲେ।



ପୁରୀଠାରେ ବୁଧବାର ମହାନ ସଂଗ୍ରାମୀ ଚାଖି ଖୁଣ୍ଟିଆଙ୍କ ୨୦୦ତମ ଜୟନ୍ତୀ ପାଳନ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।



ସ୍ୱର ସମ୍ରାଜ୍ଞୀ ଲତା ମଙ୍ଗେସକରଙ୍କ ସୁସ୍ଥତା କାମନା କରି ବୁଧବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।


ଭୁବନେଶ୍ୱର ସୂଚନା ଓ ଲୋକସମ୍ପର୍କ ବିଭାଗ ସମ୍ମିଳନୀ କକ୍ଷରେ ବୁଧବାର ବିପ୍ଳବୀ ଚକରା ବିଷୋୟୀଙ୍କ ୧୯୯ତମ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

## ଆଦିବାସୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବାରଙ୍ଗ,(ଡି.ଏନ୍.ଏ.): ମେଣ୍ଢାଶାଳ ହରିଡ଼ାମଡ଼ା ଗ୍ରାମରେ ଚାଲିଥିବା ୩୫ତମ ଆଦିବାସୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଦୋରିହା ସହ ଗାଡକଣ ଟିମ୍ କେହି କାହାକୁ ଗୋଲ ଦେଇପାରି ନ ଥିଲେ। ତେବେ ଟାଇବ୍ରେକର ସହାୟତାରେ ୫-୦ଗୋଲରେ ଗାଡକଣ ଦଳ ଚାମ୍ପିୟନ ହୋଇଛି। ଜଟଣୀ ବିଧାୟକ ସୁରେଶ ରାଉତରାୟ, ନାରୀନେତ୍ରୀ କୌଶଲ୍ୟା ବଳିୟାରସିଂହ, ପିଣ୍ଟୁ ପାତ୍ର, ସରୋଜ ବେହେରା, ବିଷ୍ଣୁପ୍ରସାଦ ବାହିନୀପତି ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଫକୀର ଚରଣ ବେହେରା ଧନ୍ୟବାଦ ଦେଇଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଆର୍ଟ ଭିଜନ ପକ୍ଷରୁ ଏକ୍ସପ୍ଲୋରେଶନ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

## ସଂକ୍ଷେପରେ

### ଯୁବକଙ୍କ ଚରିତ୍ର ବିକାଶ ଉତ୍ତମ ରାଷ୍ଟ୍ରର ମୂଳଦୁଆ

ଭୁବନେଶ୍ୱର,୧୨।୧(ବ୍ୟୁରୋ): ଯୁବ ଦିବସ ଅବସରରେ ବୁଧବାର ରିଜିଓନାଲ ଆଉଟରିଚ୍ ବ୍ୟୁରୋ (ଆରଓବି) ଓ ପ୍ରେସ୍ ଇନ୍‌ଫରମେଶନ ବ୍ୟୁରୋ (ପିଆଇବି) ପକ୍ଷରୁ 'ସ୍ୱାମୀ ବିବେକାନନ୍ଦଙ୍କ ସ୍ୱପ୍ନର ଭାରତ' ଉପରେ ଏକ ଆଲୋଚନାଚକ୍ର ଭର୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଆରଓବି ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଉଦ୍‌ଘାଟନ କରି କହିଲେ, ଯଦି ଆମେ ସ୍ୱାମୀ ବିବେକାନନ୍ଦଙ୍କ ସ୍ୱପ୍ନର ଭାରତକୁ ତିଆରି କରିବାକୁ ଚାହୁଁଛେ, ତେବେ ଆମକୁ ଆମର ଅନ୍ତରାତ୍ମାର ସ୍ୱରକୁ ଶୁଣି ତା' ଉପରେ ବିଶ୍ୱାସ ରଖିବାକୁ ହେବ। ଏହା ବାହ୍ୟ ଚାକଚକ୍ୟରେ ନିଜକୁ ବିଚଳିତ ନକରି ସର୍ବଦା ଆମର ଲକ୍ଷ୍ୟ ପଥରେ ଅଗ୍ରସର କରାଇବ। ପିଏମ୍ ଯୁବା ମେଣ୍ଟରସିପ୍ ପୁରସ୍କାର ବିଜେତା ଦିଲେଶ୍ୱର ରଣା କହିଲେ, ସ୍ୱାମୀଜୀ ସର୍ବଦା ଯୁବକଙ୍କ ଚରିତ୍ରର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରୁଥିଲେ, ଯାହା ଉତ୍ତମ ରାଷ୍ଟ୍ରର ମୂଳଦୁଆ। ଯୁବ କବି ପ୍ରଶାନ୍ତ ଦାସ, ସିପୁନ ଜେନା ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ।

### ଉତ୍କଳ ସମ୍ମିଳନୀ ସମାଚାର ପତ୍ରିକା ଉନ୍ମୋଚିତ

ଭୁବନେଶ୍ୱର,୧୨।୧(ବ୍ୟୁରୋ): ଜାତୀୟ ଯୁବ ଦିବସ ଅବସରରେ ବୁଧବାର ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟଠାରେ ଉତ୍କଳ ପ୍ରସଙ୍ଗ ଓ ଓଡିଶା ରିଭ୍ୟୁ ପତ୍ରିକାର ସମ୍ପାଦକ ଡ. ଲେନିନ୍ ମହାନ୍ତିଙ୍କ ଦ୍ୱାରା ଉତ୍କଳ ସମ୍ମିଳନୀ ସମାଚାର ପତ୍ରିକା ଉନ୍ମୋଚିତ ହୋଇଯାଇଛି। ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ତଥା ସମାଚାର ପତ୍ରିକାର ମୁଖ୍ୟ ସମ୍ପାଦକ ଅଧିବକ୍ତା ଦିଲୀପ ଦାଶଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଡ. ଲେନିନ୍ ମହାନ୍ତିଙ୍କୁ ଉତ୍କଳ ସମ୍ମିଳନୀ ଫଳକ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଉପଦେଷ୍ଟା ନିରଞ୍ଜନ ଦାଶ ଓ ନିମାଇଁ ଚରଣ ଦାସ, ଉପ-ସଭାପତି ବିଚିତ୍ର କୁମାର ବଡଜେନା ଓ ଡ. ସୁରେନ୍ଦ୍ର ମିଶ୍ର, ଭୁବନେଶ୍ୱର ଶାଖା ସଭାପତି ବିଭୂତି ମିଶ୍ର, ମଞ୍ଚେଶ୍ୱର ଶାଖା ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, କାର୍ଯ୍ୟନିର୍ବାହୀ ସଦସ୍ୟ ମହେଶ୍ୱର ବିଶ୍ୱାଳ ଓ ବଂଶୀଧର ଭୋଇ ପ୍ରମୁଖ ଯୋଗଦେଇଥିଲେ।

### ଜମି ବିବାଦକୁ ନେଇ ଉତ୍ତେଜନା

ପୁରୁଣା ଭୁବନେଶ୍ୱର,୧୨।୧(ଡି.ଏନ୍.ଏ.): ଶ୍ରୀଲିଙ୍ଗରାଜ ଥାନା ଅଧୀନ ରାଧାକୃଷ୍ଣ ନଗରରେ ବୁଧବାର ଜମି ବିବାଦକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ଘଟଣାର ତଦନ୍ତ ଚଳାଇଛି। ଖବର ଅନୁଯାୟୀ, ଏହି ଅଞ୍ଚଳରେ ଥିବା ୫୭୦ ଡିସିମିଲ ଜାଗାକୁ ଜଣେ ବ୍ୟକ୍ତି ପାୱାର ଅଫ୍ ଆଟର୍ନି ବଳରେ ହସ୍ତାନ୍ତର କରିଥିଲେ। ଜମି ନେଇଥିବା ୩୧ଜଣ କଲୋନୀ ବାସିନ୍ଦା ପରେ କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ଦୀର୍ଘବର୍ଷ ପରେ ଜମି ହସ୍ତାନ୍ତର କରିଥିବା ଜମି ମାଲିକ ପୁନଃ ଏଠାରେ ଦଖଲ କରିବା ସହ କାମ ଚାଲିଥିବା କିଛି ପାଚେରି ଭଙ୍ଗାରୁଜା କରି ଲୋକଙ୍କୁ ହଇରାଣ କରୁଛନ୍ତି। ଏହାକୁ ନେଇ ଜମି ନେଇଥିବା ଲୋକେ ବିରୋଧ କରିବାରୁ ସେ ନାନା ଧମକ ଦେଉଥିବା ଅଭିଯୋଗ କରିଛନ୍ତି। ଏପରିକି ମଙ୍ଗଳବାର ସନ୍ଧ୍ୟାରେ ପଥର ବୋଝେଇ ହାଇୱାକୁ ଅଟକାଇ ଦେବାରୁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଇବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ସାଇଡ୍‌ମରାରୁ ହୋଇଥିଲା ଗଣ୍ଡଗୋଳ

**ସୁନ୍ଦରପଦାରେ ଦୀପକ ହତ୍ୟା ଘଟଣା**

- ପାଟି ନ କରିବାକୁ କହିବା ମହଙ୍ଗା ପଡ଼ିଲା
- ଆଉ ୨ ଅଭିଯୁକ୍ତ ଗିରଫ, ମାରଣାସ୍ତ୍ର ଜବତ

ଭୁବନେଶ୍ୱର,୧୨।୧(ବ୍ୟୁରୋ)


ଗିରଫ ଅଭିଯୁକ୍ତ, ଜବତ ମାରଣାସ୍ତ୍ର।

ସୁନ୍ଦରପଦାର ଦୀପକ କୁମାର ରାଉତରାୟଙ୍କ ହତ୍ୟା ମାମଲାରେ ଏୟାରଫିଲ୍ଡ ଥାନା ପୋଲିସ ଆଉ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଥିସହ ଘଟଣାର ରହସ୍ୟ ଉନ୍ମୋଚନ କରିଛି। ଗାଡି ସାଇଡ୍‌ମରାରୁ ଗଣ୍ଡଗୋଳ ଘଟିଥିବାବେଳେ ପାଟି ବନ୍ଦ କରିବାକୁ କହିବାରୁ ନିରୀହ ଦୀପକଙ୍କୁ ଅଭିଯୁକ୍ତମାନେ ହତ୍ୟା କରିଥିବା କମିଶନରେଟ ପୋଲିସ ସୂଚନା ଦେଇଛି। ଗିରଫ ୨ ଅଭିଯୁକ୍ତ ହେଲେ କପିଳେଶ୍ୱର ଗ୍ରାମର ପ୍ରଭୁପ୍ରସାଦ ମଲିଆ ଓରଫ ରାଜା(୨୮) ଓ ଅଭିଷେକ ମଲିଆ ଓରଫ ତପୁ(୨୧)। ଉଭୟଙ୍କ ଠାରୁ ହତ୍ୟାରେ ବ୍ୟବହୃତ ମାରଣାସ୍ତ୍ରକୁ ପୋଲିସ ଜବତ କରିଛି। ଅନ୍ୟପକ୍ଷରେ ପୂର୍ବରୁ ଗିରଫ ହୋଇ ରିମାଣ୍ଡରେ ଆସିଥିବା ୩ ଅଭିଯୁକ୍ତ ଦେବୀପ୍ରସାଦ ମଲିଆ ଓରଫ ବିକି, ସୁଜିତ୍ ପଣ୍ଡା ଓରଫ ରକି ଓ ଗୁନୁ ମାଲିଆଙ୍କ ୫ ଦିନିଆ ରିମାଣ୍ଡ ଅବଧି ସରିବା ପରେ ବୁଧବାର ଜେଲ୍ ଯାଇଛନ୍ତି। ଏହି ମାମଲାରେ ସମ୍ପୃକ୍ତ ରକିଙ୍କ ସମେତ ଅନ୍ୟ ସହଯୋଗୀମାନଙ୍କୁ ଧରିବାକୁ ତଦନ୍ତ ଜାରି ରହିଥିବା ପୋଲିସ କହିଛି। ସୂଚନା ଅନୁଯାୟୀ, ଗତ ୩୧ ତାରିଖ ରାତିରେ ନୂଆସାହି ହଜ୍ ପୋଖରୀ ପାଖରେ ବିଭିନ୍ନ ଗୋଷ୍ଠୀ ଭୋଜିଭାତ କରୁଥିଲେ। ସେଠାରେ ଅଭିଯୁକ୍ତମାନେ ମଧ୍ୟ ଭୋଜି କରୁଥିଲେ। ଏହି ସମୟରେ କପିଳପ୍ରସାଦର ଗୁନୁ ଓ ରକି ସୁନ୍ଦରପଦା ଗୋଷ୍ଠୀ ଭୋଜି କରୁଥିବା ସ୍ଥାନ ଦେଇ ବାଇକ ନେଇ ଯାଇଥିଲେ। ବାଇକ୍ ସାଇଡ୍‌ମରାକୁ ନେଇ ସେଠାରେ ପାଟିତୁଣ୍ଡ ହୋଇଥିଲା। ଏହାପରେ ଉଭୟ ସେଠାରୁ ଚାଲିଆସି ଅନ୍ୟ ସହଯୋଗୀଙ୍କୁ ଜଣାଇଥିଲେ। କିଛି ସମୟ ପରେ ଗୁନୁ, ରକି ଓ ବିକି ସେମାନଙ୍କ ନିକଟକୁ ଯାଇ ଝଗଡା କରିଥିଲେ। ଉଭୟ ଗୋଷ୍ଠୀ ମାରପିଟ ଲାଗିବାରୁ ଏଥିରେ ବିକି ଆହତ ହୋଇଥିଲେ। ପ୍ରତିଶୋଧ ନେବା ପାଇଁ ବିଳମ୍ବିତ ରାତିରେ ୧୦ରୁ ଊର୍ଦ୍ଧ୍ୱ ଯୁବକ ମାରଣାସ୍ତ୍ର ଧରି ସେଠାରେ ପହଞ୍ଚିଥିଲେ। ଏହା ଦେଖି ସୁନ୍ଦରପଦାର ଯୁବକମାନେ ଭୟରେ ଦୌଡ଼ି ପଳାଇ ଯାଇଥିଲେ। ହେଲେ ଏହି ସମୟରେ ନିକଟସ୍ଥ ଷଣ୍ଢ କ୍ଲବରେ ଶୋଇଥିବା କପିଳପ୍ରସାଦ ଗ୍ରାମର ଦୀପକ ଉଠି ସେମାନଙ୍କୁ ବଡ଼ପାଟି ନ କରି ଚାଲିଯିବାକୁ କହିଥିଲେ। ଏଥିରେ ଅଭିଯୁକ୍ତମାନେ ଉତ୍କ୍ଷିପ୍ତ ହୋଇ ଦୀପକଙ୍କୁ ମାରଣାସ୍ତ୍ରରେ ହାଣି ଦେଇଥିଲେ। ସେ ତଳେ ପଡ଼ି ଛଟପଟ ହେଉଥିବାବେଳେ ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ।


ଭୁବନେଶ୍ୱରସ୍ଥିତ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଉତ୍କଳ ସମ୍ମିଳନୀ ସମାଚାର ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ମହିଳା ମୃତ୍ୟୁ ପରେ ହାଇୱା ଜାଳିଦେବା ଘଟଣା**

## ଡ୍ରାଇଭର ସମେତ ୪ ଗିରଫ

ବାଲକାଟୀ,୧୨।୧(ଡି.ଏନ୍.ଏ.)

ବାଲକାଟୀ ଫାଣ୍ଡି ଅଧୀନ କେନାଲ ବ୍ରିଜ୍ ନିକଟରେ ମଙ୍ଗଳବାର ରାତିରେ ଏକ ହାଇୱା ଧକ୍କାରେ ସ୍କୁଟିରେ ଥିବା ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ହାଇୱାକୁ ଜାଳିଦେଇଥିଲେ। ଏହାକୁ ନେଇ ବାଲିଅନ୍ତା ଥାନା ପୋଲିସ ନିଜ ଆଡୁ ଏକ ମାମଲା(ନଂ. ୧୫/୨୨) ରୁଜୁ କରି ଉକ୍ତ ଫାଣ୍ଡି ଅଞ୍ଚଳର ୩ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ରଥିଯେମା ଗ୍ରାମର ମିଥୁନ ସାହୁ, ବସନ୍ତପେଡ଼ି ଗ୍ରାମର ରଜତ ମହାନ୍ତି ଓ ରଣଜିତ ପ୍ରଧାନ। ଅନ୍ୟପଟେ ଦୁର୍ଘଟଣା ପରେ ଫେରାର ହୋଇଯାଇଥିବା ହାଇୱା ଡ୍ରାଇଭରଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ନୂଆପାଟଣାର ଭୀମସେନ ସେଠୀ। ଏ ନେଇ ପୋଲିସ ଏକ ମାମଲା (ନଂ.୧୬/୨୨) ରୁଜୁ କରିଛି। ସୂଚନା ଅନୁଯାୟୀ, ଧଉଳି ଥାନା ଅଞ୍ଚଳର ଝରଣା ପ୍ରଧାନ ସ୍ୱାମୀଙ୍କ ସହ ବାଲିପାଟଣାସ୍ଥିତ ତରଡ଼ାପଡ଼ା ଗ୍ରାମ ଶ୍ୱଶୁରଘରକୁ ରାତିରେ ସ୍କୁଟିରେ ଆସୁଥିଲେ। ବସନ୍ତଯୋଡ଼ି ବ୍ରିଜ ନିକଟରେ ଉକ୍ତ ହାଇୱାଟି ଦ୍ରୁତଗତିରେ ଆସି ସ୍କୁଟିକୁ ଧକ୍କା ଦେଇଥିଲା। ଏଥିରେ ଝରଣାଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସ୍ୱାମୀ ବର୍ତ୍ତିଯାଇଥିଲେ। ଏହାକୁ ନେଇ ସ୍ଥାନୀୟ ଲୋକେ ହାଇୱାକୁ ପୋଡ଼ାଜଳା କରିଥିଲେ।

# ମେଳା, ମହୋତ୍ସବରେ ଲାଗିଲା କଟକଣା

ଭୁବନେଶ୍ୱର, ୧୨।୧(ବ୍ୟୁରୋ)

କୋଭିଡ୍ ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ସ୍ଥାନୀୟ ମେଳା ଓ ମହୋତ୍ସବ ପାଳନ ଉପରେ ସରକାର କଟକଣା ଜାରି କରିଛନ୍ତି। ଏ ନେଇ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆର୍‌ସି) ବୁଧବାର ସମସ୍ତ ଜିଲାପାଳ, ଏସ୍‌ପି, ମହାନଗର ନିଗମ କମିଶନର, ପୋଲିସ କମିଶନରଙ୍କୁ ଚିଠି ଲେଖି ଜଣାଇଛନ୍ତି। ନଦୀଘାଟ, ପୁଷ୍କରିଣୀ ଏବଂ ସମୁଦ୍ରରେ ବୁଡ଼ ପକାଇବା ଏବଂ ସମାଗମକୁ ବାରଣ କରାଯାଇଛି। ସେହିପରି ମେଳା ଆୟୋଜନ ଓ ପାଳନ ହୋଇପାରିବ ନାହିଁ। ଧାର୍ମିକ ସମାବେଶକୁ ମଧ୍ୟ ମନା କରାଯାଇଛି। ପରମ୍ପରା ରକ୍ଷା ପାଇଁ ଧାର୍ମିକ ସ୍ଥଳରେ କମ୍ ସଂଖ୍ୟକ ସେବାୟତ ଓ କର୍ମଚାରୀଙ୍କୁ ଅନୁମତି ଦିଆଯାଇଛି। ନିଜ ଘରେ ପରିବାର ସଦସ୍ୟଙ୍କ ସହ କୋଭିଡ୍ ନିୟମ ମାନି ପୂଜା କରିବାକୁ ସରକାର ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ସ୍ଥାନୀୟ ସ୍ଥିତିକୁ ବିଚାର କରି ଆବଶ୍ୟକସ୍ଥଳେ ଧର୍ମାନୁଷ୍ଠାନକୁ ଶ୍ରଦ୍ଧାଳୁଙ୍କ ପ୍ରବେଶ ନେଇ ଉପଯୁକ୍ତ କଟକଣା ଜାରି କରାଯିବ। ପର୍ବପର୍ବାଣି ଓ ପୂଜାରେ କେତେ ସଂଖ୍ୟକ ଲୋକ ଯୋଗଦେବେ ତାହା ଜିଲାପାଳ ଓ ମହାନଗର ନିଗମ କମିଶନର ସ୍ଥିର କରିବେ। ନିୟମର ଉଲ୍ଲଂଘନ କରାଗଲେ ସ୍ଥାନୀୟ କର୍ତ୍ତୃପକ୍ଷ କଠୋର କାର୍ଯ୍ୟାନୁଷ୍ଠାନ ନେଇପାରିବେ ବୋଲି ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି।

# ୨ଦିନିଆ ଓଡ଼ିଶୀନୃତ୍ୟ ମହୋତ୍ସବ ଆରମ୍ଭ

**୨୫ବର୍ଷରେ ଆର୍ଟ ଭିଜନ ଡ୍ୟାନ୍ସ ଏକାଡେମୀ**

ଭୁବନେଶ୍ୱର,୧୨।୧(ବ୍ୟୁରୋ)

ଶିବ ଉପାସନାରୁ ଆରମ୍ଭ ହୋଇଥିଲା ଓଡ଼ିଶୀ ନୃତ୍ୟ ମହୋତ୍ସବ 'ଏକ୍ସପ୍ଲୋରେଶନ୍ସ'ର ପ୍ରଥମ ସନ୍ଧ୍ୟା। ନୃତ୍ୟଶିଳ୍ପୀ ଉପାସନା ମହାନ୍ତି ଓ ଅନ୍ୱେଷା ପାଢ଼ୀ ମଙ୍ଗଳାଚରଣରେ କପାଳିକା ଶିବ ପରିବେଷଣ କରି ଏକ ନିଆରା ଆଧ୍ୟାତ୍ମିକ ପରିବେଷଣ ସୃଷ୍ଟି କରିଥିଲେ। ପରେ ଭଙ୍ଗୀ, ସ୍ପର୍ଶ ଓ ଦଶ ମହାବିଦ୍ୟାରେ ଶିଳ୍ପୀଙ୍କ ନୃତ୍ୟ ସହ ବାଦ୍ୟର ଯୁଗଳବନ୍ଦୀ ବେଶ୍ ଆକର୍ଷଣୀୟ ଥିଲା। ଅବସର ଥିଲା ଆର୍ଟ ଭିଜନ ଡ୍ୟାନ୍ସ ଏକାଡେମୀର ୨୫ତମ ବର୍ଷ ପାଳନ। ବୁଧବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଆରମ୍ଭ ହୋଇଥିବା ଏହି ଦୁଇଦିନିଆ ନୃତ୍ୟ ମହୋତ୍ସବରେ ପଦ୍ମଶ୍ରୀ ଇଲିଆନା ଚିତାରିଷ୍ଟଙ୍କ କୋରିଓଗ୍ରାଫିରେ ଶିଳ୍ପୀ ମୌସୁମୀ ମହାପାତ୍ର, ଦିବ୍ୟ ସୁପକାର, କଶିଷ ଭାରତୀ, ଶୁଭଶ୍ରୀ ମହାପାତ୍ର, କଲ୍ୟାଣୀ ମହାପାତ୍ର, ପ୍ରିଦର୍ଶିନୀ ମହାପାତ୍ର, ରୁଷାଲି ରୋଷଦ୍ୱା, ରୋସାଲିନ ସାହୁ, ଶ୍ୱେତପଦ୍ମା ପାଲଟାସିଂ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ସଚ୍ଚିଦାନନ୍ଦ ଦାସ, ସୁରେନ୍ଦ୍ର ମହାରଣା, ସଙ୍ଗୀତା ପଣ୍ଡା, ରମେଶଚନ୍ଦ୍ର ଦାସ ଓ ପର୍ଶୁରାମ ଦାସ ବାଦ୍ୟଯନ୍ତ୍ରରେ ସହାୟତା କରିଥିଲେ। ସଙ୍ଗୀତା ଗୋସାଇଁ ମଞ୍ଚ ପରିଚାଳନା କରିଥିଲେ। ବିଶିଷ୍ଟ ଲେଖକ ତଥା ଭାଷାବିତ୍ ଦେବୀ ପ୍ରସନ୍ନ ପଟ୍ଟନାୟକ ଓ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପାଟ୍ଟଶାଣୀ କହିଛନ୍ତି, ଇଲିଆନା ମାନେ ଶୁଭ। ଜଣେ ବିଦେଶିନୀ ହୋଇ ମଧ୍ୟ ସେ ଓଡ଼ିଶାର ସଂସ୍କୃତି, ପରମ୍ପରାର ମାନ ବେଶ୍ ଉଚ୍ଚରେ ରଖିଛନ୍ତି। ପଦ୍ମଶ୍ରୀ ପୁରସ୍କାର ତାଙ୍କ ପ୍ରତିଭା ଆଗରେ କିଛି ନୁହେଁ ବୋଲି ସେ କହିଛନ୍ତି। ବସୁଧୈବ କୁଟୁମ୍ବକମ୍ ପରି ଇଲିଆନା ଆମ ପରିବାରର ସଦସ୍ୟ ବୋଲି କହିଛନ୍ତି ଅନ୍ୟତମ ଅତିଥି ଦେବୀ ପ୍ରସନ୍ନ ପଟ୍ଟନାୟକ। ଓଡ଼ିଶୀକୁ ନେଇ ବିଶ୍ୱ ସ୍ତରରେ ପହଞ୍ଚାଇବାରେ ତାଙ୍କ ଅବଦାନ ଅତୁଳନୀୟ ବୋଲି ସେ କହିଛନ୍ତି। ୨୫ବର୍ଷ ଭିତରେ ଅନେକ କଳାକାର ଏହି ଏକାଡେମୀ ସହ ଯୋଡ଼ି ହୋଇଥିବା କହିଛନ୍ତି ଏହାର ପ୍ରତିଷ୍ଠାତା ପଦ୍ମଶ୍ରୀ ଇଲିଆନା ଚିତାରିଷ୍ଟ। ଏଥିପାଇଁ ସମସ୍ତଙ୍କୁ ସେ ଧନ୍ୟବାଦ ଦେବା ସହ କୃତଜ୍ଞତା ଜଣାଇଥିଲେ। ଏଥିସହ ବାଦକ ମଣ୍ଡଳୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆର୍ଟ ଭିଜନ ଫେସ୍‌ବୁକ୍ ପେଜ୍‌ରେ ଦେଖିବାର ବ୍ୟବସ୍ଥା କରାଯାଇଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସୌମ୍ୟକାନ୍ତ


@ ପ୍ରଭାତ


@ ସୁବ୍ରତ


@ ମୋନାଲିସା


@ ଅର୍ପିତା


@ ମନୁଶ୍ରୀ

# ଆଦିବାସୀଙ୍କ ମଧ୍ୟରେ ବିପ୍ଳବର ଅଗ୍ନିଶିଖା ଜାଗୃତ କରିଥିଲେ ଚକରା ବିଷୋୟୀ

ଭୁବନେଶ୍ୱର,୧୨।୧(ବ୍ୟୁରୋ)

ତତ୍କାଳୀନ ଘୁମୁସର ରାଜ୍ୟ ଥିଲା ପ୍ରଭାବଶାଳୀ ଓ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ। ବ୍ରିଟିଶରଙ୍କଠାରୁ ଜନ୍ମଭୂମିକୁ ସୁରକ୍ଷିତ ରଖିବା ପାଇଁ ବିପ୍ଳବର ଅଗ୍ନିଶିଖାକୁ ସ୍ୱାଧୀନଚେତା ତଥା ଦୁର୍ଦ୍ଦଷ ଆଦିବାସୀଙ୍କ ମଧ୍ୟରେ ଜାଗୃତ କରିବାରେ ବିପ୍ଳବୀ ଚକରା ବିଷୋୟୀ ନେତୃତ୍ୱ ନେଇଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ସମ୍ମିଳନୀ କକ୍ଷରେ ବୁଧବାର ସଂଗ୍ରାମୀ ଚକରା ବିଷୋୟୀଙ୍କ ୧୯୯ତମ ଜୟନ୍ତୀ ଉତ୍ସବରେ ଅତିଥିମାନେଏହା କହିଥିଲେ। ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ନିରଞ୍ଜନ ସେଠୀ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ ମହାନ୍ତି, ଅତିରିକ୍ତ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡ଼ା, ଯୁଗ୍ମ ନିର୍ଦ୍ଦେଶକ ମାନସ ରଞ୍ଜନ ଖୁଣ୍ଟିଆ ଏବଂ ସନ୍ତୋଷ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ।



ପୁରୀଠାରେ ବୁଧବାର ମହାନ୍ ସଂଗ୍ରାମୀ ଚାଖି ଖୁଣ୍ଟିଆଙ୍କ ୨୦୦ତମ ଜୟନ୍ତୀ ପାଳନ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।



ସୁର ସମ୍ରାଜ୍ଞୀ ଲତା ମଙ୍ଗେସକରଙ୍କ ସୁସ୍ଥତା କାମନା କରି ବୁଧବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।


ଭୁବନେଶ୍ୱର ସୂଚନା ଓ ଲୋକସମ୍ପର୍କ ବିଭାଗ ସମ୍ମିଳନୀ କକ୍ଷରେ ବୁଧବାର ବିପ୍ଳବୀ ଚକରା ବିଷୋୟୀଙ୍କ ୧୯୯ତମ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।